



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-327 •BHUBANESWAR •MONDAY •26 MAY 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୨ •ସଂଖ୍ୟା-୩୨୭ •ଭୁବନେଶ୍ୱର •ସୋମବାର •୨୬ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





# ଲାଲୁ ପରିବାରରେ ଝଡ଼



■ ବଡ଼ ପୁଅ ତେଜ ପ୍ରତାପ ଦଳରୁ ବହିଷ୍କୃତ
■ ପରିବାରରୁ ମଧ ତଡ଼ା ଖାଇଲେ
■ ଭାଇରାଲ ହେଉଛି ମହିଳାଙ୍କ ସହ ତେଜଙ୍କ ଫଟୋ

ପାଟନା, ୨୫।୫ (ଏଜେନ୍ସି): ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଝଡ଼ ସୃଷ୍ଟି ହୋଇଛି। ଏହି ଝଡ଼ ଅଚାନକ ଆସି ଲାଲୁ ପରିବାରକୁ ଭାଗ ଭାଗ କରିଦେଇଛି। ଶେଷରେ ବାପା ବାଧ ହୋଇ ବଡ଼ ପୁଅ ତେଜ ପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳ ଏବଂ ପରିବାରରୁ ବିଦା କରି ଦେଇଛନ୍ତି। ପୁଅ ଦାୟିତ୍ୱହୀନ କାମ କରିଛି ବୋଲି କହିଛନ୍ତି। ଫେସ୍‌ବୁକ୍‌ରେ ଲାଲୁ ନିଜେ ଏହି ସୂଚନା ଦେଇ ପୁଅ ନୈତିକ ମୂଲ୍ୟବୋଧ ଏବଂ ସଂସ୍କାରକୁ ଭୁଲି ଯାଇଥିବା ଅଭିଯୋଗ କରିଛନ୍ତି। ପୁଅର ବ୍ୟକ୍ତିଗତ ଜୀବନ ସାମାଜିକ ନ୍ୟାୟ ପାଇଁ ସାମୂହିକ ସଂଘର୍ଷକୁ ଦୁର୍ବଳ କରୁଛି। ଲୋକଲଜ୍ଜା ଦେଖି ପରିବାରରେ ନୀତି ଆଦର୍ଶରେ ପରିଚାଳିତ ହୋଇ ବିବେକର ସହ ନିଷ୍ପତ୍ତି ନେବାକୁ ଲାଲୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଆଜିଠୁ ଦଳ ଏବଂ ପରିବାରରେ ତେଜପ୍ରତାପଙ୍କ କୌଣସି ଭୂମିକା ରହିବା ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ବିହାର ଏବଂ ଦେଶ ରାଜନୀତିରେ ଚର୍ଚ୍ଚାରେ ଥିବା ଏହି ଘଟଣା ପଛରେ ପୁଅ ତେଜପ୍ରତାପଙ୍କ ପ୍ରେମ କାହାଣୀ ରହିଛି। ଏହି ପ୍ରେମ କାହାଣୀ ଲାଲୁ ପରିବାର ପାଇଁ ଅସହ୍ୟ ହୋଇ ପଡ଼ିଛି।

ଦିନକ ତଳେ ଶନିବାର ସନ୍ଧ୍ୟାରେ ତେଜ ପ୍ରତାପଙ୍କ ସହ ଜଣେ ମହିଳା (ଅନୁଷ୍କା ଯାଦବ) ଙ୍କ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ତେଜପ୍ରତାପଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅପଲୋଡ କରାଯାଇଥିଲା। ଉଭୟେ ୧୨ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିବା କହିଥିଲେ। ସମସ୍ତେ ସ୍ୱୀକାର କରିବେ ବୋଲି ଆଶା କରିଥିଲେ। ମାତ୍ର ଏହାର କିଛି ସମୟ ପରେ ସବୁ କିଛି ବଦଳି ଯାଇଥିଲା। ନିଜ ପରିବାର ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ତୀବ୍ର ବିରୋଧ କରିଥିଲା। ଏଥିପାଇଁ ଲାଲୁଙ୍କ ବଡ଼ ତନୟଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଥିଲା। ସେ ଆଇଡି ହ୍ୟାକ ହୋଇଯାଇଥିବା ଏବଂ କେହି ଏଡିଟିଂ କରି ଫଟୋ ଅପଲୋଡ୍ କରିଥିବା କହିଥିଲେ। କିନ୍ତୁ ଏହା ପରେ ପରେ ସେହି ମହିଳାଙ୍କ ସହ ତେଜପ୍ରତାପଙ୍କ ୬ଟି ଫଟୋ ଏବଂ ୨ଟି ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ଉଭୟେ 'କରବା ଚୌଥ' ପାଳୁଥିବା ଫଟୋ ମଧ ସାମିଲ ଥିଲା। ତେଜପ୍ରତାପ ଦ୍ୱିତୀୟ ବିବାହ କରି ସାରିଥିବା ଲୋକେ ଅନୁମାନ କରୁଛନ୍ତି। କିନ୍ତୁ ଲାଲୁ ପରିବାରର ଏହି ଝଡ଼କୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ରାଚେଲ ଗୋଡିହ୍ନୋଙ୍କ ସହ ସାନ ପୁଅ ତେଜସ୍ୱୀର ପ୍ରେମ ବିବାହ କରାଇଥିବା ଲାଲୁ ଏହି ବିବାହରେ କାହିଁକି ରାଜି ନ ଥିଲେ ବୋଲି ପ୍ରଶ୍ନ ଉଠୁଛି।

ଯଦି ତେଜପ୍ରତାପ ୧୨ ବର୍ଷ ହେଲା ଭଲ ପାଉଥିଲେ ତେବେ ୨୦୧୮ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦାରୋଗା ରାୟଙ୍କ ନାତୁଣୀ ଐଶ୍ୱର୍ଯ୍ୟା ରାୟଙ୍କୁ ବିବାହ କରିବାକୁ କାହିଁକି ରାଜି ହୋଇଥିଲେ? ଏହା ପଛରେ ପିତା ଏବଂ ପରିବାରର ଚାପ ନ ଥିଲା ତ? ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବାପାଙ୍କ କଥାରେ ପଡ଼ି ତେଜପ୍ରତାପ ଆଉ ବାହା ହୋଇ ନ ଥିଲେ? ଏଥିପାଇଁ ତାଙ୍କ ବିବାହ ତିଷ୍ଠି ପାରି ନ ଥିଲା ତ? ସୂଚନାଯୋଗ୍ୟ ଯେ ଏବେ ଐଶ୍ୱର୍ଯ୍ୟ ଏବଂ ତେଜପ୍ରତାପଙ୍କ ବିବାହ ବିଚ୍ଛେଦ ମାମଲା କୋର୍ଟରେ ଚାଲିଛି। ଲାଲୁଙ୍କ ବଡ଼ ପୁଅ ମାଡ଼ ମାରି ଡ୍ରଗ୍ସ ଦେଉଥିଲେ ବୋଲି ଐଶ୍ୱର୍ଯ୍ୟା ଅଭିଯୋଗ କରିଥିଲେ। ଏହି ଖବର ଆସିବା ପରେ ଐଶ୍ୱର୍ଯ୍ୟାଙ୍କ ମା ପୁନମ ରାୟ କହିଥିଲେ ଯେ ପୂର୍ବରୁ ଏ ବିଷୟରେ ସେ ଜାଣିଥିଲେ। ସମସ୍ତେ ଏ ବିଷୟରେ ଜାଣିଛନ୍ତି। ଏଥିରେ କିଛି ଲୁଚାଛପା ନାହିଁ। ସେହିପରି ଏହି ପ୍ରସଙ୍ଗକୁ ନେଇ ତେଜସ୍ୱୀ କହିଛନ୍ତି ଯେ ସେ ଏଭଳି ମାମଲାକୁ ବରଦାସ୍ତ କରନ୍ତିନି। ଭାଇଙ୍କ କ୍ଷେତ୍ରରେ ରାଜନୈତିକ ଏବଂ ବ୍ୟକ୍ତିଗତ ଜୀବନ ଅଲଗା ଅଲଗା ହୋଇଥାଏ। ନିଜ ନିଷ୍ପତ୍ତି ନେବାରେ ସେ ସ୍ୱାଧୀନ।

# ତୁଣ୍ଡରେ ଲଗାମ ପାଇଁ ଅମାନିଆଙ୍କୁ ମୋଦୀଙ୍କ ପରାମର୍ଶ



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଏନଡିଏ ନେତାମାନେ ସାଧାରଣରେ ଟିକା ଟିପ୍ପଣୀ ଦେବା ବେଳେ ଶାଳୀନତା ରକ୍ଷା କରନ୍ତୁ ଏବଂ ଅଯଥା କଥା କହି ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ବିଶେଷକରି ଅପରେସନ ସିନ୍ଦୂରକୁ ନେଇ ଏନଡିଏର କିଛି ନେତା ଦେଇଥିବା ଟିପ୍ପଣୀ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ସ୍ଥିତିରୁ ବର୍ତ୍ତିବାକୁ ସେ କହିଛନ୍ତି। ଏନଡିଏ ଶାସିତ ରାଜ୍ୟରେ ସୁଶାସନ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ବିଷୟକୁ ନେଇ ରବିବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏନଡିଏ ନେତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଅଧ୍ୟକ୍ଷତା କରି ଏହା କହିଛନ୍ତି। ଅପରେସନ ସିନ୍ଦୂରରେ ଅସ୍ତ୍ରବିରତି ପ୍ରସଙ୍ଗ ଏବେ ରାଜନୈତିକ ମହଲରେ ସବୁଠୁ ଚର୍ଚ୍ଚିତ ବିଷୟ ହୋଇଥିଲା ବେଳେ ମୋଦୀ ଏ ସମ୍ପର୍କରେ ମଧ ନେତାମାନଙ୍କୁ ସ୍ପଷ୍ଟ କରାଇ ଦେଇଛନ୍ତି। ପାକିସ୍ତାନର ଅନୁରୋଧ ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ମୋଦୀ କହିଛନ୍ତି। କିନ୍ତୁ ଏହି ବିଷୟକୁ ନେଇ କୌଣସି ନେତା ଭୁଲ ତଥ୍ୟ ଦେଇ ଅଯଥା ଟିପ୍ପଣୀ ଦେବା ଉଚିତ ନୁହେଁ। ଏହାଦ୍ୱାରା ଦଳୀୟ ଛବି କ୍ଷୁଣ୍ଣ ହେବା ସହିତ କୌଣସି କାରଣ ନଥାଇ ବିବାଦୀୟ ସ୍ଥିତି ଉପୁଜୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କୌଣସି ନେତା ସାଧାରଣରେ ଯେକୌଣସି ପ୍ରସଙ୍ଗରେ ଟିପ୍ପଣୀ ଦିଅନ୍ତୁ ନା କାହିଁକି , ତାଙ୍କ ବକ୍ତବ୍ୟ ଶାଳୀନ ଏବଂ ଶୃଙ୍ଖଳିତ ହେବା ଉଚିତ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୂରକୁ ନେଇ ବହୁ ବିଜେପି ନେତା ଦେଇଥିବା ବୟାନ ନିକଟରେ ବିବାଦ ସୃଷ୍ଟି କରିଥିଲା। ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଦାଙ୍କ ଭଳି କିଛି ନେତାଙ୍କ ବୟାନ ବିବାଦ ବଢାଇଥିବାରୁ ଏଥିରୁ ନିବୃତ୍ତ ହେବାକୁ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏନଡିଏ ଶାଶିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କିଛି କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ରହିଥିଲେ।

## କାହିଁକି ଛାଡ଼ିଲେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା

ଲଣ୍ଡନ, ୨୫।୫ (ଏଜେନ୍ସି): ହାଇଦରାବାଦରେ ଜାରି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅତିଥିଙ୍କୁ ଖୁସି କରିବା ପାଇଁ ଚାପ ପକାଯାଉଛି। ଅର୍ଥ ଲଗାଣକାରୀଙ୍କ ସହ ସମ୍ପର୍କ ବଢ଼ାଇବାକୁ କୁହାଯାଉଛି। ବେଶ୍ୟା ଭଳି ବ୍ୟବହାର କରାଯାଉଛି। ଆୟୋଜକମାନେ ଅସମ୍ମାନ କରୁଛନ୍ତି। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ଛାଡ଼ି ଚାଲି ଯାଇଥିବା ମିସ୍ ଇଂଲଣ୍ଡ ମିଲା ମାଗି ଇଂଲଣ୍ଡର ଏକ ଖବରକାଗଜକୁ ସାକ୍ଷାତକାର ଦେଇ ଏଭଳି ଗୁରୁତର ଅଭିଯୋଗ ଲଗାଇଛନ୍ତି। ମିସ୍ ୱାର୍ଲ୍ଡର ସିଇଓ ଜୁଲିଆ ମାର୍ଲେ ବିବୃତ୍ତି ଜାରି କରି ଏହି ଅଭିଯୋଗକୁ ଖାରଜ କରିଦେଇଛନ୍ତି। ମା'ଙ୍କ ଦେହ ଖରାପ ଥିବା କହି ମିଲା ପ୍ରତିଯୋଗିତା ଛାଡ଼ିଥିବା କହିଛନ୍ତି।



**ଅତିଥିଙ୍କୁ ଖୁସି କରିବାକୁ ପକା ଯାଉଥିଲା ଚାପ**

ଗତ ୭ ତାରିଖରେ ହାଇଦରାବାଦରେ ପହଞ୍ଚି ଥିବା ମିଲା ୧୬ରେ ପ୍ରତିଯୋଗିତା ଛାଡ଼ି ବ୍ରିଟେନ ଫେରି ଯାଇଥିଲେ। ମିସ୍ ୱାର୍ଲ୍ଡରେ ପ୍ରଥମ ଥର ପାଇଁ ଇଂଲଣ୍ଡର ପ୍ରତିନିଧିତ୍ୱ କରୁଥିବା ପ୍ରତିଯୋଗୀ ଅଚାନକ ବଦଳି ଯାଇଥିଲେ। ମିଲାଙ୍କ ସ୍ଥାନରେ ମିସ୍ ଇଂଲଣ୍ଡ ରନର୍ସ ଅପ୍ ସାମିଲ ହୋଇଥିଲେ। ତେବେ ମିଲା ଅଭିଯୋଗ କରିଥିଲେ ଯେ ପ୍ରତିଯୋଗିତାରେ ଅଧିକ ବୟସର ପୁରୁଷଙ୍କ ସହ ସମୟ ବିତାଇବାକୁ, ଭାବ ବଢ଼ାଇବାକୁ କୁହାଯାଇଥିଲା। ଏଥିପାଇଁ ସବୁ ପ୍ରତିଯୋଗୀଙ୍କୁ ଦିନ ଯାକ ମେକ୍‌ଅପ୍‌ରେ ରହିବାକୁ ପଡୁଥିଲା। ଜଳଖିଆ କରିବା ସମୟରେ ବି ଗାଉନ ପିନ୍ଧିବାକୁ କୁହାଯାଉଥିଲା। ପ୍ରତି ଟେବୁଲରେ ୬ ଜଣ ଅତିଥି ଏବଂ ୨ ଜଣ ଯୁବତୀଙ୍କୁ ବସା ଯାଉଥିଲା। ଅତିଥିଙ୍କୁ ଖୁସି କରିବାକୁ ଝିଅଙ୍କୁ କୁହାଯାଉଥିଲା। ଏହା ଦେଖି ବହୁତ ଖରାପ ଲାଗିଥିଲା। ଏପରି କରି ତାଙ୍କୁ ବେଶ୍ୟା ଭଳି ଅନୁଭବ ହେଉଥିଲା। ଏଠାରେ ଖରାପ ଲାଗିବା ଭଳି ଆଲୋଚନା ହେଉଥିଲା। ଭାଗ ନେଇଥିବା ୧୦୯ ଯୁବତୀଙ୍କୁ ମାଙ୍କଡ଼ ଭଳି ବ୍ୟବହାର କରାଯାଉଥିଲା। ତେଣୁ ଏହାକୁ ବରଦାସ୍ତ କରିପାରିଲି ନାହିଁ ବୋଲି ମିଲା କହିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ସରକାର ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ଚିନ୍ତାରେ ପାକିସ୍ତାନ ସରକାର

## ଅସ୍ତିତ୍ୱ ପାଇଁ ଭାରତ ବିପଦ

ୱାଶିଂଟନ୍,୨୫।୫(ଏଜେନ୍ସି): ଭାରତକୁ ପାକିସ୍ତାନ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସବୁଠୁ ବଡ଼ ବିପଦ ବୋଲି ଚିନ୍ତା କରୁଛି। ଏଥିପାଇଁ ପାକିସ୍ତାନ କ୍ରମାଗତ ଭାବେ ନିଜର ସେନାର ଆଧୁନିକୀକରଣ କରିବା ସହିତ ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ପରମାଣୁ ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିଆସୁଛି ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ଗୁଇନ୍ଦା ଏଜେନ୍ସି ଦ୍ୱାରା ପ୍ରକାଶ କରାଯାଇଥିବା 'ୱାର୍ଲଡ ଥ୍ରେଟ୍ ଆସେସମେଣ୍ଟ ରିପୋର୍ଟ'ରେ କୁହାଯାଇଛି। ପାକିସ୍ତାନର ଅସ୍ତିତ୍ୱ ପାଇଁ ଭାରତ ବିପଦ ହୋଇ ରହିଆସିଛି। ତେଣୁ ପାକିସ୍ତାନ ନିଜର ପରମାଣୁ ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ, ପରମାଣୁ କମାଣ୍ଡ ସେଣ୍ଟରର ରକ୍ଷଣାବେକ୍ଷଣ ଏବଂ ସାମୂହିକ ବିଧ୍ୱଂସକାରୀ ଅସ୍ତ୍ର ମହଜୁଦ ରଖିବାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନ ପାଇଁ ଚୀନ ଭରସାଯୋଗ୍ୟ ହୋଇଛି। ପାକିସ୍ତାନ ଚୀନ୍ ଠାରୁ ମିଲିଟାରୀ ସହାୟତା ହାସଲ କରିବା ସହିତ ଏଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଏବଂ ଚୀନ୍ ସେନା ସହିତ ମିଳିତ ସମରାଭ୍ୟାସ କରିବାକୁ ଗୁରୁତ୍ୱ ଦେଇଛି ବୋଲି କୁହାଯାଇଛି। ଏପରିକି 'ଡବ୍ଲ୍ୟୁଏମଡି (ୱିପନସ୍ ଅଫ୍ ମାସ୍ ଡିଷ୍ଟ୍ରକ୍ସନ)' କ୍ରୟ କରିବାକୁ ମଧ ପାକିସ୍ତାନ ଚୀନ୍‌କୁ ଭରସା କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

## 'ଯୁଦ୍ଧ ଲଗାଇ ଅର୍ଥ ଉପାର୍ଜନ କରୁଛି ଆମେରିକା'

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଆମେରିକା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆମେରିକା ଅର୍ଥ ଉପାର୍ଜନ କରିବାକୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲଗାଇବାକୁ ପଛାଉ ନାହିଁ। ଦେଶ ଦେଶ ମଧ୍ୟରେ ଶତ୍ରୁତା ବଢାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ରଣନୀତି ପ୍ରସ୍ତୁତ କରିବା ସହିତ ଅର୍ଥ ଉପାର୍ଜନ କରୁଛି ବୋଲି ସେ କହିଛନ୍ତି। ଆମେରିକା ବିରୋଧରେ ଖୱାଜା ଆସିଫଙ୍କ ଏଭଳି ରୋଚକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଂଲାଦେଶକୁ ଆମେରିକା ହାତରେ ଟେକିଦେଇଛନ୍ତି ୟୁନୁସ୍ : ହାସିନା



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ନେଇ ଏବେ ରାଜନୈତିକ ଦୃଶ୍ୟପଟ୍ଟରେ ଭିନ୍ନ ସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ ବାଂଲାଦେଶ ସେନା ମୁଖ୍ୟ ୱାକର ଜମାନ ୟୁନୁସ୍ ବିରୋଧୀ ହୋଇ ପଡ଼ିଥିଲା ବେଳେ ଅନ୍ୟପଟେ ନିର୍ବାଚନ ହେଉ ନଥିବାରୁ ବହୁ ରାଜନୈତିକ ଦଳ ୟୁନୁସ୍‌ଙ୍କ ଆଭିମୁଖ୍ୟକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୟୁନୁସଙ୍କୁ ନେଇ ବଡ଼ ଅଭିଯୋଗ ଆଣିଛନ୍ତି। ୟୁନୁସ ବାଂଲାଦେଶକୁ ଆମେରିକା ହାତରେ ବିକ୍ରି କରିଦେବାକୁ ଯୋଜନା କରିଛନ୍ତି ବୋଲି ହସିନା କହିଛନ୍ତି। ହସିନା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ, 'ୟୁନୁସ୍ କଠୋରପନ୍ଥୀ ସଂଗଠନଗୁଡିକୁ ହାତ କରି କ୍ଷମତା ଦଖଲ କରିଛନ୍ତି। ଏପରିକି ଯେଉଁସବୁ ସଂଗଠନଗୁଡିକୁ ଆନ୍ତର୍ଜାତିକ ସ୍ତରରେ ନିଷିଦ୍ଧ କରାଯାଇଛି ସେମାନଙ୍କୁ ହାତ ବାରିସି କରି ୟୁନୁସ୍ ବାଂଲାଦେଶ କ୍ଷମତା ହାସଲ କରିବା ସହିତ ବର୍ତ୍ତମାନ ସେମାନଙ୍କ ଜରିଆରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ବିଦେଶୀ ସହାୟତା ମଧ ପାଉଛନ୍ତି। ଯେଉଁ କଠୋରପନ୍ଥୀ ସଂଗଠନ ଠାରୁ ଆମେ ବାଂଲାଦେଶର ଲୋକଙ୍କୁ ସୁରକ୍ଷା ଦେଇ ଆସିଥିଲୁ ୟୁନୁସ୍ ବର୍ତ୍ତମାନ ସେସବୁ ଗୋଷ୍ଠୀଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଭଳି ସଂଗଠନର ବହୁ ନେତାଙ୍କୁ ଆମ ସରକାର ଗିରଫ କରିଥିଲା। କିନ୍ତୁ ୟୁନୁସ୍ ସରକାର ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁକ୍ତ କରି ସେମାନଙ୍କୁ ହାତ ବାରିସି କରି ଶାସନ ଚଳାଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଙ୍ଗୀୟ ଜାତିର ମୁକ୍ତି ସଂଗ୍ରାମ ଏବଂ ସମ୍ବିଧାନକୁ ନେଇ ବାଂଲାଦେଶ ବହୁତ କିଛି ହାସଲ କରିଥିଲା। ହେଲେ ସେସବୁକୁ କ୍ଷୁଣ୍ଣ କରାଯାଇ ଏବେ କାର୍ଯ୍ୟ କରାଯାଉଛି। ୟୁନୁସ ଦେଶର ମୁଖ୍ୟ ପରାମର୍ଶଦାତା ପଦବୀରେ ରହିବାର କୌଣସି ଆଧାର ନାହିଁ ବୋଲି ହସିନା କହିଛନ୍ତି।

## ପୁଟିନ୍‌ଙ୍କ ହତ୍ୟା ଚାହୁଁଥିଲା ୟୁକ୍ରେନ

ମସ୍କୋ, ୨୫।୫ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ୟୁକ୍ରେନ ହତ୍ୟା କରିବାକୁ ଚାହୁଁଥିଲା। ରୁଷ୍ ବାୟୁସେନାର ମେଜର ଜେନେରାଲ ୟୁରି ଡ୍ୟାସକିନ ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଏଥିପାଇଁ ଗତ ୨୦ ତାରିଖରେ ପ୍ରୟାସ କରାଯାଇଥିଲା। ପୁଟିନ କୁର୍ସ୍କ ଗସ୍ତରେ ଯାଇଥିବାବେଳେ ୟୁକ୍ରେନ ତାଙ୍କ ହେଲିକପ୍ଟର ଉପରେ ୪୬ ଡ୍ରୋନ ମାଧ୍ୟମରେ ଆକ୍ରମଣ ଉଦ୍ୟମ କରିଥିଲା। କିନ୍ତୁ ରୁଷ୍‌ର ବାୟୁ ପ୍ରତିରକ୍ଷା ସିଷ୍ଟମ ଏ ସବୁ ଡ୍ରୋନକୁ ଆକାଶରେ ଉଡ଼ାଇ ଦେଇଥିଲା।

## ବୁଡ଼ିଯାଇଥିବା ଜାହାଜରୁ ଲିକ୍ ହେଉଛି ପ୍ରଚୁର ତେଲ

ତିରୁଅନନ୍ତପୁରମ୍,୨୫।୫(ଏଜେନ୍ସି): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତକାଲି ବୁଡିବାକୁ ଆରମ୍ଭ କରିଥିବା ଲାଇବେରିଆ ପଣ୍ୟବାହୀ ଜାହାଜ ରବିବାର ସମ୍ପୂର୍ଣ୍ଣ ବୁଡି ଯାଇଛି। ଏହାଦ୍ୱାରା ଏହି ଜାହାଜରେ ରହିଥିବା କିଛି ବିପଦପୂର୍ଣ୍ଣ କଣ୍ଟେନର ସମେତ ଏଥିରୁ ବିପୁଳ ପରିମାଣରେ ନିର୍ଗତ ହେଉଥିବା ତୈଳ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କେରଳ ସରକାରଙ୍କ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ଜାହାଜରେ ରହିଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ ବିପଦ ସୃଷ୍ଟି କରିପାରେ।

## ହାଇପରସୋନିକ୍ କ୍ଷେପଣାସ୍ତ୍ରର ଜ୍ଞାନକୌଶଳ ଚୋରାଇଛି ରୁଷ୍: ଟ୍ରମ୍ପ

ୱାଶିଂଟନ, ୨୫।୫ (ଏଜେନ୍ସି): ଆମେରିକାରୁ ରୁଷ୍ ହାଇପରସୋନିକ କ୍ଷେପଣାସ୍ତ୍ରର ଜ୍ଞାନକୌଶଳ ଚୋରି କରିଥିଲା। ବାରାକ ଓବାମା ରାଷ୍ଟ୍ରପତି ଥିବା ସମୟରେ ଏପରି ହୋଇଥିଲା। ୟୁଏସ୍ ମିଲିଟାରୀ ଏକାଡେମି, ୱେଷ୍ଟ ପଏଣ୍ଟର ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଏହି ଅଭିଯୋଗ କରିଥିଲେ। ଏଠାରେ ପାସ୍‌ଆଉଟ୍ ହୋଇଥିବା ହଜାରେ କ୍ୟାଡେଟଙ୍କୁ ଟ୍ରମ୍ପ ସମ୍ବୋଧନ କରିଥିଲେ। ୮ କ୍ୟାଡେଟ ହାଇପରସୋନିକ କ୍ଷେପଣାସ୍ତ୍ର ନିର୍ମାଣର ଆହ୍ୱାନକୁ ସ୍ୱୀକାର କରିଥିବା ସେ ଉଲ୍ଲେଖ କରିଥିଲେ। ସେନାରେ କିନ୍ନରଙ୍କ ନିଯୁକ୍ତି କଟକଣାକୁ ମଧ ଉଚିତ ବୋଲି କହିଥିଲେ।



# ଦିଲ୍ଲୀରେ ପ୍ରବଳ ବର୍ଷା

**ଏନ୍‌ସିଆର ସମେତ ବହୁ ଅଞ୍ଚଳ ଜଳମଗ୍ନ**

**ଖସିପଡ଼ିଲା ଆନ୍ତର୍ଜାତିକ ବିମାନ ବନ୍ଦର କାନୋପି**

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଏବଂ ବଜ୍ରପାତ ସାଧାରଣ ଜନଜୀବନକୁ ଭାରୀ ମାତ୍ରାରେ ପ୍ରଭାବିତ କରିଛି। ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଯୋଗୁଁ ଦିଲ୍ଲୀ ଏବଂ ଏନସିଆରର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ଟ୍ରାଫିକ ସମସ୍ୟାକୁ ନେଇ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ-୧ରେ ଏକ କାନୋପି( ଟେନସାଇଲ ଫାବ୍ରିକ ଛାତ) ଖସି ପଡ଼ିବାରୁ ବିମାନ ବନ୍ଦର ସେବା ମଧ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁଁ ବିମାନ ବନ୍ଦର ବାହାରେ ଲାଗିଥିବା କାନୋପିଗୁଡିକରେ ପାଣି ଜମା ହୋଇଯାଇଥିଲା। ଫଳରେ ଗୋଟିଏ କାନୋପି ଖସି ପଡ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବହୁ ବିମାନ ଉଡାଣରେ ବିଳମ୍ବ ଘଟିଛି। ଯାହାକୁ ନେଇ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସିରହିବାକୁ ବାଧ ହୋଇଥିଲେ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀର ପ୍ରବାହ ଶୀଘ୍ର ହେବା ସହିତ ମୌସୁମୀ କେରଳ ଉପକୂଳ ଛୁଇଁବା ପରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ବର୍ତ୍ତମାନ ଏହା ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର କିଛି ଭାଗ ଛୁଇଁସାରିଥିଲା ବେଳେ ଆଉ କିଛି ଘଣ୍ଟା ମଧ୍ୟରେ ମୌସୁମୀ ମୁମ୍ବାଇ ସମେତ ଗୋଆ, କର୍ଣ୍ଣାଟକ, ମିଜୋରାମ, ମଣିପୁର ଏବଂ ନାଗାଲାଣ୍ଡ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଉ କିଛି ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର ସମେତ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଥିବାରୁ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡର ଉଚ୍ଚ ପାର୍ବତ୍ୟପୂର୍ଣ୍ଣ ଜିଲ୍ଲାଗୁଡିକରେ ପ୍ରବଳ ପବନ ସହିତ ଧୂଳିଝଡ଼ ଏବଂ ବର୍ଷା ସମ୍ଭାବନା ଥିବାରୁ ଏଠାରେ ମଧ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ବିଏଲ୍‌ଏ ଆକ୍ରମଣରେ ୩୨ ପାକିସ୍ତାନୀ ଯବାନ ନିହତ

କ୍ୱେଟା,୨୫।୫(ଏଜେନ୍ସି): ପାକିସ୍ତାନ ସେନା ଉପରେ ବେଲୁଚିସ୍ତାନ ଲିବରେସନ ଆର୍ମି( ବିଏଲଏ)ର ସାନି ଆକ୍ରମଣ ଘଟଣାରେ ପାକିସ୍ତାନ ସେନାର ୩୨ ଯବାନ ନିହତ ହେବା ସହିତ ୩ ଗାଡି ଧ୍ୱଂସ ହୋଇଯାଇଛି। କରାଚି-କ୍ୱେଟା ଜାତୀୟ ରାଜପଥର ଖୁଜଦାରର ଜିରୋ ପଏଣ୍ଟ ନିକଟରେ ବିଏଲଏ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବହୁ ସଂଖ୍ୟକ ଯବାନଙ୍କୁ ନେଇ ପାକିସ୍ତାନ ସେନାର ଏକ ମୋଟର କେଡ୍ ଯାଉଥିଲା ବେଳେ ଏହି ସମୟରେ ବିଏଲଏ ପକ୍ଷରୁ 'ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ 'ଦ୍ୱାରା ଆକ୍ରମଣ କରାଯାଇଥିଲା। ବିସ୍ଫୋରକ ଭର୍ତ୍ତି ଏକ କାର୍ ଏହି ମୋଟରକେଡ୍ ଉପରେ ମାଡ଼ ହେବା ଦ୍ୱାରା ପାକ୍ ସେନାର ୩ ଗାଡିରେ ବିସ୍ଫୋରଣ ଘଟି ସେଗୁଡିକ ଧ୍ୱଂସ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩୨ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦ରୁ ଅଧିକ ଯବାନ ଗୁରୁତର ଆହତ ହୋଇଥିବା କୁହାଯାଇଛି। ନିକଟରେ ପାକ୍ ସେନା ଜଣେ ବରିଷ୍ଠ ବଲୁଚ ସାମ୍ବାଦିକଙ୍କୁ ହତ୍ୟା କରିଥିଲା। ଏହାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିଏଲଏ ଲଗାତାର ଭାବେ ପାକ୍ ସେନକୁ ଟାର୍ଗେଟ କରି ଆକ୍ରମଣ ଚଳାଇଛି।

## ୟୁପିରେ ବଢୁଛି ସଡ଼କ ଦୁର୍ଘଟଣା; ୫ ମାସରେ ଗଲାଣି ୭ ୭୦୦ ଜୀବନ

ଲକ୍ଷ୍ନୌ, ୨୫।୫ (ଏଜେନ୍ସି): ଉତ୍ତର ପ୍ରଦେଶରେ ହୁ ହୁ ହୋଇ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଚଳିତ ବର୍ଷ ପ୍ରାରମ୍ଭରୁ ଗତ ୨୦ ତାରିଖ ଭିତରେ ରାଜ୍ୟରେ ୧୩ ହଜାରରୁ ଅଧିକ ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ୭, ୭୦୦ ଜଣଙ୍କ ଜୀବନ ଯାଇଛି। ରାଜ୍ୟସ୍ତରୀୟ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମଧ୍ୟାହ୍ନ (୧୨ଟାରୁ ୬ଟା) ଏବଂ ସନ୍ଧ୍ୟା (୬ଟାରୁ ୯ଟା) ରେ ରାସ୍ତା ସର୍ବାଧିକ ବିପଦପୂର୍ଣ୍ଣ ରହୁଛି। ଏହି ସମୟରେ ସବୁଠୁ ଅଧିକ ଦୁର୍ଘଟଣା ଘଟିଛି। ସେହିପରି ୨୦୨୪ରେ ୪୬, ୦୫୨ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୨୪, ୧୧୮ ଜଣଙ୍କ ଜୀବନ ଯାଇଥିଲା। ୩୪, ୬୬୫ ଜଣ ମଧ ଆହତ ହୋଇଥିଲେ। ୨୦୨୩ରେ ହୋଇଥିବା ୪୪, ୫୩୪ ଦୁର୍ଘଟଣାରେ ୨୩, ୬୫୨ ଜଣ ପ୍ରାଣ ହରାଇଥିବାବେଳେ ୩୧, ୦୯୮ ଜଣ ଆହତ ହୋଇଥିଲେ। ଚଳିତ ବର୍ଷ ଦ୍ୱିପହରେ ୪, ୩୫୨ ଦୁର୍ଘଟଣାରେ ୨,୨୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପଛରେ ଅତ୍ୟଧିକ ଗରମ, ଦ୍ରୁତ ଗତି, ଡ୍ରାଇଭର କ୍ଲାନ୍ତ, ଅତ୍ୟଧିକ ଲୋଡ, ମଦ୍ୟପାନ ରହିଛି। ସେହିପରି ସନ୍ଧ୍ୟାର ହୋଇଥିବା ୩,୨୫୪ ଦୁର୍ଘଟଣାରେ ୧, ୯୪୫ ଜଣଙ୍କ ଜୀବନ ଯାଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସଡ଼କ ଦୁର୍ଘଟଣାକୁ ୫୦ % ପ୍ରତିଶତ ହ୍ରାସ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏହା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି।

## କଣ୍ଡୋମ୍ ଲଗାଇ ସୁନା ଚାଲାଣ

**୬ ଜଣଙ୍କୁ ଗିରଫ କଲା ପୁଲିସ**

ମୁରାଦାବାଦ, ୨୫।୫ (ଏଜେନ୍ସି): ଉତ୍ତର ପ୍ରଦେଶ ମୁରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏନ୍‌କାଉଣ୍ଟର ପରେ ଦୁବାଇରୁ ସୁନା ଚୋରା ଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଅପହରଣକାରୀଙ୍କ କବ୍‌ଜାରୁ ମୁକ୍ତ କରି ମୁରାଦାବାଦ ପୁଲିସ ଗିରଫ କରିଛି। ଯଦି ପୁଲିସ ପହଞ୍ଚିବାରେ ସାମାନ୍ୟ ବିଳମ୍ବ କରିଥାଆନ୍ତା ତେବେ ଜାଲ୍ ସୀମାଶୁଳ୍କ ଅଧିକାରୀ ହୋଇ ଆସିଥିବା ଅପହରଣକାରୀ ସୁନା ବାହାର କରିବା ପାଇଁ ଏହି ୬ ଜଣଙ୍କ ପେଟ ଚିରି ଦେଇଥାନ୍ତେ। ପୁଲିସ ୨ ଅପହରଣକାରୀଙ୍କୁ ଗୁଳି କରି ଧରିଥିଲା। ମୁରାଦାବାଦ ଏସଏସ୍‌ପି ସତପାଲ ଅନ୍ତିଲ କହିଛନ୍ତି ଯେ ୪ ଚୋରା ଚାଲାଣକାରୀଙ୍କ ପେଟ ଏବଂ ଗୁପ୍ତାଙ୍ଗରୁ ୨୯ଟି ସୁନା କ୍ୟାପସୁଲ ଜବତ କରାଯାଇଛି। ଏମାନେ ଗୁପ୍ତାଙ୍ଗରେ କଣ୍ଡୋମ ଲଗାଇ ସୁନା ଚାଲାଣ କରୁଥିଲେ। ଜବତ ସୁନାର ଓଜନ ପ୍ରାୟ କେଜିଏ ହେବ। ଏହି ଗ୍ୟାଙ୍ଗରେ ସାମିଲ ଅନ୍ୟମାନଙ୍କୁ ମଧ ଟ୍ରେସ କରାଯାଉଛି। ସାଉଦିରୁ ସୁନା ଲୁଚାଇ ଆଣୁଥିବା ଏହି ଗ୍ୟାଙ୍ଗ ଦୀର୍ଘ ଦିନ ହେଲା ରାମପୁରର ଟାଣ୍ଡା ଅଞ୍ଚଳରେ ସକ୍ରିୟ ରହିଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଟାଣ୍ଡା ବାଦଲି ଅଞ୍ଚଳର ମହମ୍ମଦ ମୁତଲିବ, ଅଜହରୁଦ୍ଦିନ, ସାନେ ଆଲମ ଏବଂ ଜୁଲଫିକର ଅଲି ଦୁବାଇରୁ ମୁମ୍ବାଇ ବିମାନରେ ଆସିଥିଲେ।

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf — Among Indian Universities Ranked by NIRF, Govt. of India
A++ Grade — Accredited by NAAC
Tier 1 NBA — Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking — World University Rankings 2024
IET Accredited Programme — The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things &
- Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-327 ◆BHUBANESWAR ◆MONDAY ◆26 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ସୋମବାର ◆୨୬ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଭାଙ୍ଗିବ ଗରିବଙ୍କ ଘର ସ୍ୱପ୍ନ

## ରାଜ୍ୟକୁ 'ଆବାସ' ଅନୁଦାନ ୩୪୮୫ କୋଟି ହ୍ରାସ

■ **ଭୁବନେଶ୍ୱର, ୨୫।୫ (ସମିସ):** ରାଜ୍ୟରେ କେହି ଜଣେ ବି ଲୋକ କଚ୍ଚା ଘରେ ରହିବେ ନାହିଁ ଓ ବର୍ଷକ ମଧ୍ୟରେ ସବୁ କଚ୍ଚାଘର ପକ୍କା କରାଯିବ ବୋଲି ନିର୍ବାଚନ ସମୟରେ ବିଜେପି ନେତାମାନେ ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟର ଲକ୍ଷଲକ୍ଷ ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ; ଫନି ପ୍ରଭାବିତ ଉପକୂଳ ଓଡ଼ିଶାର ହଜାର ହଜାର ପରିବାର ଏବେ ବି ପକ୍କା ଘରପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ସମୟରେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କୁ କରିଥିବା ପ୍ରତାରଣାର ଆଉ ଏକ ଛବି ପଦାକୁ ଆସିଛି। ଡ଼ବଲ ଇଞ୍ଜିନ୍ ସରକାର ରାଜ୍ୟ ପାଇଁ ଡ଼ବଲ ଅନୁଦାନ ଆଣିବା ପରିବର୍ତ୍ତେ ଡବଲ ପ୍ରତାରଣା ଦେଇଥିବା ଅଭିଯୋଗ ହୋଇଛି। ବିଶେଷକରି ଗ୍ରାମୀଣ ଓ ସହରାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ପ୍ରତାରିତ ହୋଇଛନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶା କେନ୍ଦ୍ରରୁ ଯେତିକି ଅନୁଦାନ ପାଇଥିଲା, ଏବେ ବିଜେପି ସରକାର ତାହାର ଏକ ଚତୁର୍ଥାଂଶରୁ କମ୍ ଅନୁଦାନ ଆଣିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ବର୍ଷରେ ରାଜ୍ୟ ସରକାର କେବଳ 'ଆବାସ' ଯୋଜନାରେ ୩୪୮୫ କୋଟି ଟଙ୍କା କମ୍ ଅନୁଦାନ ପାଇଛି।

- ୨୦୨୩-୨୪ରେ ମିଳିଥିଲା ୪୩୧୦ କୋଟି ଟଙ୍କା
- ୨୦୨୪-୨୫ରେ ମିଳିଛି ମାତ୍ର ୮୨୫ କୋଟି ଟଙ୍କା
- ଗରିବଙ୍କ ଘର ପାଇଁ ସରକାରଙ୍କ ପାଖରେ ନାହିଁ ପାଣ୍ଠି

PMAY-G

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟର ଗରିବ ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଥାଏ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ଯୋଗାଇ ଦିଅନ୍ତି ଓ ରାଜ୍ୟ ସରକାର ନିଜ ଅଂଶ ପ୍ରଦାନ କରି ଲୋକଙ୍କୁ ଘର ପ୍ରଦାନ କରିଥାଆନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ▶ପୃଷ୍ଠା-୭

## ବାଲେଶ୍ୱରରେ ଲଜ୍ଜା। ସାତ ଦିନରେ ୨ ଦୁଷ୍କର୍ମ

■ **ବାଲେଶ୍ୱର(ଉତ୍ତର)/ଜଳେଶ୍ୱର ବ୍ଲକ, ୨୫।୫ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥା ହୁଗୁଳିଛି। ବିଭିନ୍ନ ସ୍ଥାନରେ ହତ୍ୟା, ଧର୍ଷଣ, ଚୋରି, ରାହଜାନି ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ସପ୍ତାହ ମଧ୍ୟରେ ଭୋଗରାଇ ଏବଂ ଜଳେଶ୍ୱର ଅଞ୍ଚଳରେ ଦୁଇ ନାବାଳିକା ସହ ଜଣେ ବିବାହିତ ମହିଳାଙ୍କ ଦୁଷ୍କର୍ମ ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

- ଦୁଷ୍କର୍ମ ପରେ ଜଣେ ନାବାଳିକାଙ୍କୁ ହତ୍ୟା
- ମାନସିକ ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ
- ବିବାହିତାଙ୍କୁ ମାଡ଼ ସହ ଦୁଷ୍କର୍ମ ଉଦ୍ୟମ

ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ଅଞ୍ଚଳରେ ଜନୈକା ମାନସିକ ବିକୃତ ୧୪ ବର୍ଷର ନାବାଳିକା ଗତ ଶୁକ୍ରବାର ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଶ୍ରମିକ ମୃତ

■ **ଯଖପୁରା, ୨୫।୫ (ସମିସ):** ଯାଜପୁର ଜିଲ୍ଲା ଯଖପୁରା ରେଳ ଡିଭିଜନରେ ରେଳ କେବୁଲ ଲାଇନ୍ ବିଛାଉଥିବା ବେଳେ କେନ୍ଦୁଡିପ ଲେବୁଲକ୍ରସିଂ ନିକଟରେ ପଛ ପଟୁ ଟ୍ରେନ ଧକ୍କା ଦେବାରୁ ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଦୁଇ ଜଣଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଜିଲ୍ଲା କୁନାରପୁର ଗ୍ରାମରେ। ଦୁଇ ମୃତ ଶ୍ରମିକ ହେଲେ ଲାଲୁ ଦିଗାର (୪୫) ଓ ସାଖର ଦିଗାର (୩୫) ବୋଲି ଜଣାପଡିଛି। ୧୦ରୁ ୧୨ ଜଣ ▶ପୃଷ୍ଠା-୭


ସାଇକୃପା କଲେଜ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର
ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ୮ ପରୀକ୍ଷାର୍ଥୀ

STATE RANK 13 — 350DB004 — 571 — SUBHASHREE(BABANDHA)
STATE RANK 19 — 350DB008 — 565 — PRIYANKA (SANTHASARA)
STATE RANK 21 — 350DB002 — 554 — PADMINI (BHUBAN)
STATE RANK 22 — 350DB054 — 553 — AMRUTANSU- ACHALAKOTE
STATE RANK 25 — 350DB005 — 546 — AKASH (KUTURIA)
350DB080 — 545 — MUKESH (MAHULPAL, BBN)

CHSE RESULT -2025
1ST DIVISION -109/129
ABOVE 90% - 08Nos.
ABOVE 500 - 27Nos.
ABOVE 80% - 42Nos.
100 Marks in MATH-18, CHEM-11, PHY- 09
ENG 97 Mark- 3nos

350DB011 — 543 — SHUBHAM (BANASINGH)
350DB016 — 541 — ANSHUMAN (KUTURIA)

ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ

| Roll No. | Applicant Name | +2 % | 10th % |
|---|---|---|---|
| 350DB004 | SUBHASHREE BISWAL | 95.17 % | 84 % |
| 350DB008 | PRIYANKA PRIYA. BISWAL | 94.17 % | 82.5 % |
| 350DB002 | PADMINI MAHARANA | 92.33 % | 87.5 % |
| 350DB054 | AMRUTANSHU ROUT | 92.17 % | 76 % |
| 350DB005 | AKASH SAHU | 91 % | 84 % |
| 350DB080 | MUKESH OJHA | 91 % | 63.83 % |
| 350DB011 | SHUBHAM HATI | 90.5 % | 81.67 % |
| 350DB016 | ANSHUMAN SAHOO | 90.17 % | 80 % |
| 350DB091 | GYANAMANGALAM | 87.83 % | 71 % |
| 350DB015 | MONALISHA SAHOO | 86.83 % | 72 % |
| 350DB089 | LARENS SAHU | 85.33 % | 71 % |
| 350DB012 | SOUMYADEEP BEHERA | 85.17 % | 73.5 % |
| 350DB120 | JIBANTOSH MUDULI | 85 % | 68.83 % |
| 350DB060 | RUDRA NARAYAN RAJ | 84.67 % | 70.14 % |
| 350DB024 | BIKASH RANA | 84.33 % | 71.12 % |
| 350DB007 | MAHENDRA SAMAL | 83.5 % | 72.72 % |
| 350DB030 | SAGAR BEHERA | 83.33 % | 71.68 % |
| 350DB074 | BARSARANI SAHOO | 83.33 % | 73.84 % |

527 GYANAMANGALAM (GENGUTIA)
521 MONALISHA (SANKULEI)
513 SUBHASMITA (TARAVA)
512 LARENS (BUHALIPAL)
511 SUBHALAXMI (BELTIKIRI)
511 SOUMYADEEP( BABANDHA)
510 JIBANTOSH(GOVINDPUR)
508 RUDRA (BANASINGHA)
506 BIKASH (BHUBAN)
501 SAGAR (NIMABAHALI)
500 MAHENDRA (KURUMITHA)
500 BARSHARANI(SANKARPUR)

NEET, JEE-MAIN
by experts form KOTA

AT.: DHENKANAL / M- 9437799193, 9437027391,8917381641

# ଶୋଚନୀୟ କପ୍ତିପଦା ସାପ୍ତାହିକ ହାଟ



**କପ୍ତିପଦା, ୨୫।୫(ସମିସ):** କପ୍ତିପଦା ବ୍ଲକର ୨୬ଟି ପଞ୍ଚାୟତ ନିର୍ଭର କରୁଥିବା କପ୍ତିପଦା ସାପ୍ତାହିକ ହାଟ ଏବେ ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷାରେ ପରିସ୍ଥିତି ବେହାଲ ହେଉଥିବା ଦେଖିବାକୁ ମିଳିଛି। ବର୍ଷା ହେଲେ ପରିବା ଦୋକାନୀଙ୍କ ଦୁଇ ପାର୍ଶ୍ୱରେ ଆଣ୍ଠୁଏ ପାଣି। ପରିବା ବିକିବା ତ ଦୂରର କଥା ହେଲେ କିଣିବାକୁ ଆସୁଥିବା ଗ୍ରାହକ ମଧ୍ୟ ପାଣି କାଦୁଅରେ ସରସର। ଦୀର୍ଘଦିନରୁ ଏଭଳି ପରିସ୍ଥିତି ଥିଲେ ମଧ୍ୟ କାହାରି ନଜର ନାହିଁ। ପଞ୍ଚାୟତ ହାଟ ନିଲାମ କରି ପ୍ରଚୁର ଅର୍ଥ ଆଦାୟ କରୁଥିଲେ ସୁଦ୍ଧା ଦୋକାନୀ ଓ ଗ୍ରାହକଙ୍କ ପ୍ରତି ନଜର ନାହିଁ। ପ୍ରାକ୍ ମୌସୁମୀ ବର୍ଷାରେ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଚିନ୍ତାରେ ହାଟ ଉପରେ ନିର୍ଭର କରୁଥିବା ଦୋକାନୀ। ସପ୍ତାହରେ ୨ଦିନ ହାଟ ହେଉଥିବା ବେଳେ ମନୋହରି, ଭୂଷା, ପରିବା, ମାଛ, ମାଂସ ଦୋକାନୀ ଏବେ ଚିନ୍ତାରେ। କପ୍ତିପଦା ହାଟ ଉପରେ ନିର୍ଭର କରୁଥିବା ୨୬ଟି ପଞ୍ଚାୟତରେ ଏହା ବଡ଼ହାଟ। ଯଦିବା କିଛି ପଞ୍ଚାୟତରେ ଏବେ ହାଟ ହେଉଛି। ତଥାପି କପ୍ତିପଦା ହାଟ ଉପରେ ନିର୍ଭର କରୁଥିବା ଦୋକାନୀ ଏବେ ଚିନ୍ତାରେ। ପର୍ଯ୍ୟାପ୍ତ ହାଟପିଣ୍ଡି ନଥିବା ବେଳେ ଫାଙ୍କାରେ ବସନ୍ତି ପରିବା ଦୋକାନୀ। ମାତ୍ର ଦୀର୍ଘଦିନ ହେବ ପଞ୍ଚାୟତ କିମ୍ବା ରାଜନେତା ହାଟ ଉପରେ ନଜର ଦେଉନଥିବା ଅତ୍ୟନ୍ତ ପରିତାପର ବିଷୟ। ତେବେ ଏସମ୍ପର୍କରେ ପଞ୍ଚାୟତ ଅଧିକାରୀ କିରଣ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଏବର୍ଷ ହାଟ ନିଲାମ ହୋଇନାହିଁ। ଡ୍ରେନେଜ ଓ ହାଟପଡ଼ିଆ ସମ୍ପର୍କରେ ମୋ ନିକଟରେ କିଛି ଖବର ନାହିଁ। ତଥାପି ଏବାବଦରେ ସରପଞ୍ଚଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ। ସେପଟେ ଅସନ୍ତୁଷ୍ଟ ଦୋକାନୀ ଓ ଗ୍ରାହକ ଆଗାମୀ ମୌସୁମୀ ବର୍ଷା ପୂର୍ବରୁ ହାଟକୁ ସୁରକ୍ଷା ନମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏପରିକି ସମସ୍ୟା ସମାଧାନ ପାଇଁ ଦାବି ହୋଇଛି।

**ମୌସୁମୀ ପୂର୍ବରୁ ସମସ୍ୟା ସମାଧାନ ପାଇଁ ଦାବି**

# ଅଧ୍ୟାପକ ପଦବୀ ଉଚ୍ଛେଦ ଷଡ଼ଯନ୍ତ୍ର

**ବାରିପଦା, ୨୫।୫ (ସମିସ):** ବିଶ୍ୱବିଦ୍ୟାଳୟରେ ରେସନାଲାଇଜେସନ୍ ନୀତି ଲାଗୁ କରିବା ନେଇ କୁଳପତିଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ଜାରି କରଛନ୍ତି। ତେବେ ଏହା ଲାଗୁ କରି ଅଧ୍ୟାପକ ପଦବୀ ଉଚ୍ଛେଦ କରିବା ନେଇ ରାଜ୍ୟ ସରକାର ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ ହୋଇଛି। ଯାହାକୁ ବନ୍ଦ କରିବାକୁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି। ରେସନାଲାଇଜେସନ୍ ନୀତି ଲାଗୁ ନେଇ ନକସା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହା ବିରୋଧରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ କେନ୍ଦ୍ର ଓ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି କହିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଏହିଚିଠିରେ ଏହା ସ୍ପଷ୍ଟ ପ୍ରତିୟମାନ କି ଆଗାମୀ ଦିନରେ ଏହି ଆଳରେ ଅଧ୍ୟାପକ ପଦବୀ ଉଚ୍ଛେଦ ହେବ ଓ ସମ୍ପୂର୍ଣ୍ଣ ଭାବରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପାଠ୍ୟଦାନ ବ୍ୟାହତ ହେବ। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜରିଆରେ ରାଜ୍ୟ ସରକାରଙ୍କ ଏହି ଖଳ ଯୋଜନାକୁ ଦୃଢ ଭାଷାରେ ନିନ୍ଦା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଏହି ରେସନାଲାଇଜେସନ୍ କଥା କହି ରାଜ୍ୟରେ ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇଛି। ରେସନାଲାଇଜେସନ୍ ଶବ୍ଦଟି ଭଲ ଶୁଭୁଥିଲେ ମଧ୍ୟ ଏହାର ଆଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜଘନ୍ୟ ଆକ୍ରମଣ ଆସିଛି। ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଯେତେବେଳେ ଅଧ୍ୟାପକ ମରୁଡ଼ି ସେତେବେଳେ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରେସନାଲାଇଜେସନ୍ ନୀତି ଲାଗୁ କରିବା ନେଇ ନକ୍ସା ପ୍ରସ୍ତୁତ କରିଛନ୍ତି। ଏହା କାର୍ଯ୍ୟକାରୀ ହୁଏ ତେବେ ଆଗାମୀ ଦିନରେ ବହୁ ଆଧ୍ୟାପକ ପଦବୀ ଉଚ୍ଛେଦ ହେବ। ମୌଳିକ ବିଷୟ ଗୁଡିକର ଗୁରୁତ୍ୱ ହ୍ରାସ ପାଇବ ଓ ସିଲାବସ୍‌ରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଂଶ କାଟି ସିଲାବସକୁ ସୀମିତ କରିଦେବାର ଷଡଯନ୍ତ୍ର ମଧ୍ୟ ହେବ। ତେଣୁ ଏହି ଷଡଯନ୍ତ୍ର ବିରୋଧରେ ସମଗ୍ର ରାଜ୍ୟର ସଚେତନ ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟାପକ ତଥା ସର୍ବସ୍ତରର ଜନଗଣ ଆଗେଇ ଆସିବା ସହ ସରକାରୀ ଶିକ୍ଷାକୁ ରକ୍ଷା କରିବା, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଅଧ୍ୟାପକ ପଦବୀ ପୂରଣ କରିବା ଦାବିରେ ଆନ୍ଦୋଳନ ଗଢି ତୋଳିବାକୁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି ପୁନରୁଦ୍ଧାର ହେଉନି ମହାନାଳ

**ବାରିପଦା, ୨୫।୫(ସମିସ)**



**ଗଛ ଓ ମାଟିରେ ପୋତି ହୋଇଗଲାଣି**
**ବର୍ଷାରେ ପୁଣି ବେହାଲ ହେବ ବାରିପଦା ସହର**

ବାରିପଦା ସହରକୁ ସୌନ୍ଦର୍ଯ୍ୟକରଣ କରିବା ନେଇ ମନ୍ତ୍ରୀ ଓ ବିଧାୟକ ବାରମ୍ବାର ସମୀକ୍ଷା ବୈଠକ କରୁଥିବା ବେଳେ ସହରର ନାଳ ଓ ମହାନାଳଗୁଡ଼ିକର ପୁନରୁଦ୍ଧାର ହେଉନାହିଁ। ଏପରି କି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିଶ୍ରୁତି ଦେଇଥିବା ବେଳେ ୯ମାସ ପରେ ବି ନାଳ ମହାନାଳର ପୁନରୁଦ୍ଧାର କାର୍ଯ୍ୟ ହେଲା ନାହିଁ। ଏପଟେ ମୌସୁମୀ ଆଗମନ ପୂର୍ବରୁ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହେଲାଣି। ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ। ବାରିପଦା ସହର ମଧ୍ୟରେ ପ୍ରବାହିତ ହେଉଥିବା ନାଳ, ମହାନାଳଗୁଡ଼ିକର ସ୍ଥିତି ଶୋଚନୀୟ ହୋଇପଡ଼ିଲାଣି। କ୍ଷୁଦ୍ର ଜଳସେଚନ ବିଭାଗ ନିଜର ବାସ୍ତବତା କାର୍ଯ୍ୟରୁ ଦୁରେଇ ଯିବାରୁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୩ ଅକ୍ଟୋବର ଫାଇଲିନ ବାତ୍ୟା ଜନିତ ଭାରି ବର୍ଷା ଓ ବନ୍ୟାରେ ବାରିପଦା ସହର ଜଳମୟ ହୋଇ ଉବୁଟୁବୁ ହୋଇଥିଲା। ମାଷ୍ଟର ପ୍ଲାନ ଅନୁଯାୟୀ ନିର୍ମିତ ମହାନାଳ ଓ ଜରାଳୀ, ସରାଳୀ ନଦୀ ସଫେଇ କାର୍ଯ୍ୟହେବାର ପ୍ରାୟ ୧୦ବର୍ଷ ମଧ୍ୟରେ ପୋତି ହୋଇଗଲାଣି। କ୍ରମାଗତ ଭାବେ ବିଭାଗ ପକ୍ଷରୁ ଅନାବନା ଗଛ ଲଟା କଟା, ଅଳିଆ ଆବର୍ଜନା, ଦଳ ସଫେଇ ଓ ପଙ୍କ ଉଦ୍ଧାର ନହେବା ଏବଂ ଜବରଦଖଲ ଉଚ୍ଛେଦ ନହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଉକ୍ତ ମହାନାଳଗୁଡ଼ିକରେ ସମସ୍ତ ଡ୍ରେନେଜ ପାଣି ମିଶୁଛି। ସହର ସାରାର ଅଳିଆ ପାଣି ଗୋଟିଏ ସ୍ଥାନରେ ମାସ ମାସ ଧରି ଜମି ରହୁଥିବା ବେଳେ ମଶା ବଂଶ ବୃଦ୍ଧି କରିବାରେ ସହାୟକ ହେଉଛି। ଯାହା ଦ୍ୱାରା ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଲୋକଙ୍କ ଘରେ ମଶା, ମାଛି ଓ ସରୀସୃପ ଆଦି ପଶୁଛନ୍ତି। ଯାହାକି ମ୍ୟାଲେରିଆ, ଡେଙ୍ଗୁ ପରି ରୋଗ ସୃଷ୍ଟି କରିବା ପାଇଁ ସହାୟକ ହେଉଛି। ଏହା ସହିତ ବର୍ତ୍ତମାନ ସମୟରେ କିଛି ଜମି ମାଫିଆ ଓ ସ୍ୱାର୍ଥବାଦୀ ଲୋକଙ୍କ ଲୋଲୁପ ଦୃଷ୍ଟି ମଧ୍ୟ ପଡ଼ିଛି। ଧୀରେ ଧୀରେ ଜଳ ସ୍ରୋତକୁ ସଙ୍କୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇ ସାରିଲେଣି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ମହାନାଳର ପାଣି ପ୍ରବାହିତ ହେବାରେ ଅସୁବିଧା ହେବା ସହ ନଦୀ ସଂଲଗ୍ନ ଅଞ୍ଚଳର ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ବାରିପଦା ପୌରପାଳିକା ଅଧୀନରେ ରହିଛି ୨୮ ଗୋଟି ୱାର୍ଡ। ଆଉ ଏସବୁ ୱାର୍ଡରୁ ନିଷ୍କାସିତ ଦୂଷିତ ଜଳ, ବର୍ଷାଜଳ ସମସ୍ତ ଡ୍ରେନରେ ଯାଇ ନାଳ, ମହାନାଳ ଓ ଜରାଳୀ-ସରାଳୀ ନଦୀରେ ମିଶିଛନ୍ତି। ସହରର ଉତ୍ତର ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥର ଅପରପାର୍ଶ୍ୱରୁ ୪ଟି ମହାନାଳ ବୋହିଯାଇଛି। ସହରର ଦକ୍ଷିଣ ପାଶ୍ୱରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ଏହି ସବୁ ମିଶିଛନ୍ତି। ଫାଇଲିନ ସମୟରେ ବୁଢ଼ାବଳଙ୍ଗର ବନ୍ୟା ଜଳ ଓଲଟାଦିଗରେ ପଶି ବ୍ୟାପକ କ୍ଷତି ପହଞ୍ଚାଇବା ପରେ ସେତେ ବେଳେ ମାଷ୍ଟର ପ୍ଲାନ ଜରିଆରେ ସମସ୍ତ ନଦୀ ନାଳ ଖନନ ସହିତ ଗାର୍ଡୱାଲ, ପୋଲ, ପଥରପ୍ୟାଚିଂ ସମ୍ପନ୍ନ ହୋଇଥିଲା। ସେତେବେଳେ ଜବରଦଖଲ ଉଚ୍ଛେଦ ପ୍ରତି ପ୍ରଶାସନର ସ୍ଥାଣୁତା ପାଇଁ ନାଳ ଓ ନଦୀ ମାନଙ୍କର ଶଯ୍ୟା ସଙ୍କୁଚିତ ହେଲାଣି। ନାଳ ନଦୀର ଉପରମୁଣ୍ଡରୁ ବୋହି ଆସୁଥିବା ମାଟି ବାଲିରେ ଶଯ୍ୟା ପୋତିବା ସହିତ ବୁଦା ଓ ଗଛ ଉଠି ପ୍ରବାହ ଜଳରାଶିର ବାଧକ ସାଜିଛନ୍ତି। ଯାହାଫଳରେ ସାମାନ୍ୟ ବର୍ଷାରେ ସ୍ଥିତି ବେହାଲ ହେଉଛି। ପୌରପାଳିକା ଡ୍ରେନ ସଫେଇ କାର୍ଯ୍ୟ ଜାରି ରଖିଥିବା ବେଳେ ମହାନାଳ ଓ ନଦୀଗୁଡ଼ିକ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବାରୁ ସେଗୁଡ଼ିକର ସଫେଇ କାର୍ଯ୍ୟ ହେଉନାହିଁ। ମହାନାଳ ୨୮ଟି ଯାକ ୱାର୍ଡ ଦେଇ ପ୍ରବାହିତ ହେଉଥିବା ବେଳେ ସମସ୍ତ ସହରବାସୀଙ୍କ ନର୍ଦ୍ଦମା ଜଳ ଏମାନଙ୍କଠାରେ ମିଶିଛନ୍ତି। ପରନ୍ତୁ ଖନନ ଓ ସଫେଇ କାର୍ଯ୍ୟ ହେଉ ନଥିବାରୁ ଉଦବୃତ୍ତ ଦୂଷିତ ଜଳ ଓଲଟି ସମାନ୍ୟ ବର୍ଷାରେ ଘରକୁ ଫେରୁଛି। କେତେକ ସ୍ଥାନରେ ଜନସାଧାରଣ ବାଧ୍ୟ ହୋଇ ନିଜେ ନିଜେ ନାଳ ସଫା କରିବାକୁ ବାଧ୍ୟ ହେଉଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗର ଅପାରଗତା ପାଇଁ ସଭିଏଁ ନାକେଦମ ହେଉଛନ୍ତି। ଅନ୍ୟପଟେ ଗତ ଜୁଲାଇ ୨୮ ତାରିଖରେ ମନ୍ତ୍ରୀ ଡା. ମହାପାତ୍ର ବାରିପଦା ସହରର ବିଭିନ୍ନ ସ୍ଥାନରେ ମହାନାଳଗୁଡିକ ପରିଦର୍ଶନ କରିଥିଲେ। ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜରାଳି ଓ ସରାଳି ମହାନାଳ ଗଛଲତାରେ ପୋତି ହୋଇଯାଇଥିବାରୁ ବାରିପଦା ସହରରେ ବର୍ଷା ଦିନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହାର ସମାଧାନ ପାଇଁ ନଦୀ ପରିସରକୁ ସଫା ସୁତୁରା କରି ରଖିବା ପାଇଁ ମନ୍ତ୍ରୀ ଡ଼ା ମହାପାତ୍ର ନିର୍ଦ୍ଦେଶ ଦେଇଥିବାର ଗଣମାଧ୍ୟମକୁ କହିଥିଲେ। କିନ୍ତୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ତିଳେ ହେଲେ ଖାତିର ନାହିଁ। ଏହା ଏକ ଗମ୍ଭୀର ସମସ୍ୟା ଥିବା ବେଳେ ଏନେଇ ସ୍ଥାନୀୟ ଜନ ପ୍ରତିନିଧିମାନେ ତିଳେ ହେଲେ ନିଘା ଦେଉନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପରି ନାଳ, ମହାନାଳଗୁଡିକ ପୋତି ହେବା କାରଣରୁ ଫାଇଲିନ ସମୟରେ ବାରିପଦା ସହର ମଧ୍ୟ ଭାଗକୁ ବନ୍ୟା ପାଣି ପ୍ରବେଶ କରିଥିଲା। ଯାହାକୁ ନେଇ ବହୁ ଲୋକେ କ୍ଷତିଗ୍ରସ୍ତ ହେବା ସହ ବହୁ କଷ୍ଟ ପାଇଥିଲେ। ଏହା ସହିତ ବାରିପଦା ସହରକୁ ବନ୍ୟ ଦାଉରୁ ସୁରକ୍ଷା ପ୍ରଦାନ ନିମନ୍ତେ ଆଡ଼ିବନ୍ଧ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ବହୁ ପୂର୍ବରୁ ଦାବି ଜଣାଇଛନ୍ତି। ଏନେଇ ସେ ପତ୍ର ଯୋଗେ ବୁଢ଼ାବଳଙ୍ଗ ନଦୀ ଓ ଜରାଳି-ସରାଳି ମହାନାଳରେ ବନ୍ୟା ଦାଉରୁ ସୁରକ୍ଷା ବ୍ୟବସ୍ଥା ପାଇଁ ୨୯୨କୋଟି ଟଙ୍କା ମଞ୍ଜୁର କରିବାକୁ ଦାବି ଉପସ୍ଥାପନ କରିଥିଲେ। କିନ୍ତୁ ତାହା ମଧ୍ୟ ପୂରଣ ହେଲାନାହିଁ।

## ଯୁକ୍ତଦୁଇ ରାଇରଙ୍ଗପୁର କଲେଜର ବାଣିଜ୍ୟରେ ସଫଳତା







**ବିଜାତଳା, ୨୫।୫(ସମିସ):** ବାମନଘାଟି ଉପଖଣ୍ଡ ସର୍ବପୁରାତନ ତଥା ଅଗ୍ରଣୀ ରାଇରଙ୍ଗପୁର ମହାବିଦ୍ୟାଳୟରେ ଯୁକ୍ତଦୁଇ ବାଣିଜ୍ୟ ପରୀକ୍ଷାରେ ୭୨.୯୩ ପ୍ରତିଶତ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି। ମହାବିଦ୍ୟାଳୟର ମୋଟ ୧୩୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୩ ଜଣ ଏବଂ ତୃତୀୟ ଶ୍ରେଣୀରେ ୪୦ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ସୁନାମ ଅର୍ଜନ କରିଛନ୍ତି। ଆଞ୍ଚେଲ ଅଗ୍ରୱାଲ ୫୩୧ ନମ୍ବର ରଖି ମହାବିଦ୍ୟାଳୟରେ ଟପ୍ପର ଓ ଜିଲ୍ଲାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟ ସ୍ଥାନରେ ରୀତିକା ପ୍ରଧାନ ୫୧୪ ନମ୍ବର, ତୃତୀୟରେ ଅଦ୍ୱିତ୍ୟା ଶୋ ୫୦୮ ନମ୍ବର, ଚତୁର୍ଥରେ ହର୍ଷିତା ଚୌବେ ୫୦୬ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଏହି ସଫଳତା ପାଇଁ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଅଭିନନ୍ଦନ ଜଣାଇଛନ୍ତି।

# ବାଇକ୍‌ରୁ ପଡ଼ି ଚାଳକ ମୃତ

**ବାରିପଦା, ୨୫।୫(ସମିସ):** ଚଳନ୍ତା ବାଇକ୍‌ରୁ ଖସି ପଡ଼ି ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବ ଚାଳକ ଜଣଙ୍କ ହେଲେ ଦେବେନ୍ଦ୍ରପୁର ଅଞ୍ଚଳର ସୁଜିତ୍ କୁମାର ମାଝୀ। ସେ ବାଇକ ଯୋଗେ ତକତପୁର ରାସ୍ତାରେ ଆସୁଥିଲେ। ତେବେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ନିକଟରେ କୌଣସି କାରଣ ପାଇଁ ବ୍ରେକ ମାରିବାରୁ ବାଇକ ଚକ ସ୍ଲିପ ମାରିଥିଲା। ଫଳରେ ଭାରସାମ୍ୟ ହରାଇ ସେ ବାଇକ ସହିତ ରାସ୍ତାରେ ପଡ଼ିଯାଇଥିଲେ। ଯାହାଫଳରେ ତାଙ୍କ ମୁଣ୍ଡରେ ଜୋରରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଉଦ୍ଧାର କରି ପିଆରଏମ ହସ୍ପିଟାଲକୁ ଆଣି ଭର୍ତ୍ତି କରାଯାଇଥିଲା, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ ଜାରି ରହିଛି।




# ପ୍ରତିଯୋଗିତାମୂଳକ ଦୁନିଆରେ ଫିକାପଡ଼ିଛି ଗ୍ରୀଷ୍ମ ଛୁଟିର ମଜା





**ବଡ଼ସାହି, ୨୫।୫(ସମିସ)**

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଚଳିତ ବର୍ଷ ଏପ୍ରିଲ ୨୩ରୁ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି। କାରଣ ଦୁର୍ଗାପୂଜା ଛୁଟି ଓ ଧାନକଟା ଛୁଟି ଅପେକ୍ଷା ଏହା ଲମ୍ବା ଛୁଟି ହେଉଥିବାରୁ ସମସ୍ତଙ୍କ ପାଇଁ ଏହା ନିଆରା। ଛାତ୍ରଛାତ୍ରୀ ହୁଅନ୍ତୁ ବା ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କର ଥାଏ ଗ୍ରୀଷ୍ମଛୁଟିକୁ ଅପେକ୍ଷା। ଗ୍ରୀଷ୍ମ ପ୍ରବାହ ସତ୍ୱେ ଏହି ସମୟରେ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ସମସ୍ତେ ଅବସର ବିନୋଦନ ପାଇଁ ସ୍ୱତନ୍ତ୍ର ଯୋଜନା କରିଥାନ୍ତି। କେହି ବନ୍ଧୁ ବାନ୍ଧବ ଘରକୁ ବୁଲି ଯାଇଥାନ୍ତି ତ କେହି ତୀର୍ଥଯାତ୍ରା କରିଥାନ୍ତି। ଏହି ଛୁଟିରେ ମାମୁଁ ଘରକୁ ଯିବା ମଜା ସବୁଠାରୁ ଅଧିକ। ମାମୁଁଘର ଗାଁର ଆମ୍ବ ତୋଟା, ବରଗଛ ଛାଇ ଓ ନଈକୂଳ ଜାମୁ ଗଛ ମୂଳରେ ସମୟ ବିତାଇବା ସହିତ ସାଙ୍ଗ ସାଥୀଙ୍କ ମେଳରେ ଗାଁ ପୋଖରୀ, ନଦୀରେ ଗାଧୋଇବା ଏବଂ ଖେଳିବାର ମଜା ନିଆରା ବୋଲି କୁହନ୍ତି, ଛାତ୍ର ସାହିଲ ରମେଶ ବିଶ୍ୱାଳ। ହେଲେ ଏବେ ବଦଳି ଯାଇଛି ପରିସ୍ଥିତି। ଆଗଭଳି ଆଉ ଗ୍ରୀଷ୍ମ ଛୁଟିର ମଜା ନାହିଁ। ଚଳିତ ଶିକ୍ଷା ବର୍ଷରେ ଜୁନ ୧୮ରେ ବିଦ୍ୟାଳୟ ଓ କଲେଜ ଖୋଲୁଛି। ତେବେ ବର୍ତ୍ତମାନ ପ୍ରତିଯୋଗିତା ମୂଳକ ଦୁନିଆରେ ଏହି ମଜା ଫିକା ପଡ଼ିଛି। ଅଭିଭାବକ ମାନଙ୍କ ସଚେତନତା ପାଇଁ ସେମାନେ ଏହି ଗ୍ରୀଷ୍ମ ଛୁଟିରେ ପିଲାଙ୍କୁ ଆଉ ମାମୁଁ ଘରକୁ ନ ପଠାଇ ସମର କୋର୍ସ କରିବା ପାଇଁ ବିଭିନ୍ନ ସ୍ଥାନକୁ ପଠାଉଥିବାର ଦେଖାଯାଇଛି। କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଗାଁ ଟିଉସନରେ ପାଠ ପଢ଼ାଉଛନ୍ତି। ତେଣୁ ଟିଉସନ ଛାଡି ବୁଲିଯିବା ସମ୍ଭବ ହେଉ ନ ଥିବାର କହନ୍ତି, ଛାତ୍ରୀ ଅଙ୍କିତା ସିଂ। ପାଉଁଶିଆର ଜଣେ ଅଭିଭାବକ ମୋହନ ସିଂ କହନ୍ତି, ପୂର୍ବରୁ ଗ୍ରୀଷ୍ମ ଛୁଟିରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ନିଜ ବୃତ୍ତିରୁ ବିରତ ରହି ବୁଲାବୁଲି କରୁଥିଲେ। ପାରମ୍ପରିକ ପର୍ବପର୍ବାଣୀ ପାଳନ କରୁଥିଲେ। ଆଗାମୀ ଶିକ୍ଷା ବର୍ଷ ପାଇଁ ପୁଣି ପ୍ରସ୍ତୁତ ହେଉଥିଲେ। ତେବେ ସେ ସବୁର ସମୟ ସରିଯାଇଛି। ଖରା ଛୁଟି ବ୍ୟବସାୟିକ ହୋଇଛି। ଛାତ୍ରୀ ରଶ୍ମିତା ସାହୁ କହନ୍ତି, ଦଶମ ଶ୍ରେଣୀ ପାଠ ପଢ଼ା ପାଇଁ ଛୁଟିରେ ନିଜକୁ ପ୍ରସ୍ତୁତ କରୁଛି। ପରୀକ୍ଷାରେ ଅଧିକ ନମ୍ବର ରଖି ମାଆ ବାପାଙ୍କ ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରୁଛି। ସେହିପରି ଅବସରପ୍ରାପ୍ତ ଶିକ୍ଷକ ହାଡିବନ୍ଧୁ ମହାପାତ୍ର କହନ୍ତି, ପ୍ରତିଯୋଗିତା ମୂଳକ ଦୁନିଆଁରେ ଅଭିଭାବକଟିଏ ବେଶ ସଚେତନ ରହୁଥିବାରୁ ସମ୍ପୂର୍ଣ୍ଣ ପଦ୍ଧତି ବଦଳିଛି। ପିଲାଙ୍କ ଉପରେ ସେମାନେ ସମୟ ସମୟରେ ଆବଶ୍ୟକତା ଠାରୁ ଅଧିକ ପାଠର ବୋଝ ଲଦି ଦେଉଛନ୍ତି, ଯାହାର କୁପ୍ରଭାବ ମଧ୍ୟ ରହିଛି। ପିଲାଙ୍କ ମାନସିକତାକୁ ନେଇ ଅବିଭାବକମାନେ କାମ କଲେ ଅଧିକ ସଫଳତା ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଅବିଭାବକ ଅଦ୍ୱେତ ପଣ୍ଡା କହନ୍ତି, ଅଙ୍କବାଦୀ(ଡିଜିଟ) ସମାଜରେ ମାତାପିତାଙ୍କ ଆଶା ତାଙ୍କ ପିଲା କେତେ ଅଧିକ ମାର୍କ ରଖିବ। ତେଣୁ ପିଲାଙ୍କୁ ଏକଯନ୍ତ୍ର ଭାବି ମାତାପିତା ମାନେ ଚାପ ଦେଇ ପାଠ ପଢ଼ିବାକୁ ବାଧ୍ୟ କରି ଚାଲିଛନ୍ତି। ତେଣୁ ଖରାଛୁଟିରେ ବୁଲିବା ଏବଂ ମଜା କରିବା ହଜିଗଲାଣି। ଫଳରେ ସାମାଜିକ ସମ୍ପର୍କର ବନ୍ଧନ ମଧ୍ୟ ଫିକା ପଡୁଛି। ଅଧ୍ୟାପକ ବିନୋଦ ପରିଡ଼ା କହନ୍ତି, ପିଲାମାନଙ୍କ ମାନସିକ ଅବସ୍ଥାକୁ ଅବିଭାବକମାନେ ନିରୀକ୍ଷଣ କରୁନାହାନ୍ତି। ଅବସର ବିନୋଦନ ସମୟରେ ସେମାନଙ୍କୁ ପାଠପଢ଼ାରେ ପ୍ରବଳ ଚାପ ଦିଆଯାଉଛି। ସମର କୋର୍ସ ଓ କମ୍ପ୍ୟୁଟର କୋର୍ସରେ ସେମାନଙ୍କୁ ଭର୍ତ୍ତି କରାଯାଉଛି। ବିଭିନ୍ନ ଘରୋଇ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏହାର ଫାଇଦା ନେଉଛନ୍ତି। ମାତ୍ର ପିଲାଙ୍କ ମସ୍ତିଷ୍କ ଉପରେ ଯେପରି ଅଧିକ ଚାପ ନ ପଡ଼ିବ ସେଥିପ୍ରତି ଅବିଭାବକମାନେ ସଚେତନ ହେବା ଆବଶ୍ୟକ ହୋଇପଡ଼ିଛି। ନଚେତ ଶିକ୍ଷାର ଅଧଗତି ମଧ୍ୟ ଘଟି ପାରେ ବୋଲି ମତପ୍ରକାଶ ପାଇଛି।

# ଜାଗାକୁ ନେଇ ଧରମପୁର ରାସ୍ତା କାମରେ ବିବାଦ

**ସୋସୋ,୨୫।୫ (ସମିସ)**



କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ ଧରମପୁର ଗ୍ରାମରେ ରାସ୍ତା କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। ସରକାରଙ୍କର ଅନୁଦାନରେ ଆର.ଡି ବିଭାଗ ପକ୍ଷରୁ ଧରମପୁରଠାରୁ ଶୀଳପୋଖରୀ ଓ ମିଠିଗାଁ ପର୍ଯ୍ୟନ୍ତ ସଂଯୋଗୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୋଟିଏ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତକୁ ସଂଯୋଗୀକରଣ ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ଆଦିବାସୀ ଗାଁ ଶୀଳପୋଖରୀକୁ ପିଚୁ ରାସ୍ତା ସଂଯୋଗ କରାଯାଇଥିବାରୁ ଲୋକଙ୍କ ମୁହଁରେ ହସ ଫୁଟିଛି। ଏଭଳି କ୍ଷେତ୍ରରେ ଧରମପୁରର ଜଣେ ବ୍ୟକ୍ତି ନିଜ ପଟ୍ଟା ଜାଗାରେ ରାସ୍ତା ଯାଉଥିବା କହି ରାସ୍ତା ନିର୍ମାଣ କାର୍ଯ୍ୟକୁ ମାସ ମାସ ଧରି ବିରୋଧ କରିଆସୁଥିବାବେଳେ ଚାରିଖଣ୍ଡ ଗ୍ରାମକୁ ନେଇ ଏହି ସମସ୍ୟାର ସମାଧାନ କରାଯାଇଥିଲା। ଏଥିରେ ଅଭିଯୋଗକାରୀ ମଧ୍ୟ ସାମିଲ ଥିଲେ। ଆଜି କାର୍ଯ୍ୟ ଆରମ୍ଭ ସମୟରେ ନିଜ ପଟ୍ଟାଭୁକ୍ତ ଜାଗା କହୁଥିବା ବ୍ୟକ୍ତି କାର୍ଯ୍ୟ ବନ୍ଦକରିବା ସହିତ କାର୍ଯ୍ୟ କରାଇଦେବେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଗ୍ରାମର ଗ୍ରାମବାସୀ ବିରୋଧ କରିବା ସହିତ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ କହିଥିଲେ। ଗ୍ରାମବାସୀ କହିବା ଅନୁଯାୟୀ, ଯଦି ପଟ୍ଟାଭୁକ୍ତ ଜାଗା ରହିଛି ତେବେ ତାକୁ ଜମି ଚିହ୍ନଟ କରି ଜାଗା ବାହାର କରାଯାଉ। କିନ୍ତୁ ଦୁଇମାସରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ବି ସେହି ବ୍ୟକ୍ତି ତାହାର ଜାଗାକୁ ଚିହ୍ନଟ ନକରିବା ସହିତ କାର୍ଯ୍ୟ କରାଇଦେଉନାହିଁ ବୋଲି ଗ୍ରାମବାସୀ ସାବିତ୍ରୀ ସାହୁ, ଲତିକା ବେହେରା, ମୋନାଲିସା ବେହେରା, ସରସ୍ୱତୀ ସାହୁ, ପୂଜାରାଣୀ ବେହେରା, ରମାମଣୀ ବେହେରା, କୁମୁଦିନୀ ବେହେରା, ଲକ୍ଷ୍ମୀପ୍ରିୟା ବେହେରା ଆଦି ବହୁ ଗ୍ରାମବାସୀ ଅଭିଯୋଗ କରିବା ସହ କାର୍ଯ୍ୟ ଶୀଘ୍ର କରିବାକୁ ଦାବି କରିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧା ମୃତ

**ହାଟଡିହି,୨୫।୫(ସମିସ):** ନନ୍ଦିପଦା ଥାନା ଅନ୍ତର୍ଗତ ଛେନାପଦି ଗ୍ରାମର ଜଣେ ବୃଦ୍ଧାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଛେନାପଦି ଗ୍ରାମର ଡମ ଜେନାଙ୍କ ସ୍ତ୍ରୀ ବିଳାସ। ସକାଳୁ ମୁହଁ ଧୋଇବା ପାଇଁ ନଳକୂପ ନିକଟକୁ ଯାଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଏବଂ ସମାଜସେବୀ ଉଦୟନାଥ ସା ଉକ୍ତ ବୃଦ୍ଧାଙ୍କୁ ନେଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ନନ୍ଦିପଦା ପୁଲିସ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ଡ଼ମ ଜେନାଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି।

## ନିଖୋଜ ନବବଧୂ ଉଦ୍ଧାର

**ତୁରୁମୁଙ୍ଗା, ୨୫।୫(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ନୂଆ ଖମଣ ଗ୍ରାମର ପ୍ରତାପ ସାହୁଙ୍କ ଝିଅ ପୁଷ୍ପାଞ୍ଜଳି ସାହୁ ଆନନ୍ଦପୁର ଧକୋଠା ଗ୍ରାମର ଜଣେ ଯୁବକଙ୍କୁ ଗତ ୯ ତାରିଖରେ ଘଟଗାଁ ମନ୍ଦିରରେ ବିବାହ କରିଥିଲେ। ବାହାଘର ପରେ ନବବଧୂ ବାପ ଘର ନୂଆଖମଣକୁ ବାହୁଡ଼ା ଆସିବା ପରେ ଗୁରୁବାର ସାଙ୍ଗ ଘରକୁ ଯାଉଛି କହି କୁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇବାରୁ ଝିଅର ମା' କୌଶଲ୍ୟା ନାଏକ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ପୁଲିସ ନିଖୋଜ ମାମଲା ରୁଜୁ କରି ଏଏସଆଇ ସୁଜାତା ମହାନ୍ତଙ୍କ ସହ ଅନ୍ୟ କର୍ମଚାରୀ ନବବଧୂଙ୍କୁ ଶନିବାର କେନ୍ଦୁଝର ବଜାରରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

**ସୋସୋ/ହାଟଡିହୀ,୨୫।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକର ମୂଳ ଗର ପାଣିକୋଇଲା ଥାନାଞ୍ଚଳରେ ହୋଇଥିବା ବେଳେ ସେ ମାମୁ ଘରେ ରହି ଶିକ୍ଷା ଗ୍ରହଣ କରୁଥିଲେ। ନନ୍ଦିପଦା ଥାନାରେ ଝିଅର ବାପା ବନମାଳି ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରିବା ସହ ଝିଅର ଡାକ୍ତରୀ ମାଇନା କରାଇଛି। ଘଟଣା ପରେ ଅଞ୍ଚଳରେ ବେଶ୍ ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷକ ଭାଗିରଥି କବିଙ୍କ ସମେତ ଅନ୍ୟ ଜଣେ ଦୁଇଜଣ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ପଢ଼ାଇ ଆସୁଥିଲା ବେଳେ ଗତ ୨୪ ତାରିକ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ପ୍ରଧାନ ଶିକ୍ଷକ ଅଧିକ ମାର୍କ କରାଇଦେବାକୁ କହି ଅଶ୍ଳୀଳ ଇଙ୍ଗୀତ କରିଆସୁଥିଲେ। ପରେ ଛାତ୍ରୀ ଜଣକ ପରିବାର ସଦସ୍ୟଙ୍କୁ ଜଣାଇଲା ପରେ ଏନେଇ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ମହାବିଦ୍ୟାଳୟରେ ଅନାବଶ୍ୟକ ନିଯୁକ୍ତିକୁ ନେଇ ଅସନ୍ତୋଷ

**ଆନନ୍ଦପୁର, ୨୫।୫ (ସମିସ):** ଆନନ୍ଦପୁର ଅଞ୍ଚଳରେ ଥିବା ଅନେକ ସରକାରୀ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ନଥିଲେ ମଧ୍ୟ ପରିଚାଳନା କମିଟି ଦ୍ୱାରା ଅଯଥା ନିଯୁକ୍ତି ଦିଆଯାଉଛି। ଶିକ୍ଷାନୁଷ୍ଠାନର ଅର୍ଜିତ ଅର୍ଥରୁ ସେହି କର୍ମଚାରୀଙ୍କୁ ଦରମା ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ଅଯଥା କର୍ମଚାରୀଙ୍କୁ ଦରମା ପାଇଁ ଗରିବ ଛାତ୍ରଛାତ୍ରୀଙ୍କଠାରୁ ଯଥେଷ୍ଟ ପରିମାଣର ଅର୍ଥ ଆଦାୟ କରାଯାଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ମେଧାବୀ ଛାତ୍ର ଆର୍ଥିକ ଅନଟନରେ ଥିଲେ ମଧ୍ୟ ଉଚ୍ଚଶିକ୍ଷା ପାଇଁ ନାମଲେଖା ସମୟରେ ଏତେ ପରିମାଣର ଅର୍ଥ ଦେଇ ନପାରି ମୁହଁ ଫେରାଉଥିବା ଆଲୋଚନାରୁ ଜଣାଯାଇଛି। ଆନନ୍ଦପୁର ଅଞ୍ଚଳର ବିଭିନ୍ନ ମହାବିଦ୍ୟାଳୟରେ ଏଭଳି ଅନାବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ନେଇ ଅସନ୍ତୋଷ ରହିଛି। ଏପରିକି ଏଭଳି ନିଯୁକ୍ତିକୁ ବୈଧ କରିବା ପାଇଁ ଆବଶ୍ୟକ ପ୍ରମାଣପତ୍ରକୁ ସୃଷ୍ଟି ଦିଆଯାଉଥିବା ଭଳି ଜାଲିଆତି ଘଟଣା ତଦନ୍ତ ସାପେକ୍ଷ ବୋଲି ଜଣାପଡ଼ୁଥିବା ବେଳେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପରିଚାଳନା କମିଟି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଭାବିତ କରି ଏପରି ଚଞ୍ଚକତା କରାଯାଉଥିବା ବେଳେ ଏହାର ସୁଯୋଗ ନେଇ ଅନେକ ଅଯୋଗ୍ୟ ନିୟୋଜିତ ହୋଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପ୍ରଶାସନ ଓ ବର୍ତ୍ତମାନର ପରିଚାଳନା କର୍ତ୍ତୃପକ୍ଷ ଏହାର ତଦନ୍ତ କରିବାକୁ ଦାବି ହୋଇଛି। ଅପରପକ୍ଷେ, ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଖୁବଶୀଘ୍ର ସମସ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ବିସ୍ତୃତ ବିବରଣୀ ମଗାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ଏଲକଣିଆରେ ମାଳତୀ ବେହେରାଙ୍କ ସ୍ମୃତିସଭା



**ସୋସୋ,୨୫।୫(ସମିସ):** ହାଟଡିହି ବ୍ଲକ ଶାଳଣୀ ପଞ୍ଚାୟତ ଏଲକଣିଆ ଗ୍ରାମର ସ୍ୱର୍ଗତ ମାଳତୀ ବେହେରାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆଇନଜୀବୀ ରଙ୍ଗାଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଅନାଦି ନାୟକ, ପୂର୍ବତନ ସମିତିସଭ୍ୟ ଧିରେନ୍ଦ୍ର କୁମାର ବିଶ୍ୱାଳ, ଅମରବର ସେଠୀ, ଡ. ସସ୍ମିତା ଖିଲାରଙ୍କ ସହ ବହୁ ମାନ୍ୟଗନ୍ୟ ବ୍ୟକ୍ତ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ। ତାଙ୍କ ପୁଅ ସୁବାସ, ସୁକାନ୍ତ, ଶଶଧର, ବୋହୂ ପ୍ରମିଳା, ସରୋଜିନୀ, ଅନୀତାଙ୍କ ସମେତ ବହୁ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ମା' ତାରିଣୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଆନନ୍ଦପୁର, ୨୫।୫ (ସମିସ):** ଶୈଳଙ୍ଗସ୍ଥିତ ମା' ତାରିଣୀ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ଲାଭ କରି ଜିଲ୍ଲାର କଲେଜ ମଧ୍ୟରେ ରେକର୍ଡ ସୃଷ୍ଟି କରିଛି। ଏହି କଲେଜର ମୋଟ ୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ୮ ଜଣ ଛାତ୍ରଛାତ୍ରୀ ଇ୧ ରେ ରହିଛନ୍ତି। ଦେବାଶିଷ ଜେନା, ଦୀପାରାଣୀ ସାହୁ, ଇତିଶ୍ରୀ ରାଉତ, ରାଜେନ୍ଦ୍ର ରାଉଳ, ସ୍ୱୀକୃତି ସୁପ୍ରଭା ସା, ଶ୍ରୁତି ଶ୍ରାବଣୀ ବରାଳ, ଉଷାଶ୍ରୀ ସାହୁ, ସୁଭଦ୍ରା ସାହୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜର ଅଧ୍ୟକ୍ଷ ଓ ଅଧ୍ୟାପିକ ଅଧ୍ୟାପକା ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା କରିଥିଲେ। କଲେଜର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ କଲେଜ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣେଇବା ସହ ଉତ୍ତୋରତର କାମନା କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଦଧିବାମନଜୀଉଙ୍କ ଜମିରେ ଲାଗିଲା ଆମ୍ବ ଚାରା



**ଚମ୍ପୁଆ,୧୯।୫(ସମିସ):** ଚମ୍ପୁଆ ପ୍ରଶାସନ ପକ୍ଷରୁ ବଡନଇ ପଞ୍ଚାୟତର ପଳସା ଗାଁରେ ଥିବା ଦଧିବାମନଜୀଉଙ୍କ ଜମି ପୁନଃ ନିର୍ଦ୍ଧାରଣ କରାଯାଇ ଆଜିଠାରୁ ୩ ପ୍ରକାରର ୬୦୦ ଆମ୍ବ ଗଛ ଲାଗିବ। ପ୍ରଥମ ଗଛକୁ ଗଛକୁ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଦ୍ୱାରା ରୋପଣ କରାଯାଇଥିଲା। ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏହି ଜମିକୁ ଚିହ୍ନଟ କରାଯିବା ସହିତ ଖୁଣ୍ଟ ପୋତା ଯାଇ ଜାଲି ବାଡ କାର୍ଯ୍ୟ ତ୍ୱରାନିତ କରାଯାଇଛି। ପଳସାଠାରେ ଦଧିବାମନଙ୍କ ନାମରେ ଥିବା ଏକ ବିରାଟ ବନ୍ଧକୁ ମିଶାଇ ୨୦ ଏକରରୁ ଅଧିକ ସମ୍ପତ୍ତିକୁ ସ୍ଥାନୀୟ ଲୋକ ଚାଷାଦି କାର୍ଯ୍ୟ କରିଆସୁଥିବା ବେଳେ ଅନେକ ସ୍ଥାନ ବ୍ୟବହାର ନ ହୋଇ ଅପନ୍ତରା ଅବସ୍ଥାରେ ପଡିରହିଥିଲା। ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ପ୍ରଚେଷ୍ଟାରେ ଏହି ଦେବତର ସମ୍ପତ୍ତିକୁ ପ୍ରଥମେ ଚିହ୍ନଟ କରାଯିବା ପରେ ଜାଲିବାଡ଼ ଦିଆଯାଇ ତଥା ଜମିଗୁଡିକୁ ସମତୁଲ କରାଯାଇଥିଲା। ଏବେ ଆମ୍ବ ଗଛ ରୋପଣ କରାଯାଉଛି। ପର୍ଯ୍ୟାୟ କ୍ରମରେ ଏହା ବିକ୍ରି କରାଯାଇ ଦେବୋତ୍ତର ବିଭାଗକୁ ଅର୍ଥପ୍ରଦାନ କରାଯିବ। ଏହାସହ ଦଧିବାମନଜୀଉଙ୍କ ବିରାଟ ବନ୍ଧଟିର ପୁନରୁଦ୍ଧାର ସରିଲେ ବିଭିନ୍ନ ପ୍ରକାର ଆୟ ବୃଦ୍ଧି ପାଇବ। ଏନେଇ ଉପଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି ଯେ ଆମ୍ବ ଗଛ ଲୋଗାଇବା ଦ୍ୱାରା ବାର୍ଷିକ ୫-୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ରଜଗାର ହୋଇପାରିବ ଏବଂ ପୋଖରୀ ସ୍ଥାନୀୟ ଲୋକଙ୍କ ଜଳାଭାବକୁ ଦୂର କରିବା ସହିତ ଲୋକଙ୍କ ଆର୍ଥିକ ମାନଦଣ୍ଡ ସଦୃଢ କରିପାରିବ।

## ଗାଡ଼ି କାଚ ଭାଙ୍ଗି ବ୍ୟାଟେରୀ ଚୋରି

**ଯୋଡ଼ା, ୨୫।୫(ସମିସ):** ଯୋଡ଼ା ସହର ୧୧ ନମ୍ବର ୱାର୍ଡ ଜିଓ ଅଫିସ ସାମ୍ନାରୁ ଶନିବାର ବିଳମ୍ବିତ ରାତ୍ରିରେ କିଛି ଦୁର୍ବୃତ୍ତ ଏକ ଚାରିଚକିଆ ଗାଡ଼ିର କାଚ ଭାଙ୍ଗିବା ସହ ଏହାର ବ୍ୟାଟେରୀ ଚୋରି କରି ନେଇଥିବା ଜଣାପଡ଼ିଛି। ଏନେଇ ଯୋଡ଼ା ଥାନାରେ ଅଭିଯୋଗକ୍ରମେ ପୁଲିସ ତନାଘନା ଚଳାଇଛି। ୩ଟି ଗାଡ଼ିରୁ ବ୍ୟାଟେରୀ ଚୋରିକରିଥିବା ଜଣାପଡିଛି। ଉକ୍ତ ସ୍ଥାନରେ ଗୋଟିଏ କାର, ଗୋଟିଏ ବୋଲେରୋ ଏବଂ ଗୋଟିଏ କ୍ୟାମ୍ପର ସବୁଦିନ ପରି ଛିଡ଼ା ହୋଇଥିବା ବେଳେ ବିଳମ୍ବିତ ରାତ୍ରିରେ କେହି ଚୋରି କରିବା ଉଦ୍ଦେଶ୍ୟ ରଖି ତିନୋଟି ଯାକ ଗାଡ଼ିର ସାମ୍ନା କବାଟ କାଚଗୁଡ଼ିକୁ ଭାଙ୍ଗିବା ସହ ତିନୋଟି ଯାକ ବ୍ୟାଟେରୀ ଚୋରି କରି ନେଇଛନ୍ତି। ସକାଳୁ ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ା ପୁଲିସ ଛାନଭିନ ଚଳାଇଛି।

## ବେଆଇନ କାଠ ବୋଝେଇ ଭ୍ୟାନ ଅଟକ



**ରାମଚନ୍ଦ୍ରପୁର, ୨୫।୫(ସମିସ):** ବେଆଇନ ଭାବେ ଲୁଚାଛପାରେ ସାଇଁକୁଳ ସ'ମିଲକୁ କାଠ ଯୋଗାଉଥିବା ନେଇ ବନ ବିଭାଗର ସାଂସଦ ପ୍ରତିନିଧି ବିକାଶ କୁମାର ଚକ୍ର ବାରମ୍ବାର ଅଭିଯୋଗ କରି ଆସୁଥିଲେ। ରବିବାର ସକାଳୁ ଏଭଳି ଏକ ପିକଅପ୍ ଭ୍ୟାନରେ କାଠ ବୋଝେଇ ହୋଇ ସାଇଁକୁଳ ସ'ମିଲ ରାସ୍ତାରେ ଯାଉଥିଲା ସମୟରେ ଫରେଷ୍ଟର କେଦାର ପାତ୍ର ସୂଚନା ପାଇ ସଦଳବଳେ ଚଢ଼ଉ କରିଥିଲେ। ବନବଭାଗ କର୍ମଚାରୀ ପହଞ୍ଚି ଗାଡ଼ିକୁ ଯାଞ୍ଚ କରିବା ପରେ କାଠର ବୈଧ କାଗଜପତ୍ର ନଥିବାରୁ ଗାଡ଼ିକୁ ଜବତ କରିଥିଲେ। ଗାଡି ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝିଙ୍କ ଉପସ୍ଥିତିରେ ଜବତ କାଠ ଗାଡିଟିକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି।

## ତିନି ବାଲି ଗାଡ଼ି ଜବତ

**ତେଲକୋଇ, ୨୫।୫(ସମିସ):** ସମାକୋଇ ନଦୀରୁ ବାଲି ବେଆଇନ ଚୋରା ଚାଲାଣ ହେଉଥିବା ବେଳେ ତିନୋଟି ଟ୍ରାକ୍ଟରକୁ ଜବତ କରିଛି ପୁଲିସ। ପରେ ଟ୍ରାକ୍ଟରଗୁଡ଼ିକୁ ଥାନାକୁ ଅଣାଯାଇ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଟ୍ରାକ୍ଟରକୁ ପୁଲିସ କବଳରୁ ଖସାଇ ନେବାକୁ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ନେତା କହୁଥିବା ଜଣେ କର୍ମୀ ଜୋର୍‌ସୋର କସରତ ଚଳାଇଥିବା ମଧ୍ୟ ଜଣାପଡ଼ିଛି। ସମାକୋଇ ନଦୀ ଘାଟରୁ ଓରିଆ ପିଟାନାଳି ଆଡ଼କୁ ବାଲି ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ଥାନାଧିକାରୀ ନିଜେ ଗାଡ଼ିଗୁଡ଼ିକୁ ଯାଇ ଜବତ କରିଥିଲେ। ଏହାକୁ ନେଇ ଥାନା ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ କରାଯିବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ତେଲକୋଇ ତଳ ସାହି ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ଏହା ଉପରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନେଇ ପାରୁନ ଥିବା ଚର୍ଚ୍ଚାର ବିଷୟ ରହିଛି।

## ଦୁଇ ମଦ୍ୟପ ଗାଡ଼ି ଚାଳକ ଅଟକ

**ରାମଚନ୍ଦ୍ରପୁର,୨୫।୫(ସମିସ):** ନିଶାସକ୍ତ ଅବସ୍ଥାରେ ବାଇକ ଚଳାଇ ପୁଲିସ ହାତରେ ଧରାପଡ଼ିଲେ ଦୁଇ ଯୁବକ। ରାମଚନ୍ଦ୍ରପୁର ପୁଲିସ ଜରଦା ଦେଓଗାଁ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ପଦନପୁର ପୋଲ ନିକଟରେ ସ୍କୁଟିରେ ଯାଉଥିବା ଦୁଇ ଆରୋହୀଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଗଡଡବାହାଳି ଗ୍ରାମର ଯୋଗେନ୍ଦ୍ର ସାହୁ(୨୪), ଭଜହରି ବେହେରା(୨୫) ନିଶାସକ୍ତ ହୋଇ ଗାଡି ଚଳାଉଥିଲେ। ପୁଲିସ ଦୁଇ ଯୁବକଙ୍କ ସମେତ ସ୍କୁଟିକୁ ଥାନା ହେପାଜତକୁ ନେଇଛି।

## ଟୁଂକୁଣା ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଙ୍କ ବାଜିମାତ





**ଆନନ୍ଦପୁର ୨୫।୫ (ସମିସ):** ଆନନ୍ଦପୁର ଟୁଂକୁଣାସ୍ଥିତ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷାରେ ତିନି ଛାତ୍ରୀ ବାଜି ମାରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଉପ ଶାସ୍ତ୍ରୀୟ(+୨) ପରୀକ୍ଷାରେ ଟୁଂକୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୮୫ ପ୍ରତିଶତ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଛାତ୍ରୀ ସୁଶ୍ରୀ ବିଦିଶା ପଣ୍ଡା ୫୭୧ ମାର୍କ ରଖି ବିଦ୍ୟାଳୟର ତଥା ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁଶ୍ରୀ ମୋନାଲିସା ମହାନ୍ତ ୫୦୧ ନମ୍ବର ରଖି ବିଦ୍ୟାଳୟର ଦ୍ୱିତୀୟ ସ୍ଥାନ ଓ ଛାତ୍ରୀ ସୁଶ୍ରୀ ଶ୍ରାବଣୀ ଜେନା ୪୯୮ ନମ୍ବର ରଖି ବିଦ୍ୟାଳୟର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉର୍ତ୍ତିନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ପାଢ଼ୀ, ପୂର୍ବ ଅଧକ୍ଷା ଡ ଇନ୍ଦିରା ଚକ୍ର, ଅଧ୍ୟାପକ ସୁଦର୍ଶନ ସାହୁ, ଡ଼ ଗୋପୀନାଥ ପଣ୍ଡା, ଯଦୁମଣି ମିଶ୍ର, ବିଜୟ ମିଶ୍ର ଓ ଡ଼ ଭୋଳେଶ୍ୱର ପ୍ରଧାନ ପ୍ରମୁଖ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବନନିଗମ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ




**କେନ୍ଦୁଝର,୨୫।୫(ସମିସ):** ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ କେନ୍ଦୁଝର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ତୈଳିକ ସମାଜ ସଭାଗୃହରେ ସଂଘ ସଭାପତି ଦେବେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୟୁନିଟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ କେନ୍ଦ୍ରୀୟ କମିଟି କାର୍ଯ୍ୟକାରୀ ସଭାପତି ସଂଗ୍ରାମ ପଟ୍ଟନାୟକ, କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, କେନ୍ଦ୍ରୀୟ କମିଟି ଉପସଭାପତି ଅର୍ଜୁନ ସେଠୀ, ଆଞ୍ଚଳିକ ସମ୍ପାଦକ ଉମାଶଙ୍କର ପାଣିଗ୍ରାହୀ, ଉପଦେଷ୍ଟା ଅକ୍ଷୟ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ରାକେଶ ଜେନା, ଦୀପ୍ତିରଞ୍ଜନ ସାହୁ, ପୂର୍ବତନ କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ଅଞ୍ଚଳ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ବର୍ଷ ପାଇଁ ସଂଘର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନରେ କୃଷ୍ଣଚନ୍ଦ୍ର ମହାପାତ୍ର ସଭାପତି, ଦିବ୍ୟରଞ୍ଜନ ବେହେରା ଉପସଭାପତି, ଦୀପ୍ତିରଞ୍ଜନ ସାହୁ ସମ୍ପାଦକ, ଜ୍ୟୋତିପ୍ରକାଶ ଗୁମାନସିଂ ସହସମ୍ପାଦକ, ନସୋମା ମୁଣ୍ଡା କୋଷାଧ୍ୟକ୍ଷ, ସୁନୀଲ ନାୟକ ସଂଗଠନ ସମ୍ପାଦକ, ଝରଣା ପରିଡା ସମୀକ୍ଷକ ଭାବେ ନିର୍ବାଚିତ ହୋଇ ଶପଥ ଗ୍ରହଣ କରିଥିଲେ।

## କାମରେ ଲାଗୁନି ଲକ୍ଷାଧିକ ଟଙ୍କାର ଶକ୍ତି କଫେ



**ଚମ୍ପୁଆ, ୨୫।୫(ସମିସ):** ୧୮ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଚମ୍ପୁଆ ଏନଏସି ୧୧ ବର୍ଷରେ ପଦାର୍ପଣ କଲାଣି। ମାତ୍ର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଭାଗର ଆନ୍ତରିକତା କମିକମି ଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲିଟିଛି ବସଷ୍ଟାଣ୍ଡଠାରେ ଲକ୍ଷାଧିକ ଟଙ୍କା ବିନିମୟରେ ସ୍ଥାପନ କରାଯାଇଥିବା ଶକ୍ତି କାଫେ। ସରକାର ବଦଳିଗଲେଣି ନୂତନ ସରକାର ବର୍ଷ ପୂର୍ତ୍ତି କରିବାକୁ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ଆଜକୁ ଦେଢ ବର୍ଷ ତଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ବସଷ୍ଟାଣ୍ଡଠାରେ ସ୍ଥାପନ କରାଯାଇଥିବା ଶକ୍ତି କାଫେ ଖୋଲାଯାଇପାରିଲା ନାହିଁ। ଦୀର୍ଘ ଦିନ ଧରି ଏହି ଶକ୍ତି କାଫେଟି ବନ୍ଦ ରହିଥିବା ବେଳେ ସ୍ଥାନୀୟ ଲୋକ ଏନ୍‌ଏସିର ପାରିବା ପଣିଆକୁ ନେଇ ଉପହାସ ଆରମ୍ଭ କଲେଣି। ଏହି ଶକ୍ତି କାଫେ ବସ ଯାତ୍ରୀଠାରୁ ଆରମ୍ଭ କରି ଜନସାଧାରଣଙ୍କୁ ଚାଆ, କଫି ଓ ସ୍ନାକ୍ସ ଆଦି କମ ମୂଲ୍ୟରେ ଉପଲବ୍ଧ କରିବା ଲକ୍ଷ୍ୟ ନେଇ ସ୍ଥାପନ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ନଜରରେ ତାହା ପଡିପାରୁ ନାହିଁ। ଆଜି ପର୍ଯ୍ୟନ୍ତ ଖୋଲାଯାଇପାରିଲା ନାହିଁ। ଏନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ କାଉନସିଲ ବଡି ମିଟିଂ କରାଯାଇ ତାକୁ ଚଲାଇବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହା ସହିତ କେତେ ବର୍ଷ ହେଲାଣି ତାହା ସ୍ଥାପନ କରାଯାଇଛି ସେ ବିଷୟରେ ଜାଣି ନଥିବା କହିବା ସହିତ କ'ଣ ପାଇଁ ତାହା ବନ୍ଦ ପଡିଛି ସେ ବିଷୟରେ ପଚାରି ବୁଝାଯିବ ବୋଲି ସୂଚନା ଦେଇଛନ୍ତି।

## ହାତୀର ମୃତଦେହ ଠାବ

**ତେଲକୋଇ,୨୫।୫(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅଧୀନ ତାଳପଦା ସେକ୍ସନ ଓରିଆ ବିଟ ତମାଙ୍ଗ ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ପୁଣି ଏକ ମାଈ ହାତୀର ମୃତଦେହ ଠାବ ହୋଇଛି। ତାଳପଦା ଫରେଷ୍ଟ ସେକ୍ସନ ବନ କର୍ମଚାରୀ ଓ ରେଞ୍ଜର ବନ କର୍ମଚାରୀଙ୍କ ମିଳିତ ପାଟ୍ରୋଲିଙ୍ଗ ସମୟରେ ହାତୀର ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ବନ ବିଭାଗ ଘଟଣାସ୍ଥଳକୁ ଯାଇଥିବା ବେଳେ ସେଠାରେ ମୋବାଇଲ ନେଟୱର୍କ ନ ଥିବା ଯୋଗୁଁ ତଦନ୍ତରେ ବାଧା ସୃଷ୍ଟି ହୋଇଥିଲା। ହାତୀର ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହୋଇପାରି ନାହିଁ। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଡାକ୍ତରଙ୍କ ଆବାସିକ କୋଠା ଉଦ୍‌ଘାଟିତ

**ଯୋଡ଼ା, ୨୫।୫(ସମିସ)**




ଓଡ଼ିଶା ଖଣି ବିଭାଗର ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ କୋଇଡାର ସମ୍ପ୍ରଦାୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ନବନିର୍ମିତ ଡାକ୍ତରଙ୍କ ଆବାସିକ କୋଠା ଉଦଘାଟିତ ହୋଇଯାଇଛି। ଏହି କ୍ୱାର୍ଟରକୁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉଦଘାଟନ କରିଥିଲେ। ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି, ସବଳ ଝା, ପରିଚାଳକ ପାର୍ଥ ବେହୁରା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ଡାକ୍ତରଙ୍କ କ୍ୱାର୍ଟର ମେଡିକାଲ ଅଫିସର ଇନ-ଚାର୍ଜଙ୍କୁ ହସ୍ତାନ୍ତର କରାଯାଇଥିଲା। ଡାକ୍ତରଙ୍କ କ୍ୱାର୍ଟରର ଉଦଘାଟନ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆଧୁନିକ ସୁବିଧା ଏବଂ ହସ୍ପିଟାଲ ନିକଟରେ ଏକ ରଣନୈତିକ ସ୍ଥାନ ସହ ଏହି ସୁବିଧା ଡାକ୍ତରମାନଙ୍କୁ ସେମାନଙ୍କ ଦାବିପୂର୍ଣ୍ଣ ଭୂମିକାରେ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ଉଦଘାଟନ ସମାରୋହ ସମୟରେ, ଅଧିକାରୀ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତମାନେ ନୂତନ ସୁବିଧା ପାଇଁ ସେମାନଙ୍କର ଉତ୍ସାହ ପ୍ରକାଶ କରିଥିଲେ। ଅନେକ ଗୁରୁତ୍ୱାରୋପ କରିଥିଲେ ଯେ ଉନ୍ନତ ଜୀବନଯାପନ ଅବସ୍ଥା କିପରି ରୋଗୀ ସେବା ପ୍ରତି ସେମାନଙ୍କ ଦକ୍ଷତା ଏବଂ ସମର୍ପଣକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଡାକ୍ତରୀ ବୃତ୍ତିଗତଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ, କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ସ୍ଥାନରେ ସେବା କରିବା ପାଇଁ ଦକ୍ଷ ଡାକ୍ତରମାନଙ୍କୁ ଆକର୍ଷିତ କରିବା ଲକ୍ଷ୍ୟ ରଖିଛନ୍ତି।

## ଟୁଂକୁଣା-ପଞ୍ଚୁପଲ୍ଲୀ ରାସ୍ତା ନିର୍ମାଣରେ ବେପରୁଆ କାର୍ଯ୍ୟ



**ଆନନ୍ଦପୁର, ୨୫।୫ (ସମିସ):** ଟୁଂକୁଣା-ପଞ୍ଚୁପଲ୍ଲୀ ରାସ୍ତା ନିର୍ମାଣରେ ଠିକାଦାରଙ୍କ ବେପରୁଆ କାର୍ଯ୍ୟକଳାପ ଯୋଗୁଁ ୮ଟି ଗାଁର ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱ ଓସାରିଆ କରିବା ପାଇଁ ପକାଯାଇଥିବା ମାଟି ଅଦିନିଆ ବର୍ଷାରେ ବେହାଲ ଅବସ୍ଥା ସୃଷ୍ଟି କରିଛି। ଏହି ରାସ୍ତାରେ ଯାତାୟାତ କରିହେଉ ନଥିବା ବେଳେ ଜରୁରୀ ସେବା ବନ୍ଦ ହୋଇଯାଇଛି। ଆମ୍ବୁଲାନ୍ସ ଓ ଦମକଳ ଏହି ରାସ୍ତାରେ ଆସିପାରୁ ନଥିବା ବେଳେ ରୋଗୀଙ୍କୁ ଡାକ୍ତରଖାନାକୁ ନେବା ପାଇଁ ୧୨ କିମି ବୁଲିବାକୁ ପଡୁଛି। ଏପରି ଅସୁବିଧା ପାଇଁ ଛାତ୍ରଛାତ୍ରୀଙ୍କ ସ୍କୁଲ କଲେଜ ବନ୍ଦ ହେଲାଣି। ଟୁଂକୁଣା ବନିକା ଗୁହାଳିଆ ପୁଷ୍କରା ନୂଆଗାଁ କୁଣ୍ଡିସାହି ପଞ୍ଚୁପଲ୍ଲୀ ସମେତ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପଞ୍ଚୁଗୋଛିଆ ବଞ୍ଚୋ ଏବଂ ହାଟଡିହି ବ୍ଲକ ଅନେକ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ଭୋଗ କରୁଥିବାରୁ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି। ଏହି ରାସ୍ତା ନିର୍ମାଣ ଶେଷ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ତ୍ୱରିତ ସମାଧାନ ବ୍ୟବସ୍ଥା କରିବା ଜରୁରୀ ହୋଇପଡିଛି; ଅନ୍ୟଥା ଅଞ୍ଚଳବାସୀ ଆନ୍ଦୋଳନମୂକ ପନ୍ଥା ଗ୍ରହଣ କରିବେ ବୋଲି ଆଲୋଚନାରୁ ଜଣାଯାଇଛି।

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

ସକାଳ
THE SAKALA

## କୃତଘ୍ନ ପଡ଼ୋଶୀ

ବାଂଲାଦେଶର କାମଚଳା ସରକାରର ମୁଖ୍ୟ ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ଇସ୍ତଫା ନେଇ ଦୁଇଦିନ ଧରି ଚର୍ଚ୍ଚା ହେବା ପରେ ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ପଡ଼ିଛି। 'ସାମୟିକ' ଉଲ୍ଲେଖ କରିବା ପଛର ଯୁକ୍ତି ହେଉଛି ଏବେ ବାଂଲାଦେଶ ଯେଉଁଭଳି ପରିବେଶ ଓ ଯେଉଁ ତତ୍ତ୍ୱମାନଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପରେ ପରିଚାଳିତ ହେଉଛି ସେଥିରେ ଘଡ଼ିକେ ଘୋଡ଼ା ଛୁଟିବା ଅସ୍ୱାଭାବିକ ନୁହେଁ। ଇସ୍ତଫା ଦେବା ବିଷୟରେ ୟୁନୁସ୍ ସିଧାସଳଖ ଘୋଷଣା କରି ନଥିଲେ ହେଁ ସାମ୍ପ୍ରତିକ ପରିସ୍ଥିତି ଓ ଅସ୍ଥିର ପରିବେଶ ଭିତରେ କାମ କରିବା ସମ୍ଭବ ନୁହେଁ ବୋଲି ଛାତ୍ରସଂଗଠନ ନ୍ୟାଶ୍‌ନାଲ୍ ସିଟିଜେନ୍ ପାର୍ଟିକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଏବଂ ତତ୍‌ପରବର୍ତ୍ତୀ କ୍ୟାବିନେଟ୍ ବୈଠକକୁ ମଧ୍ୟ ବର୍ଜନ କରିଥିଲେ। ଏହାପରେ ସେ ଇସ୍ତଫା ଦେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଥିଲା। ତେବେ ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ଏଭଳି ଚର୍ଚ୍ଚାକୁ କାମଚଳା ସରକାରର ଅନ୍ୟତମ ଉପଦେଷ୍ଟା ୱାହିଦୁଦ୍ଦିନ୍ ମହମ୍ମଦ୍ ଖଣ୍ଡନ କରିବା ସହିତ ୟୁନୁସ୍ କିମ୍ବା ଉପଦେଷ୍ଟାମାନେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ସୂଚନା ଭାରତ ପାଇଁ କିଛିଟା ଆଶ୍ୱସ୍ତି ସୃଷ୍ଟି କରିଛି। କାରଣ ଅସ୍ଥିର ପଡ଼ୋଶୀ ସବୁବେଳେ ଗୋଟିଏ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ।

ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଯେ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ ତାହା ଜଣାପଡୁଛି। ବାଂଲାଦେଶରେ ଯାହା ଚାଲିଛି ତାହା ସେଠାକାର ଆଭ୍ୟନ୍ତରୀଣ ସମସ୍ୟା। କିନ୍ତୁ ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ଏକ ରାଜନୈତିକ ଅସ୍ଥିର ଦେଶର ଶାସନ ଭାର ହାତକୁ ନେଇଥିବା ଏକ ଅସ୍ଥାୟୀ ସରକାରର ଉଦ୍ୟମ ସେଠାକାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃପ୍ରତିଷ୍ଠା କରିବାର ପଥ ଉନ୍ମୋଚନ କରିବା ବଦଳରେ ବିଭିନ୍ନ ସମୟରେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରି ନିଜର କୃତଘ୍ନତାର ପରିଚୟ ଦେବାରେ ସୀମିତ ରହିଯାଇଛି।

ୟୁନୁସ୍ ଦାୟିତ୍ୱ ନେବା ପରଠାରୁ ତାଙ୍କ ନିୟନ୍ତ୍ରଣ ଓ ନେତୃତ୍ୱରେ ଶାସନକାର୍ଯ୍ୟ ପରି ଯେ ପରିଚାଳିତ ହେଉ ନାହିଁ ତାହା ବିଭିନ୍ନ ସମୟରେ ସେଠାକାର ନେତା ଓ ଅଧିକାରୀମାନେ ଦେଇଥିବା ମନ୍ତବ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ପିଲାଳିଆମୀ କେବଳ ଯାହା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ମନ୍ତବ୍ୟ ରାଜନୈତିକ ପ୍ରତିହିଂସାର ଏକ ନିରର୍ଥକ ପ୍ରତିଫଳନ କହିବା ଭୁଲ୍ ହେବ ନାହିଁ। ବାଂଲାଦେଶ ନିଜର ଅପକର୍ମ ଓ ଅଯୋଗ୍ୟତା ପାଇଁ ଭାରତକୁ ବିରୋଧ କରିବା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଙ୍ଗେ ସମାନ। ସେଠାକାର କତିପୟ ନେତାଙ୍କ ଭାରତ ବିରୋଧୀ ମନୋଭାବ ପଛରେ ମୁଷ୍ଟିମେୟ ଗୋଷ୍ଠୀର ହାତ ରହିଛି, ଯାହାକୁ ଚୀନ୍ ଓ ଆମେରିକା ପରୋକ୍ଷରେ ସମର୍ଥନ ଦେଇଆସୁଛନ୍ତି। ବିଶେଷକରି 'ଅପରେସନ୍ ସିନ୍ଦୂର'ର ଅପାର ସଫଳତା ପରେ ବାଂଲାଦେଶ ମୌଳବାଦୀଙ୍କ ଭାରତ ବିରୋଧୀ ଅସୂୟା ଆହୁରି ଉତ୍କଟ ହୋଇଛି।

ଜନ୍ମଦାତା ଭାରତକୁ ଗୋଇଠା ମାରି ଚୀନ୍ କୋଳରେ ବସିବାକୁ ବାଂଲାଦେଶ ଯଦି ଲାଳାୟିତ ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ତାହାର ପରିଣତି ଯେ ପାକିସ୍ତାନ, ନେପାଳ ଓ ମାଳଦ୍ୱୀପ, ଶ୍ରୀଲଙ୍କା ପରି ହେବା ନିଶ୍ଚିତ ତାହା ୟୁନୁସ୍‌ଙ୍କ ପରି ବିଜ୍ଞ ବ୍ୟକ୍ତିଙ୍କୁ ବୁଝାଇବା ଚେଇଁ ଶୋଇଥିବା ବ୍ୟକ୍ତିକୁ ଉଠାଇବା ପ୍ରୟାସ ସମାନ। ଭାରତ ସବୁବେଳେ ନିଜର ପଡ଼ୋଶୀଙ୍କ ଉନ୍ନତି, ସ୍ଥିରତା ଓ ଶାନ୍ତି ପାଇଁ ସ୍ୱତନ୍ତ୍ର 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତି ଆପଣେଇ ଆସିଛି। ଏଥିରେ ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଜରିଆରେ ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି। ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରଙ୍କ ସହିତ ସମ୍ପର୍କ ସ୍ଥାପନରେ ଯେଉଁ ମର୍ଯ୍ୟାଦା ଏବଂ ଶିଷ୍ଟାଚାର ରଖାଯିବା କଥା ଭାରତ ତାହାକୁ ଭୁଲିନାହିଁ। ଏହାସତ୍ତ୍ୱେ କିଏ ଯଦି ଭାରତର ପ୍ରଭାବ ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ହୋଇ କୁତ୍ସାରଟନା କରିବ, ତାହା ସେମାନଙ୍କର ହୀନମନ୍ୟତା ବୋଲି କହିବାକୁ ପଡ଼ିବ। ଭାରତ କୌଣସି ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରେ ନାହିଁ। ଶ୍ରୀଲଙ୍କା, ମାଳଦ୍ୱୀପ ପରେ ବାଂଲାଦେଶ ତାହାର ଜ୍ୱଳନ୍ତ ଉଦାହରଣ। ସର୍ବୋପରି ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ଆମେରିକା ପରି ନିଜର ବଡ଼ଭାଇ ପଣିଆ ବାଂଲାଦେଶ ଉପରେ କେବେ ହେଲେ ଲଦି ଦେଇନାହିଁ କି ଚୀନ୍ ଭଳି ପ୍ରଭୁତ୍ୱ ବିସ୍ତାର ପାଇଁ ଉଦ୍ୟମ କରିନାହିଁ।

ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ଚାହେଁ ଏବଂ ସେଠି ଯିଏ ବି କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ମହତ୍ତର। କିନ୍ତୁ ସେଠାକାର ମୌଳବାଦୀ ନେତାଙ୍କୁ ଏହା ବୁଝାଇବାରେ ୟୁନୁସ୍ ଲଗାତାର ବିଫଳ ହୋଇଛନ୍ତି, ଯାହା ତାଙ୍କର ଇସ୍ତଫା ଦେବା ମାନସିକତାରେ ପ୍ରତିଫଳନ ଘଟିଛି। ଅପରପକ୍ଷରେ ଏହାର ଫାଇଦା ନେବାକୁ ଚୀନ୍ ଏବଂ ଏବେ ପାକିସ୍ତାନ ୟୁନୁସ୍ ସରକାର ପ୍ରତି ବନ୍ଧୁତ୍ୱର ହାତ ବଢ଼ାଉଛନ୍ତି। ୟୁନୁସ୍ ମଧ୍ୟ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ 'ସମର୍ପଣ' ମନୋଭାବରେ ପରିବର୍ତ୍ତନ ନ ହେଉ। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେଉ।

## ଜଳସଙ୍କଟ ଓ ଆଭାସୀ ଜଳବାଣିଜ୍ୟ

**ବିଦ୍ୟାଧର ମହାରଣା**

ଭାରତରେ ବିଶ୍ୱର ମାତ୍ର ୩.୮୩% ମଧୁର ଜଳ ରହିଛି, ଯାହା ୧୪୫ କୋଟି ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ସର୍ବନିମ୍ନ ଚାହିଦା ୧୭୦୦ ଘନମିଟର ହୋଇଥିବା ବେଳେ ସମ୍ପ୍ରତି ଭାରତରେ ମୁଣ୍ଡପିଛା ଜଳ ପରିମାଣ ୧୪୮୬ ଘନମିଟର। ତେଣୁ ଦେଶର ପ୍ରାୟ ୬୦ କୋଟି ଲୋକ ଜଳ କଷ୍ଟ ଅନୁଭବ କରୁଛନ୍ତି। ନିତି ଆୟୋଗ ରିପୋର୍ଟ ଅନୁସାରେ ୨୦୩୦ ବେଳକୁ ଆମର ଜଳ ଚାହିଦା ଦୁଇଗୁଣ ହେବ। ତେଣୁ ଏପରି ଜଳସଙ୍କଟର ମୁକାବିଲା କରିବା ପାଇଁ କେତେକ ରଣନୀତି ଆବଶ୍ୟକ। ବିଶେଷକରି ଦେଶର ଜଳସମ୍ପଦ ପରିଚାଳନା ଓ ଖାଦ୍ୟ ନିରାପତ୍ତା ପାଇଁ ଜାତୀୟ ନୀତି ପ୍ରଣୟନ କରିବା ବେଳେ 'ଜଳ ପଦଚିହ୍ନ' ଓ 'ଆଭାସୀ ଜଳ' ବାଣିଜ୍ୟ ବିଷୟରେ ଅନୁଶୀଳନ ଆବଶ୍ୟକ।

'ଆଭାସୀ ଜଳ' ବା 'ଭର୍ଚୁଆଲ ୱାଟର' କହିଲେ ଉତ୍ପାଦନଚକ୍ର ମଧ୍ୟରେ ଉତ୍ପାଦନ ପାଇଁ ବିନିଯୋଗ ହେଉଥିବା ଜଳ ପରିମାଣ ଏବଂ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ଶେଷପର୍ଯ୍ୟନ୍ତ ରହୁଥିବା ଜଳକୁ ବୁଝାଯାଏ। ସାଧାରଣତଃ ଶସ୍ୟଗୁଡ଼ିକରେ ୧୫% ଜଳ ରହିଲା ବେଳେ ପନିପରିବାରେ ୮୫% ଓ ଫଳରେ ୭୫% ଜଳ ରହିଯାଏ। 'ଜଳ ପଦଚିହ୍ନ' ହେଉଛି ମୋଟ ବ୍ୟବହୃତ ଜଳ ପରିମାଣ, ଯାହାକୁ ଫସଲ ଜୀବନ କାଳରେ ବ୍ୟବହାର କରେ। ଏହି 'ଜଳ ପଦଚିହ୍ନ' ସବୁଜ, ନୀଳ ଓ ଧୂସର ହୋଇଥାଏ। ସବୁଜ ଜଳ ମାଟି ମଧ୍ୟରେ କିମ୍ବା ଜଙ୍ଗଲ ଗଛଲତା ଭିତରେ ଥାଏ। ନୀଳ ଜଳ ଆମେ ସମୁଦ୍ର, ହ୍ରଦ, ନଦୀ ଓ ବିଭିନ୍ନ ଜଳସ୍ରୋତରେ ଦେଖୁ, ଯାହାକୁ ଆମେ କୃଷି, ଶିଳ୍ପ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁ। ଯେଉଁ ଜଳ ଅପଶିଷ୍ଟ ହୋଇ ଦୂଷିତ ଜଳ ହିସାବରେ ନାଳ ନର୍ଦ୍ଦମାରେ ବହିଯାଏ ତାହାକୁ ଧୂସର ଜଳ କୁହାଯାଏ।

ଜଳ ପଦଚିହ୍ନ କୃଷି ପଦ୍ଧତି, ଜଳ ବିନିଯୋଗ ଦକ୍ଷତା, ସ୍ଥାନୀୟ ଜଳବାୟୁ ଉପରେ ନିର୍ଭର କରେ। ଏହାବ୍ୟତୀତ ଆଭାସୀ ବା ଭର୍ଚୁଆଲ ଜଳ ବିଭିନ୍ନ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ବସ୍ତୁରେ ଅଦୃଶ୍ୟ ଆକାରରେ ଥାଏ। ଆମେ ଖାଦ୍ୟ, ବସ୍ତ୍ର, ବିନିର୍ମାଣ ବା ମାନୁଫେକ୍‌ଚରିଂ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ବ୍ୟବହାର କରୁଥିବା ଜଳକୁ ଆଭାସୀ ବା ଭର୍ଚୁଆଲ ଜଳ ଭାବରେ ହିସାବ କରି ପାରିବା। ଆମ ଦେଶରେ ଚାଷ ହେଉଥିବା ଧାନଫସଲ ପାଇଁ ପ୍ରାୟ ୩୧୮୦୦ କୋଟି ଘନମିଟରର ଜଳ ବ୍ୟବହାର ହେଉଛି, ଯାହାକି ଦେଶର ମୋଟ ଜଳ ସମ୍ପଦର ୧୬.୬୭ ପ୍ରତିଶତ। ବିଭିନ୍ନ ଦ୍ରବ୍ୟ ରପ୍ତାନୀରେ ବିଦେଶକୁ ପ୍ରାୟ ୩୨୦୦ କୋଟି ଘନମିଟରର ଜଳ ରପ୍ତାନୀ ହେବା ସ୍ଥଳେ ଆମଦାନୀ ସାମାନ୍ୟ ହୋଇଥାଏ।

୧୯୯୦ ମସିହାରୁ ଏପରି ଆଭାସୀ ଜଳ ବିଷୟରେ ଆଲୋଚନା କରାଗଲା। ଉଦାହରଣ ସ୍ୱରୂପ, ଗୋଟିଏ ମକା (୫୦୦ ଗ୍ରାମ) ପାଇଁ ୪୫୦ ଲିଟର ପାଣି ଆବଶ୍ୟକ ଥିବା ବେଳେ ୩୦୦ ଗ୍ରାମ ମାଂସ ପାଇଁ ୪୫୦୦ ଲିଟର ପାଣି ଆବଶ୍ୟକ। ଏକ ଟନ୍ ଗହମ ଉତ୍ପାଦନ ପାଇଁ ୧୦୦୦-୧୩୦୦ ଘନମିଟର ଏବଂ ଚାଉଳ ଏକକିଲୋ ଉତ୍ପାଦନ ପାଇଁ ୩୪୦୦ ଲିଟର ଜଳ ଆବଶ୍ୟକ। ଗୋଟିଏ ପିଜା ପ୍ରସ୍ତୁତି ପାଇଁ ୧୨୬୦ ଲିଟର ଜଳ ଆବଶ୍ୟକ ଥିବା ବେଳେ ଗୋଟିଏ କାର୍ପାସ ଟି ଶାର୍ଟ ପାଇଁ ୨୭୦୦ ଲିଟର ପାଣି ବ୍ୟବହାର ହୋଇଥାଏ। ଦେଶ-ଦେଶ ମଧ୍ୟରେ ଯେଉଁ ଖାଦ୍ୟ ଓ ଅନ୍ୟ ଉତ୍ପାଦ ରପ୍ତାନୀ ଓ ଆମଦାନୀ କରାଯାଏ ତାହାକୁ 'ଆଭାସୀ ଜଳ ବାଣିଜ୍ୟ' ବା 'ଭର୍ଚୁଆଲ ୱାଟର ଟ୍ରେଡ୍' କୁହାଯାଏ। ଉଦାହରଣ ସ୍ୱରୂପ ଆମେ କୌଣସି ଦେଶକୁ ଏକ ଟନ୍ ଗହମ ରପ୍ତାନୀ କଲେ ଆମ ଦେଶର ୧୩୦୦ ଘନମିଟର ଆଭାସୀ ଜଳ ରପ୍ତାନୀ ଆକାରରେ ବିଦେଶକୁ ଚାଲିଗଲା। ଅନ୍ୟପକ୍ଷରେ ଆମେ ଯଦି ଏକ ଟନ ଗହମ ଆମଦାନୀ କଲେ ତାହାହେଲେ ଆମେ ୧୩୦୦ ଘନମିଟର ଜଳ ସଞ୍ଚୟ କଲେ। ସୁତରାଂ ଗୋଟିଏ ଦେଶ ଅନ୍ୟ ଏକ ଦେଶରୁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଆମଦାନୀ କରିବା ଅର୍ଥ ହେଉଛି ସେହି ଦ୍ରବ୍ୟ ପାଇଁ ଅନ୍ୟ ଦେଶ ଯେଉଁ ଜଳ ବ୍ୟବହାର କରିଛି ତାହା ସିଏ ଆମଦାନୀ କଲେ। ଏହାହିଁ ହେଉଛି ଆଭାସୀ ଜଳ ବାଣିଜ୍ୟ କାରବାର। ଯେଉଁ ଦେଶରେ ଜଳସଂକଟ ଅଧିକ ଥାଏ ସେହି ଦେଶ ଅନ୍ୟ ଦେଶରୁ ଖାଦ୍ୟ ଇତ୍ୟାଦି ଆମଦାନୀ କରିବାକୁ ପସନ୍ଦ କରିବେ। ଜାପାନ ବାହାର ଦେଶର ଖାଦ୍ୟ ଆମଦାନୀ କରି ନିଜ ଦେଶର ଜଳସଞ୍ଚୟ କରୁଛି।

ଏପରି ଆଭାସୀ ଜଳ ବାଣିଜ୍ୟ କାରବାରରେ କେତେକ ଫାଇଦା ମିଳିଥାଏ। ପ୍ରଥମରେ ଦେଶରେ ଜଳସଂକଟ ପରିସ୍ଥିତିର ମୁକାବିଲା କରିବା ପାଇଁ ଏହା ଏକ ଉତ୍ତମ ମାର୍ଗ। ଦ୍ୱିତୀୟରେ ଦେଶରେ ଖାଦ୍ୟ ନିରାପତ୍ତା ହାସଲ ପାଇଁ ଅଧିକ ଜଳ ବ୍ୟବହାର କରୁଥିବା ଖାଦ୍ୟ ଯଥା: ଚାଉଳ, ମାଂସ ଇତ୍ୟାଦି ଅନ୍ୟ ଦେଶରୁ ଆମଦାନୀ କଲେ ଖାଦ୍ୟ ନିରାପତ୍ତା ସହଜରେ ହାସଲ ହୋଇ ପାରିବ। ତୃତୀୟରେ ଜଳ ସଙ୍କଟ ପରିଚାଳନା ପାଇଁ କେତେକ ଦେଶ କମ୍ ଜଳ ଆବଶ୍ୟକ କରୁଥିବା ଦ୍ରବ୍ୟ ଉତ୍ପାଦନ କରିବାରେ ପାରଙ୍ଗମ ହେବା ଦ୍ୱାରା ଅର୍ଥନୈତିକ ପ୍ରଗତି ହାସଲ ହୋଇଥାଏ। ବିନିର୍ମାଣ କ୍ଷେତ୍ରରେ ବିଭିନ୍ନ ବସ୍ତୁ ତିଆରି କରାଯାଇ ବିଦେଶକୁ ରପ୍ତାନୀ କରାଯାଏ। ଏହି ଦ୍ରବ୍ୟଗୁଡ଼ିକ ମାଧ୍ୟମରେ ଆଭାସୀ ଜଳ ବିଦେଶକୁ ରପ୍ତାନୀ କରାଯାଏ। ଅନ୍ୟାନ୍ୟ ସେବା କ୍ଷେତ୍ରରେ (ପର୍ଯ୍ୟଟନ ଇତ୍ୟାଦି) ମଧ୍ୟ ବହୁଳ ଭାବରେ ଜଳ ବିନିଯୋଗ ହୁଏ। ପର୍ଯ୍ୟଟକମାନେ ଯେଉଁ ଦ୍ରବ୍ୟ ବ୍ୟବହାର କରନ୍ତି ସେଥିରେ ମଧ୍ୟ ବହୁ ପରିଣାମରେ ଆଭାସୀ ଜଳ ରହିଥାଏ।

ଆଭାସୀ ଜଳ ବାଣିଜ୍ୟରେ ସୀମିତ ଜଳସମ୍ପଦ ଥିବା ଅଞ୍ଚଳରେ ଜଳସଙ୍କଟ ଦେଖାଯାଏ। ବିଭିନ୍ନ ବସ୍ତୁ ନିର୍ମାଣ ବେଳେ ଯେଉଁ ଜଳ ବ୍ୟବହାର ହୁଏ ତାହା ପରିବେଶ ପ୍ରଦୂଷଣ କରିପାରେ ଏବଂ ଜଳସମ୍ପଦ ହ୍ରାସ କରିପାରେ। ଜଳସଙ୍କଟ ଅଞ୍ଚଳକୁ ପ୍ରଚୁର ଜଳସମ୍ପଦ ଥିବା ଅଞ୍ଚଳରୁ ଅଧିକ ଜଳ ଖର୍ଚ୍ଚ କରୁଥିବା ସାମଗ୍ରୀ ଆମଦାନୀ କରିବା ଫଳରେ ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବୈଷମ୍ୟ ଦେଖାଯିବା ସ୍ୱାଭାବିକ। ଭାରତ ଆମେରିକା, ସ୍ପେନ୍, ମାଲେସିଆ, ରୁଷିଆ, ଥାଇଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଅନେକ ଦ୍ରବ୍ୟ ରପ୍ତାନୀ କରୁଥିବାରୁ ଆମ ଦେଶରୁ ବହୁ ପରିଣାମରେ ଜଳ ବିଦେଶକୁ ଚାଲିଯାଉଛି।

କହିବା ବାହୁଲ୍ୟ ଯେ ଆଭାସୀ ଜଳ ବାଣିଜ୍ୟ ଏକ ଜଟିଳ ବିଷୟ, ଯାହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ରହୁଛି। ଦେଶର ଖାଦ୍ୟ ନିରାପତ୍ତା ହାସଲ ପାଇଁ ଜଳସମ୍ବଳ ପରିଚାଳନା ନିମନ୍ତେ ଏହାକୁ ଏକ ସାଧନ ହିସାବରେ ବ୍ୟବହାର କରାଯାଇ ପାରିବ। ପରିବେଶ ସମସ୍ୟା ଓ ଜଳସଙ୍କଟ ସମାଧାନ ପାଇଁ ଏହାକୁ ସତର୍କତାର ସହିତ ପରିଚାଳନା କରିବା ମଧ୍ୟ ଆବଶ୍ୟକ। ଆଭାସୀ ଜଳ ବାଣିଜ୍ୟ କ୍ଷେତ୍ରରେ କେତେକ ବ୍ୟକ୍ତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ। ଆମେ ସର୍ବଦା ନୂତନ ବସ୍ତ୍ର ପରିଧାନ ନକରି ପୁରୁଣା ବସ୍ତ୍ରକୁ ପରିଷ୍କାର କରି ପିନ୍ଧିପାରିବା। ଏହାଦ୍ୱାରା ବସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ଜଳ ବ୍ୟବହାର ହ୍ରାସ ପାଇବ। ଅଧିକ ଜଳ ଆବଶ୍ୟକ କରୁଥିବା ଖାଦ୍ୟଶସ୍ୟ ବଦଳରେ ଆମେ ଅଧିକ ପନିପରିବା ଖାଇ ପାରିବା। ଘରେ କମ୍ ବିଜୁଳି ଶକ୍ତି ଆବଶ୍ୟକ କରୁଥିବା ଉପକରଣ ବ୍ୟବହାର କରିପାରିବା। କୌଣସି ତରଳ ପଦାର୍ଥକୁ ସାଇତି ରଖିବା ପାଇଁ ନୂଆ ବୋତଲ ପରିବର୍ତ୍ତେ ପୁରୁଣା ବୋତଲ ବ୍ୟବହାର କରି ପାରିବା। ରାସ୍ତାରେ ପରିବହନ ପାଇଁ ଗାଡ଼ି ବଦଳରେ ଯଥାସମ୍ଭବ ସାଇକେଲ କିମ୍ବା ସର୍ବସାଧାରଣ ଗାଡ଼ି ବ୍ୟବହାର କରିପାରିବା। ସୁତରାଂ ଆଭାସୀ ଜଳବାଣିଜ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ।

ଆଭାସୀ ଜଳ ସମସ୍ୟା ସମାଧାନ ପାଇଁ କେତେକ ପଦକ୍ଷେପ ନିଆ ଯାଇପାରେ। ଏଥିପାଇଁ ଜଳ ପରିଚାଳନାରେ ଉନ୍ନତି, ସେଚଜଳର ଦକ୍ଷତା ବୃଦ୍ଧି, ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ପରିବର୍ତ୍ତନ ଏବଂ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରଥମ ରଣନୀତି ହିସାବରେ ଜଳ ପରିଚାଳନା ଉନ୍ନତି ଓ ଭିତ୍ତିଭୂମି ବିକାଶ ପାଇଁ କୃଷି କ୍ଷେତ୍ରରେ ଜଳ ଅପଚୟ ହ୍ରାସ ଏବଂ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ପ୍ରଣାଳୀ ଅନୁସରଣ ଆବଶ୍ୟକ। ଦ୍ୱିତୀୟ ରଣନୀତି ହିସାବରେ ଜଳ ମହଜୁଦ ଓ ପୁନଃଭରଣା ପାଇଁ ନଦୀରେ ଜଳଭଣ୍ଡାର, ନଦୀ ବନ୍ଧ ଓ ବ୍ୟାରେଜ ନିର୍ମାଣ , ଭୂତଳ ଜଳପତନ ବୃଦ୍ଧି ପାଇଁ ପୁନଃଭରଣ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। ତୃତୀୟରେ ଜଳ ପୁନଃବିନିଯୋଗ ଓ ପୁନଃଚକ୍ରିକରଣ ନିମନ୍ତେ ଅପଶିଷ୍ଟ ଜଳକୁ ଉପଚାର କରି ଜଳସେଚନ କିମ୍ବା ଶିଳ୍ପକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଚତୁର୍ଥତଃ, ଜଳବଣ୍ଟନ ପ୍ରଣାଳୀରେ ଜଳ ଯେପରି ପାଇପ୍ ରୁ ବାହାରି ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ପଞ୍ଚମରେ ବର୍ଷାଜଳ ଅମଳ ଓ ସଂରକ୍ଷଣ ପାଇଁ ଗୋଷ୍ଠୀଭିତ୍ତିକ ଜଳଅମଳ ଓ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ, ଫାର୍ମ ପୋଖରୀ ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ହେବ। କୃଷିକ୍ଷେତ୍ରରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ, ଆଖୁ ଇତ୍ୟାଦି ଫସଲ ପରିବର୍ତ୍ତେ ଡାଲି ଫସଲ ଓ ତୈଳବୀଜ ଇତ୍ୟାଦି ଫସଲ ଚାଷକରିବା ଆବଶ୍ୟକ। ଏହା ସହିତ ଜଳବାୟୁ ସହନଶୀଳ କୃଷିପଦ୍ଧତି ହିସାବରେ ଫସଲ ଓ ବିହନ ପରିବର୍ତ୍ତନ, ସଠିକ୍ ପ୍ରଣାଳୀରେ ଜଳସେଚନ, ଜୈବିକକୃଷି, ସମ୍ମିଳିତ ପୋଷକ ଯୋଗାଣ, ଅଙ୍ଗାର ପୃଥକୀକରଣ ପାଇଁ କୃଷି ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିଳ୍ପ, ନିର୍ମାଣ, ଗୃହ, ଅନୁଷ୍ଠାନ ଇତ୍ୟାଦି ସ୍ଥଳରେ ଜଳସଞ୍ଚୟ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଅତି ଜରୁରୀ। ଏଥିପାଇଁ ଗୋଷ୍ଠୀ ସମ୍ପ୍ରଦାୟକୁ ଶିକ୍ଷା ଓ ସଚେତନତା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଭାରତର ଅମୋଘ ବାୟୁ ପ୍ରତିରକ୍ଷା କବଚ

**ନିକୁଞ୍ଜ ବିହାରୀ ସାହୁ**

ଅପରେସନ୍ ସିନ୍ଦୂରର ପ୍ରତିକ୍ରିୟାରେ ପାକିସ୍ତାନ ଭାରତୀୟ ସହର ଓ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର, ରକେଟ ଓ ଡ୍ରୋନ୍ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଭାରତର ରୁଷିଆ ନିର୍ମିତ ଏସ୍‌୪୦୦ ଅମୋଘ ପ୍ରତିରକ୍ଷା ପ୍ରଣାଳୀ ସେସବୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଭାରତର ଧନଜୀବନକୁ ସୁରକ୍ଷିତ ରଖିଥିଲା। ଏହାପରେ ଏସ୍‌୪୦୦କୁ ନେଇ ଭାରତ ଓ ଭାରତ ବାହାରେ ଅନେକ ଚର୍ଚ୍ଚା ହେଉଛି।

ଏସ୍‌୪୦୦ ମୁଖ୍ୟତଃ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯାହା ଆକାଶମାର୍ଗରେ ଶତ୍ରୁ ପକ୍ଷରୁ ହେଉଥିବା ବାଲଷ୍ଟିକ କିମ୍ବା କ୍ରୁଜ୍ କ୍ଷେପଣାସ୍ତ୍ର, ଡ୍ରୋନ୍, ରକେଟ ଓ ଲଢୁଆ ବିମାନ ଆଦି ଜରିଆରେ ହେଉଥିବା ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥାଏ। ଏହାର ମୂଳ ନାମ ଟ୍ରାୟମ୍ଫ। ଏହାର ବିକାଶ ନିମନ୍ତେ ୧୯୯୧ରେ ତତ୍କାଳୀନ ସୋଭିଏତ ରୁଷ୍ ସରକାର ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ସୋଭିଏତ୍ ସଂଘ ଭାଙ୍ଗିଯିବା ପରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ୧୯୯୩ ମସିହାରେ ରୁଷୀୟ ବାୟୁସେନା ଏହି ପ୍ରକଳ୍ପକୁ ପୁନଃକାର୍ଯ୍ୟକ୍ଷମ କରି ୧୯୯୯ ମସିହାରେ ସଫଳତାର ସହିତ ପରୀକ୍ଷଣ କରିଥିଲା ଏବଂ ୨୦୦୭ ମସିହାରେ ବାୟୁସେନାରେ ସାମିଲ୍ କରାଯାଇ ଯୁଦ୍ଧକ୍ଷେତ୍ରରେ ସଫଳତାର ସହ ପ୍ରୟୋଗ କରାଯାଇଥିଲା। ରୁଷିଆର ଏଲମାଜ୍ ସେଣ୍ଟ୍ରାଲ ଡିଜାଇନ୍ ବ୍ୟୁରୋ ଦ୍ୱାରା ବିକଶିତ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ ବ୍ୟତୀତ ଚୀନ୍, ତୁର୍କୀ, ଆଲଜେରିଆ, ବେଲାରୁଷ ଓ ସିରିୟା ପାଖରେ ରହିଛି। ଏଭଳି ୫ଟି ପ୍ରଣାଳୀ ଯୋଗାଣ କରିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ୨୦୧୮ ମସିହାରେ ୪୦,୦୦୦ କୋଟି ଟଙ୍କା ବିନିମୟରେ ଚୁକ୍ତି ହୋଇଥିଲା। ସେଥି ମଧ୍ୟରୁ ୩ଟି ପ୍ରଣାଳୀ ଯୋଗାଣ ହୋଇ ସାରିଥିଲା ବେଳେ ଆଉ ୨ଟିର ଯୋଗାଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ବିଳମ୍ବ ଘଟିଛି।

ଏସ୍. ୪୦୦ ପ୍ରତିରକ୍ଷା ପ୍ରଣାଳୀର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏହାର ଗତିଶୀଳତା। ସମଗ୍ର ପ୍ରଣାଳୀ ଏକ ଗତିଶୀଳ ଯାନ ଉପରେ ଅବସ୍ଥାପିତ ହୋଇ ଥିବାରୁ ଏହାକୁ ସହଜରେ ଲକ୍ଷ୍ୟସ୍ଥଳୀ ଅଭିମୁଖେ ପଠାଯାଇପାରିବ। ଏଥିରେ ଖଞ୍ଜା ଥିବା ରାଡାର ଏକସମୟରେ ୬୦୦ କି.ମି. ଦୂରରେ ଥିବା ଏବଂ ୧୭,୦୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରୁଥିବା ଶତ୍ରୁପକ୍ଷର ଏକାଧିକ ବସ୍ତୁକୁ ଠାବ କରିପାରିବ ଏବଂ ନିର୍ଦ୍ଦେଶ ମିଳିବାର ମାତ୍ର ୫ ରୁ ୧୦ ମିନିଟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇ ଏକସମୟରେ ଶତ୍ରୁପକ୍ଷର ୧୬୦ ଟି ବାୟୁବାହିତ ବସ୍ତୁକୁ ଠାବ କରିପାରେ। ଏକାସଙ୍ଗରେ ୩୬ଟି ବସ୍ତୁକୁ ଧ୍ୱଂସ କରିବା ପାଇଁ ୭୨ଟି ଅସ୍ତ୍ର ପ୍ରୟୋଗ କରିପାରେ। ଏସ୍‌୪୦୦ ପ୍ରତିରକ୍ଷା ପ୍ରଣାଳୀର ପ୍ରତିଟି ସ୍କ୍ୱାର୍ଡନରେ ୬ଟି ଲଞ୍ଚର, ଗୋଟିଏ ରାଡାର, ଗୋଟିଏ କମାଣ୍ଡ କେନ୍ଦ୍ର ଓ ୧୨୮ଟି ଅସ୍ତ୍ର ଥାଏ। ଏହାର ରାଡାର ବ୍ୟବସ୍ଥା ବହୁସ୍ତର ବିଶିଷ୍ଟ ଏବଂ ପ୍ରତ୍ୟେକ ସ୍ତର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଅଭିପ୍ରେତ। ପ୍ରଣାଳୀର ନିର୍ଦ୍ଦେଶ ବା କମାଣ୍ଡ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ସ୍ୱୟଂଚାଳିତ, ଡିଜିଟାଲ ଭିତ୍ତିକ ଏବଂ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରରେ ଜାମ୍ ନିରୋଧୀ। ଏହା ପ୍ରଣାଳିର ମସ୍ତିଷ୍କ ସଦୃଶ। ଏହା ପକୃତ ସମୟରେ ରାଡାରରୁ ତଥ୍ୟ ସଂଗ୍ରହ ଓ ତଥ୍ୟ ପରିଚାଳନା, ଅସ୍ତ୍ର ପ୍ରୟୋଗ ନିମନ୍ତେ ନିର୍ଦ୍ଦେଶ ଜାରି ତଥା ଏକାଧିକ ଲଞ୍ଚର ମଧ୍ୟରେ ସମନ୍ୱୟତା ରକ୍ଷା କରିଥାଏ। ଏହି ବ୍ୟବସ୍ଥା ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ, ଏହାର କୌଣସି ଗୋଟିଏ ବିଭାଗ କିଛି କାରଣରୁ କାର୍ଯ୍ୟ ନକଲେ ସୁଦ୍ଧା ସମୁଦାୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ଅପରିବର୍ତ୍ତିତ ରହିଥାଏ।

ଏସ୍‌୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଅଲଗା ଅଲଗା ମାର୍ଗଦୂରତାର ସମୁଦାୟ ୪ଟି କ୍ଷେପଣାସ୍ତ୍ର ସାମିଲ ଥାଏ। ଏହି କ୍ଷେପଣାସ୍ତ୍ରସବୁ ଆବଶ୍ୟକତା ଅନୁସାରେ ଅର୍ଥାତ ଆକ୍ରମଣକାରୀ ବସ୍ତୁର ଦୂରତା ଓ ଉଚ୍ଚତା ଅନୁସାରେ କାର୍ଯ୍ୟକାରୀ ହୋଇଥା'ନ୍ତି ଏବଂ ସେଗୁଡ଼ିକ ଅତ୍ୟଧିକ ଉଚ୍ଚତାରେ ଦ୍ରୁତ ଧାବମାନ ବାଲଷ୍ଟିକ କ୍ଷେପଣାସ୍ତ୍ରଠାରୁ ଆରମ୍ଭକରି ନିମ୍ନ ଉଚ୍ଚତାରେ ଉଡୁଥିବା କ୍ରୁଜ କ୍ଷେପଣସ୍ତ୍ର କିମ୍ବା ଲୁଚି ଲୁଚି ଆସୁଥିବା ଷ୍ଟେଲଥ ବୋମାବର୍ଷୀ ବିମାନ ସହିତ ନିୟୋଜିତ ହୋଇପାରନ୍ତି। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର, ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତି-ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦ କି.ମି. ପର୍ଯ୍ୟନ୍ତ, ମଧ୍ୟମ ଦୂରଗାମୀ ଅସ୍ତ୍ର ର ମାରକସୀମା ୧୨୦ କି.ମି. ପର୍ଯ୍ୟନ୍ତ, ଦୂରଗାମୀ କ୍ଷେପଣାସ୍ତ୍ର ର ମାରକସୀମା ୨୫୦ କି.ମି. ପର୍ଯ୍ୟନ୍ତ ଏବଂ ଅତିଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦୦ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଏସ୍‌୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଏକ ସର୍ଭେଲାନ୍ସ ରାଡାର ସ୍ଥାନିତ ଥାଏ, ଯାହା ନିଜର କାର୍ଯ୍ୟକାରୀ କ୍ଷେତ୍ରର ଚତୁଃପାଶ୍ୱର୍ରେ ଏକ ସୁରକ୍ଷା ବଳୟ ନିର୍ଦ୍ଧାରଣ କରିଥାଏ। ଏହି ବଳୟ ମଧ୍ୟରେ ଶତ୍ରୁପକ୍ଷର କୌଣସି ବସ୍ତୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତାହାକୁ ଠାବ କରିଥାଏ ଏବଂ ତାହା ଏହି ସଙ୍କେତକୁ କମାଣ୍ଡ ଗାଡ଼ିକୁ ପ୍ରେରଣ କରିଥାଏ। ସଙ୍କେତ ମିଳିବା ମାତ୍ରେ ଗାଇଡେନ-ରାଡାର ବସ୍ତୁର ଅବସ୍ଥିତି ନିର୍ଭୁଲ ରୂପେ ନିରୂପଣ କରି ନିକଟତମ ଗାଡ଼ିରୁ ପ୍ରତିକ୍ଷେପଣାସ୍ତ୍ର ପ୍ରୟୋଗ ପୂର୍ବକ ଆକ୍ରମଣକାରୀ ବସ୍ତୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଦିଆଯାଏ। ଏଥିରେ ସ୍ଥାନିତ ଏଲ୍-ବ୍ୟାଣ୍ଡରେ କାର୍ଯ୍ୟ କରୁଥିବା ବିଗ୍ ବାର୍ଡ ରାଡାର ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଶତ୍ରୁପକ୍ଷର ଟାର୍ଗେଟକୁ ଚିହ୍ନଟ କରିପାରେ। ଏସ୍-ବ୍ୟାଣ୍ଡରେ କାମ କରୁଥିବା ଅନ୍ୟ ଏକ ରାଡାରକୁ ଆକ୍ରମଣକାରୀ ବସ୍ତୁର ଉଚ୍ଚତା ନିର୍ଣ୍ଣୟ ତଥା କମ୍ ଉଚ୍ଚତାରେ ଉଡୁଥିବା ବସ୍ତୁକୁ ଟ୍ରାକିଂ କରିବା ପାଇଁ ସକ୍ଷମ। ଏହା ବ୍ୟତୀତ, ପ୍ରଣାଳୀର ଏକ ବିକଳ୍ପ ଭିଏଚ୍ଏଫ୍ ବ୍ୟାଣ୍ଡ ରାଡାର ମଧ୍ୟ ସ୍ଥାନିତ ଥାଏ, ଯାହା ଶତ୍ରୁପକ୍ଷର ଲୁଚି ଲୁଚି ଆସୁଥିବା ଗୁପ୍ତ ବିମାନକୁ ସହଜରେ ଚିହ୍ନଟ କରିପାରେ।

ଏହି ଦୁର୍ଦ୍ଧର୍ଷ ଓ ଅପରାଜେୟ ଏସ୍‌୪୦୦ ବ୍ୟବସ୍ଥାକୁ "ସୁଦର୍ଶନ ଚକ୍ର' ବୋଲି ଆଖ୍ୟା ଦିଆଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନଚକ୍ର ଯେପରି ନ୍ୟାୟର ପ୍ରତୀକ, ଏହି ପ୍ରତିରକ୍ଷା ପ୍ରଣାଳୀ ସେହିପରି ଶତ୍ରୁର ଅନ୍ୟାୟ ଆକ୍ରମଣରୁ ଦେଶ ଓ ନାଗରିକଙ୍କୁ ରକ୍ଷା କରି ଧର୍ମ ଓ ସୁଶାସନ ପ୍ରତିଷ୍ଠା ନିମନ୍ତେ ସଦାଚେଷ୍ଟିତ। ସୁତରାଂ ଏହି ପ୍ରତିରକ୍ଷା ପ୍ରଣାଳୀ ଆମ ବାୟୁସେନାର ଏକ ଅଭେଦ୍ୟ ଓ ଅମୋଘ ପ୍ରତିରକ୍ଷା କବଚ।

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମୋ: ୮୦୧୮୭୦୮୮୫୮

## ଆମ ବୃକ୍ଷଲତା ଆମ ଜୀବନ

**ଅରଖ**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ଆମର ଅତି ପରିଚିତ 'ଅରଖ'ର ଅନ୍ୟ ନାମ ହେଉଛି ମୁକୁଟ ଫୁଲ। ଭାରତ, ଚୀନ୍, କାମ୍ବୋଡିଆ, ଭିଏତନାମ, ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ନେପାଳରେ ଏହା ଏକ ସ୍ଥାନୀୟ ଗୁଳ୍ମ ଜାତୀୟ ଉଦ୍ଭିଦ। ୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବଡ଼ ବୁଦାଜାତୀୟ ଉଦ୍ଭିଦ ଶୁଷ୍କ, ପଥୁରିଆ ମାଟିରେ ବଢ଼ିବା ସହିତ ପ୍ରାୟତଃ ମରୁଭୂମି, ରାସ୍ତାକଡ଼ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ। ଫୁଲ ଗୁଡ଼ିକ ଧଳା କିମ୍ବା ବାଇଗଣି ରଙ୍ଗର। ଏହାକୁ ବୈଜ୍ଞାନିକ ଭାଷାରେ ଗାଇନୋଷ୍ଟେଜିୟମ୍ କୁହାଯାଏ। ଏହାର ଫଳ ଲୋମଶ ବିହନ ସହିତ ଏକ ଯୋଡ଼ା ଫୋଲିକଲ୍, ଯାହା ଶୁଖିଗଲେ ପବନ ଦ୍ୱାରା ବିସ୍ତାରିତ ହୁଏ। ଫୁଲ ଏବଂ ଫଳ ଧରିବା ସମୟ ସାଧାରଣତଃ ନଭେମ୍ବରରୁ ଏପ୍ରିଲ ମାସ।

ଆୟୁର୍ବେଦରେ ଶ୍ୱାସରୋଗ ଜୀବାଣୁ ସଂକ୍ରମଣ, ଲାଲ ଫୁଲା, ଘାଆ, ଯକୃତ ଓ ପ୍ଲୀହା ରୋଗ, ଚର୍ମ ରୋଗ, ଅଜୀର୍ଣ୍ଣ, ରକ୍ତ ସଂଚାଳନରେ ବିଭ୍ରାଟ, ସ୍ନାୟୁରୋଗ, ଜ୍ୱର, ବାନ୍ତି, ହଇଜ. ଭାତୁଡ଼ି, ଅନ୍ତନାଳୀ ଘାଆ, କୃମି, କୋଷ୍ଠକାଠିନ୍ୟ, କୁଷ୍ଠ ରୋଗ ଆଦି ଚିକିତ୍ସାରେ ଅରଖର ବିଭିନ୍ନ ଅଂଶ ଆବଶ୍ୟକ ଅନୁସାରେ ବ୍ୟବହୃତ ହୁଏ। ଅରଖର କ୍ଷୀର ରସ ଗଣ୍ଠିବାତ ରୋଗ, ମାଂସ ପେଶୀ ଯନ୍ତ୍ରଣା, କର୍କଟ ରୋଗ ଓ ସାପ କାମୁଡ଼ା ଚିକିତ୍ସା ପାଇଁ ପ୍ରତିଷେଧକ ଭାବରେ ବ୍ୟବହାର କରାଯାଇଥାଏ। ଏଥିରେ ଗଚ୍ଛିତ ଥିବା ରାସାୟନିକ ଦ୍ରବ୍ୟ କ୍ୟାଲୋଟ୍ରୋପିନକୁ ଗର୍ଭନିରୋଧକ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଅରଖର ଏକ ପ୍ରଭାବଶାଳୀ କବକନାଶକ ଏବଂ କୀଟନାଶକ ଗୁଣ ରହିଥିବା ବିଷୟରେ ମଧ୍ୟ ସୂଚନା ରହିଛି। ଅରଖ ରସ ଅନେକ ଶସ୍ୟର ଅଙ୍କୁରୀକରଣ ଏବଂ ଚାରା ବର୍ଦ୍ଧକ ଶକ୍ତିକୁ ପ୍ରଭାବିତ କରେ।

ମୂଳତଃ ଅରଖ ଏକ ବିଷାକ୍ତ ଉଦ୍ଭିଦ। ଏଥିରେ ଗଚ୍ଛିତ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକ ହେଉଛି ଉସଚାରିନ, କାଲୋଟକ୍ସିନ୍, କାଲାକ୍ଟିନ୍ ଓ କାଲୋଟ୍ରୋପିନ୍। ଅରଖର ଲାଟେକ୍ସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍, ଫ୍ୟାଟି ଏସିଡ୍ ଓ କ୍ୟାଲସିୟମ୍ ଅକ୍ସାଲେଟ୍ ଥାଏ। ଏହାର ମୂଳରେ କାଲୋଟ୍ରୋପୋନ୍ ମଧ୍ୟ ଥାଏ। ପତ୍ର ଓ କାଣ୍ଡକୁ ସାମାନ୍ୟ ଆଘାତ କିମ୍ବା ଛୁରୀରେ କାଟିଲେ ଘନ କ୍ଷୀର ଭଳି ରସ ବା ଲାଟେକ୍ସ ନିଷ୍କାସନ ହୋଇ ବାହାରିଥାଏ। ଏହି ରସକୁ ତୀର ଦେହରେ ବୋଳି ବିଷ ଭାବରେ ପଶୁ ଶିକାର ପାଇଁ ବ୍ୟବହାର କରାଯାଏ। ମଣିଷ ପାଇଁ ମଧ୍ୟ ଏହା ବିଷାକ୍ତ ଓ ପ୍ରାଣନାଶକ। ଅରଖର ଲାଟେକ୍ସ ଚକ୍ଷୁ ସଂସ୍ପର୍ଶରେ ଆସିଲେ ବ୍ୟକ୍ତି କେରାଟୋକଞ୍ଜଙ୍କଟିଭାଇଟିସ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଏହା ସଂସ୍ପର୍ଶରେ ଆସିବା ଫଳରେ ଚର୍ମ ଲାଲ ପଡ଼ିଯାଏ ଏବଂ ଭେସିକେସନ୍ ବା ପାଣି ଫୋଟକା ସୃଷ୍ଟି କରେ। ତେଣୁ ଶିଶୁମାନଙ୍କୁ ଅରଖ ଗଛ ଠାରୁ ଦୂରେଇ ରଖିବାକୁ ହେବ।

ଜାପାନୀ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ପାଇଁ ବାହକ ଭାବରେ କାର୍ଯ୍ୟ କରୁଥିବା କୁଲେକ୍ସ ମଶା ନିୟନ୍ତ୍ରଣ କରିବା ପାଇଁ ଅରଖ ଦକ୍ଷ ଶକ୍ତି ଗୁଣ ପ୍ରଦର୍ଶନ କରୁଥିବା ପ୍ରମାଣ କରାଯାଇଛି। ଅରଖର କାଣ୍ଡରୁ ଏକ ପ୍ରକାର ଦୀର୍ଘସ୍ଥାୟୀ ତନ୍ତୁ ଉତ୍ପାଦନ ହୁଏ, ଯାହା ଦଉଡ଼ି, କାର୍ପେଟ, ମାଛ ଧରିବା ଜାଲ ଏବଂ ସିଲାଇ ସୂତା ପାଇଁ ଉପଯୋଗୀ ଅଟେ। ବିହନ ସହିତ ସଂଲଗ୍ନ ଥିବା ପଶମ ସୂତା ବା ତନ୍ତୁ, ତକିଆ, ଶେଜ ଇତ୍ୟାଦିରେ ଷ୍ଟଫିଂ ଭାବରେ ବ୍ୟବହାର କରାଯାଏ। ଅରଖ ରସ ଏବଂ ଲୁଣର ମିଶ୍ରଣରୁ କିଣ୍ୱନ ପ୍ରକ୍ରିୟାରେ ଉତ୍ପନ୍ନ ଉପାଦାନ ଛେଳି ଓ ମେଣ୍ଢା ଚମଡ଼ାରୁ କେଶ ବାହାର କରି ସେମାନଙ୍କ ଚମଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଏ, ଯାହା ଶସ୍ତା ବହି ବାଇଣ୍ଡିଂ ପାଇଁ ବହୁଳ ବ୍ୟବହୃତ ହୁଏ। ଅରଖ ଇକୋସିଷ୍ଟମ ବା ପ୍ରାକୃତିକ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ପ୍ରଜାପତି ଏବଂ ପରାଗକ ପାଇଁ ଏକ ମୂଳ ଉଦ୍ଭିଦ। ଜଳବାୟୁର ଯେ କୌଣସି ପରିସ୍ଥିତିରେ ଏହା ବଞ୍ଚିପାରେ।

ଭାରତରେ ମରାଠା ସଂସ୍କୃତି ଦ୍ୱାରା ଟୋଟେମ୍ ବା ପ୍ରତୀକ ଭାବରେ ବ୍ୟବହୃତ ପାଞ୍ଚଟି ଭିନ୍ନ ପତ୍ରର ଏକ ରୀତିଗତ ସଂଗ୍ରହ। ଶିବ ପୁରାଣ ଅନୁସାରେ, ଅରଖ ଫୁଲ ଭଗବାନ ଶିବଙ୍କର ବହୁତ ପସନ୍ଦର ଫୁଲ। ଅରଖ ମଧ୍ୟ ନଅଟି ଜ୍ୟୋତିଷ ଗଛ (ନବଗ୍ରହ ଗଛ) ର ଏକ ପ୍ରମୁଖ ଅଂଶ। ଅରଖ ଫୁଲକୁ ଉତ୍ତର-ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ହାୱାଇର ରାଣୀ ଲିଲିଉକଲାନି ପସନ୍ଦ କରିଥିଲେ, ଯିଏ ଏଗୁଡ଼ିକୁ ରାଜକୀୟତାର ପ୍ରତୀକ ବୋଲି ବିବେଚନା କରୁଥିଲେ ଏବଂ ସେଗୁଡ଼ିକୁ ମାଳା କରି ବାନ୍ଧି ବେକରେ ପିନ୍ଧୁଥିଲେ। କାମ୍ବୋଡିଆରେ ଏଗୁଡ଼ିକୁ କଳସ କିମ୍ବା ଅନ୍ତିମ ସଂସ୍କାରରେ ବ୍ୟବହାର କରାଯାଏ। ଇଣ୍ଡୋନେସିଆରେ ଏହାର ଫୁଲକୁ ୱିଦୁରି କୁହାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

## ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ପୁରୀ,୨୫।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ କାମ ଆଗଉଛି। ରବିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ଆଉ ଗୋଟିଏ ଲେଖାଏଁ ଚକ ବାକି ଅଛି। ମହାରଣା ସେବକମାନେ ବଳକା ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ସୋମବାର ଭୋଇ ସେବକମାନେ ଯନ୍ତା ଗାଡ଼ ବନ୍ଦ କରିବେ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏଁ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣା ସମ୍ପନ୍ନ କରିଛନ୍ତି। ଏହି ଚଉତା କାଠଗୁଡ଼ିକରେ ୫ଟି ଲେଖାଏଁ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ୪ଟି ଯୋକା ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି। ଏହି ୧୮ ଫୁଟିଆ ଯୋକା ପ୍ରତ୍ୟେକ ରଥର ଅଖ, କୁଡୁକା, ଗୟଳ ଏବଂ ନିରାଡିକୁ ମଜଭୁତ୍ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ସେହିପରି ପ୍ରତ୍ୟେକ ରଥର ୮ଟି ଲେଖାଏଁ ୨୦ ଫୁଟିଆ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇ ସେଗୁଡ଼ିକର ଆଠ କଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ରୂପକାରମାନେ କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ ଓ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡ଼ିଆ ଅଗ ପାତେଳି କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣା ସ୍ନାନ ଯାତ୍ରା ଏବଂ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ତିଆରି କରୁଛନ୍ତି।

# ମୌସୁମୀ ଆସିଲା; ଚାଷୀଙ୍କୁ ମିଳିଲାନି ବିହନ

ଭୁବନେଶ୍ୱର,୨୫।୫(ସମିସ): ଏଥର ସଅଳ ଆସିଛି ମୌସୁମୀ। ରାଜ୍ୟବ୍ୟାପୀ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଆଉ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଚାଷୀ। ଜମିକୁ ହଳ କରି ଚାଷ ପାଇଁ ପ୍ରସ୍ତୁତ କରିସାରିଲାଣି। ହେଲେ ରାଜ୍ୟବ୍ୟାପୀ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସରକାରୀ ବିହନ ଠିକ୍ ଭାବେ ମିଳୁନି। ପ୍ରାୟ ଅଧା ଚାଷୀଙ୍କ ପାଖରେ ବିହନ ପହଞ୍ଚି ନ ଥିଲାବେଳେ ସାର ବି ଏପର୍ଯ୍ୟନ୍ତ ଆସିନି। ଫଳରେ ଆରମ୍ଭରୁ ଚିନ୍ତାରେ ପଡ଼ିଲାଣି ଚାଷୀ। ଏପଟେ କୃଷି ଅଧିକାରୀ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ବ୍ୟସ୍ତ ଥିବାବେଳେ ବିଭାଗୀୟ ମନ୍ତ୍ରୀ ମଧ୍ୟ ବିଦେଶ ଗସ୍ତରେ ବୁଲୁଛନ୍ତି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶରେ ଅଧିକାଂଶ ଜିଲ୍ଲାର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅଧାରୁ ଅଧିକ ଜମିକୁ ଜଳସେଚିତ ସୁବିଧା ନ ଥିବାରୁ ରବିରେ ଚାଷବାସ ପ୍ରାୟ ହୁଏନି। ଖରିଫ ଚାଷକୁ ଚାଷୀ ଗୁରୁତ୍ୱ ଦେଉଥିଲା ବେଳେ ଏଥର ଭଲ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ରଜ ପରେ ପରେ ବୁଣାବୁଣି ଆରମ୍ଭ ହେବ। ଧାନ ସହିତ ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ବିହନ ପକାଇବେ ଚାଷୀ। ରାଜ୍ୟର ୩୦ ଜିଲ୍ଲାରେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଚାଷ ଜମି ରହିଛି। ପ୍ରାୟ ୨୦ ପ୍ରତିଶତ ଜମିରେ ଡାଲିଜାତୀୟ ଓ ୧୦ ପ୍ରତିଶତ ଜମିରେ ତୈଳବୀଜ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରସ୍ତୁତି ସରିଥିଲେ ମଧ୍ୟ ଚାଷୀଙ୍କ ପାଖରେ ବିହନ



■ ନିଗମରେ ଅଛି; ପାକ୍ସରେ ପହଞ୍ଚୁନି
■ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ବ୍ୟସ୍ତ ଅଧିକାରୀ, ଚାଷୀଙ୍କୁ ପଚାରେ କିଏ?

ପହଞ୍ଚିପାରୁନି। ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଯଥେଷ୍ଟ ପରିମାଣର ବିହନ ପହଞ୍ଚିନି। କିଛି ପ୍ୟାକ୍ସ ବିହନ ନେଇ ନ ଥିବାରୁ ସମସ୍ୟା ହୋଇଛି। ପୁଣି ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ବିହନ ଦାମ୍ ଅଧିକ ପଡୁଥିବାରୁ ଚାଷୀମାନେ ମଧ୍ୟ ହତାଶ ହୋଇଛନ୍ତି। ସବ୍‌ସିଡି ହ୍ରାସ ମଧ୍ୟ ଚାଷୀ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି।

ସୂଚନାନୁସାରେ, ଖରିଫରେ ଓଡ଼ିଶା ଚାଷୀଙ୍କୁ ୧୧ ଲକ୍ଷ କ୍ୱିଣ୍ଟାଲ ବିହନର ଆବଶ୍ୟକତା ଥାଏ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ କିନ୍ତୁ ୨୦ କେଜି ବିହନରେ ଆବଶ୍ୟକତା ପୂରଣ ହେଉଛି। ତେଣୁ ଚାହିଦା ୧୫ ଲକ୍ଷରୁ ୧୦ ଲକ୍ଷ କ୍ୱିଣ୍ଟାଲକୁ ହ୍ରାସ ପାଇଛି। ଏଥିରୁ ୪ ଲକ୍ଷ କ୍ୱିଣ୍ଟାଲ ବିହନ ନିଗମ ଦେଇଥାଏ। ନିଗମ ପାଖରେ ବିଭିନ୍ନ କିସମର ବିହନ ଥିବାବେଳେ ଏମକ୍ୟୁ୧୨୧୦, ଏମକ୍ୟୁ୧୨୨୬, ସ୍ୱର୍ଣ୍ଣ, ଶକ୍ତି ଆଦି ବିହନର ଅଧିକ ଚାହିଦା ରହିଛି। କାରଣ ଏହାର ଉତ୍ପାଦନ ହେକ୍ଟର ପିଛା ୪ରୁ ୫ଟନ୍। ହେଲେ ଏହି ବିହନ ସମସ୍ତ ଚାଷୀଙ୍କୁ ଯୋଗାଇବା ସମ୍ଭବ ହେଉନି। ତେଣୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜର ସଂରକ୍ଷିତ ବିହନକୁ ମଧ୍ୟ ବ୍ୟବହାର କରୁଛନ୍ତି। ଆଉ କିଛି ଚାଷୀ କମ୍ପାନିର ହାଇବ୍ରିଡ ବିହନ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଏହି ବିହନ ଅଧିକାଂଶ ସମୟରେ ଗଜା ହୋଇନଥାଏ। ଫଳରେ ଚାଷୀ କ୍ଷତି ସହିଥାଏ। ତେଣୁ କୃଷି ବିଭାଗ ପକ୍ଷରୁ ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସି ଗୁଡ଼ିକର ଯାଞ୍ଚ କରିଥାଏ। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏବେ ସରକାରୀ ବିହନ ମିଳିବାରେ ସମସ୍ୟା ହେଲେ ଚାଷୀ ଠକାମୀର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ବିହନ ନିଗମ ପାଖରେ ଯଥେଷ୍ଟ ବିହନ ମହଜୁଦ ଥିଲେ ମଧ୍ୟ କିଛି ପାକ୍ସ ବିଳମ୍ବରେ ବିହନ ଉଠାଉଥିବାରୁ ସମସ୍ୟା ହୋଇଛି। ଯେଉଁ ପ୍ୟାକ୍ସରେ ବିହନ ମିଳୁଛି ଚାଷୀମାନେ ତାହା ସଂଗ୍ରହ କରୁଛନ୍ତି। ଯେଉଁ ଅଞ୍ଚଳରେ ପ୍ୟାକ୍ସ ବିହନ ନେଇନାହାନ୍ତି, ସେଠାରେ ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି।

ବିହନ ନିଗମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଗମ ପାଖରେ ପର୍ଯ୍ୟାପ୍ତ ପରିମାଣର ବିହନ ମହଜୁଦ୍ ରହିଛି। କିନ୍ତୁ ଅନେକ ପାକ୍ସ ବିହନ ନେଇନାହାନ୍ତି। ସପ୍ତାହେ ଭିତରେ ବିହନ ସବୁ ଅଞ୍ଚଳରେ ପହଞ୍ଚିଯିବ। ଏପଟେ ଆରମ୍ଭରୁ ରାସାୟନିକ ସାର ଅଭାବ ଦେଖା ଦେଲାଣି। ଅଧାରୁ ଅଧିକ ପ୍ୟାକ୍ସ କେଜିଏ ହେଲେ ବି ସାର ପାଇନାହାନ୍ତି। ଉଦ୍‌ବେଗର ବିଷୟ, କେତେ ସାର ଦରକାର ସେଥିନେଇ ତାଲିକା ଏୟୁସିସି ବ୍ୟାଙ୍କ ପକ୍ଷରୁ ମାର୍କଫେଡ୍‌କୁ ଦିଆଯାଇନି। ଏଣୁ ଏଥର ସାର ଯୋଗାଣ ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କୃଷି ଅଧିକାରୀ ଚାଷୀଙ୍କ ଏ ସମସ୍ୟାର ସମାଧାନ କରି ଚାଷ କାର୍ଯ୍ୟ ପାଇଁ ସଅଳ ବିହନ ଓ ସାର ଯୋଗାଇବା ପରିବର୍ତ୍ତେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଗୁଣଗାନରେ ମାତିଛନ୍ତି। ତେଣୁ ପ୍ରାକ୍ ବର୍ଷା ଆରମ୍ଭ ହୋଇଯାଇଥିଲେ ହେଁ ଚାଷୀଙ୍କ ମୁହଁରେ ଖୁସି ଫୁଟି ପାରିନାହିଁ।

**ଅବକାରୀ ରାଜସ୍ୱରେ ନିଶା ନିବାରଣ କାର୍ଯ୍ୟକ୍ରମ**

# ଅବକାରୀ ଆଭିମୁଖ୍ୟ: କାଠଗଡ଼ାରେ ସରକାର

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ ଆସନ୍ତା ୩୧ ତାରିଖରୁ ବିଧିବଦ୍ଧ ଭାବେ ନିଶା ନିବାରଣ ଅଭିଯାନ ଆରମ୍ଭ ହେବ। ଏହି ଅବସରରେ ସରକାର ଲୋକଙ୍କୁ ନିଶା ସେବନର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ଜୁନ୍ ୨୬ ତାରିଖ ଯାଏଁ ପ୍ରତି ଗାଁରେ ଦାସକାଠିଆ, ଘୋଡା ନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ତେବେ ସରକାରଙ୍କ ଏହି ଅଭିଯାନର ଆନ୍ତରିକତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଅଧିକ ଅବକାରୀ ରାଜସ୍ୱ ହାସଲ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ବିଅରଠାରୁ ଆରମ୍ଭ କରି ବିଦେଶୀ ମଦ ବିକ୍ରି ବଢୁଛି। ସେହିପରି ଯଅ, ମାଣ୍ଡିଆ ଓ ବାଜରା ଆଦି କ୍ଷୁଦ୍ରଶସ୍ୟରୁ ମିଲେଟ୍ ମଦ ପ୍ରସ୍ତୁତ ପାଇଁ ସରକାର ଘୋଷଣା କରିଛନ୍ତି। ଏପରିସ୍ଥଳେ କେଉଁ ସ୍ୱାର୍ଥରେ ଓ କାହା ପାଇଁ ସରକାର ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।

ନିଶା ନିବାରଣ ପାଇଁ ଅବକାରୀ ବିଭାଗର ଯୋଜନା ଅନୁଯାୟୀ ମେ ୩୧ରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ପୁଲିସ, ମିଶନ ଶକ୍ତି, ଉଚ୍ଚ ଶିକ୍ଷା, ଗଣ ଶିକ୍ଷା ଓ ସଂସ୍କୃତି ବିଭାଗ ମିଳିତ ଭାବେ ମାସେ ଧରି ଏହି ପ୍ରଚାର କରିବେ। ସ୍କୁଲ, କଲେଜରେ ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ମାତ୍ର ଅବକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ରଖିଥିବାବେଳେ ସରକାର ନିଶା ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରିବାରେ କେତେ ଯଥାର୍ଥତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ବିଭିନ୍ନ ସଂଗଠନ।

ସୂଚନା ଅନୁସାରେ ଓଡ଼ିଶାରେ୨୦୨୨-୨୩ ଆର୍ଥିକ ବର୍ଷରେ ୧୨.୯ କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫ କୋଟି ଲିଟରକୁ ବୃଦ୍ଧି ପାଇଛି।

■ ଏପଟେ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ, ସେପଟେ ନିଶା ନିବାରଣ ସଚେତନତା
■ ମାଣ୍ଡିଆ, ବାଜରା ଓ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତ ଲାଗି ହୋଇଛି ଯୋଜନା
■ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପ୍ରଭେଦକୁ ନେଇ ଘେରିଲେ ବୁଦ୍ଧିଜୀବୀ
■ ମଦ ବ୍ୟବହାରକୁ ପ୍ରଶ୍ରୟ ଦେଇ ନିଶା ନିବାରଣ ଅଭିଯାନ କାହା ପାଇଁ

ଅନ୍ୟପକ୍ଷରେ ବିଦେଶୀ ବିଅର ବିକ୍ରି ପରିମାଣ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ୬୪୫୫ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିଥିବା ବେଳେ ୨୦୨୩-୨୪ରେ ଏହା ୭୨୧୬.୯୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ କ୍ଷେତ୍ରରୁ ୮୬୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋଟିଏ ପଟେ ସରକାର ଲୋକଙ୍କୁ ପରୋକ୍ଷରେ ମଦ ବ୍ୟବହାର କରିବାକୁ ଉତ୍ସାହିତ କରି ଅନ୍ୟପକ୍ଷରେ ନିଶା ନିବାରଣ ସଚେତନତା କରିବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି।

ବିଜେପି ନିର୍ବାଚନ ପ୍ରଚାର ବେଳେ ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ମଧ୍ୟ ଏହାକୁ ଦୋହରାଇଥିଲେ। ମାତ୍ର ପରେ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସରକାର ମଦରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖୁଛନ୍ତି। ଏପରି ସ୍ଥଳେ ଏପରି ଅଭିଯାନର ମାନେ କିଛି ନାହିଁ ବୋଲି ବିଭିନ୍ନ ନିଶା ନିବାରଣ ଅଭିଯାନ ସହ ଜଡ଼ିତ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ସମଗ୍ର ରାଜ୍ୟ କିପରି ନିଶାମୁକ୍ତ ହୋଇପାରିବ, ସେନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ରାଜ୍ୟରେ ବର୍ତ୍ତମାନ ଚୋରା ନିଶା କାରବାର ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଧଳା ଜହର ବେପାର ମଧ୍ୟ ଯୁବପିଢ଼ିଙ୍କୁ ବେଶ୍ ପଥଭ୍ରଷ୍ଟ କରୁଛି। ସମାନ ସମୟରେ ରାଜ୍ୟରେ ମଦ ବନ୍ୟା ମଧ୍ୟ ସାମାଜିକ ଅଶାନ୍ତିର କାରଣ ପାଲଟୁଛି। ସରକାର ସତରେ ଯଦି ନିଶା ନିବାରଣ କରିବାକୁ ଆନ୍ତରିକତା ରଖୁଛନ୍ତି, ତାହେଲେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ଏହାକୁ ନି ଆଚରଣରେ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି**

## ଅସ୍ଥାୟୀ ଶେଡ୍ ପାଇଁ ୧ କୋଟି ଅପବ୍ୟୟ କାହିଁକି?

ପୁରୀ,୨୫।୫(ସମିସ): ରଥଯାତ୍ରା ଡ୍ୟୁଟିରେ ଆସୁଥିବା ପୁଲିସଙ୍କ ରହଣି ନିମନ୍ତେ ତିଆରି ହେବ ୨ଟି ଅସ୍ଥାୟୀ ଫେବ୍ରିକେଟେଡ୍ ଶେଡ୍। ଟେଣ୍ଡର ମାଧ୍ୟମରେ ଏହି କାମ ଦିଆଯିବାକୁ ଥିବାବେଳେ ବ୍ୟୟ ହେବ ୮୯ ଲକ୍ଷ ୪୭ହଜାର ୬୩୫ ଟଙ୍କା। ତେବେ ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। ଅସ୍ଥାୟୀ ଶେଡ୍ ପାଇଁ ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଛନ୍ତି ସରକାର। ସେହି ଅର୍ଥରେ ସ୍ଥାୟୀ କୋଠା ନିର୍ମାଣ କରିଦେଲେ ପ୍ରତିବର୍ଷ ବାହାରୁ ଆସୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ରହଣି ସମସ୍ୟା ରୁହନ୍ତା ନାହିଁ ବୋଲି ମତ ଦେଉଛନ୍ତି। ଏଭଳି ସ୍ଥିତିରେ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଛନ୍ତି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଚିଠିରେ ସେ ଦର୍ଶାଇଛନ୍ତି, ଯଦି ଆମେ ଲୋକଙ୍କ ସରକାର ବୋଲି କହୁଛେ, ତେବେ ରଥଯାତ୍ରାରେ ପୁଲିସ ରହଣି କେନ୍ଦ୍ର ପାଇଁ ସରକାର କାହିଁକି ୮୯ଲକ୍ଷ ୪୭ହଜାର ୬୩୫ଟଙ୍କା ଅପବ୍ୟୟ କରୁଛନ୍ତି? ପୁରୀରେ ଅନେକ ସରକାରୀ ଜାଗା ଓ ଶ୍ରୀମନ୍ଦିରର ଜମି ରହିଛି। ଏହିଭଳି ଅନେକ ଜମି ଜବରଦଖଲରେ ବି ରହିଛି। ତାହାକୁ ଚିହ୍ନଟ କରି ସେଥିମଧ୍ୟରୁ ଉପଯୁକ୍ତ ଜମିରେ କୋଟିଏ ଟଙ୍କା ଖର୍ଚ୍ଚ କଲେ ତାହା ପ୍ରତିବର୍ଷ ପାଇଁ ରଥଯାତ୍ରା ଡ୍ୟୁଟିରେ ଆସୁଥିବା କର୍ତ୍ତବ୍ୟରତ ପୁଲିସମାନଙ୍କ ସ୍ଥାୟୀ ରହଣିସ୍ଥଳ ହୋଇପାରିବ। ସେଠାରେ କିଛି ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା ହୋଇଗଲେ ବର୍ଷର ଅନ୍ୟ ଦିନମାନଙ୍କରେ ବହିରାଗତ ଗରିବ ଯାତ୍ରୀମାନେ ମଧ୍ୟ ଅଳ୍ପ ଦେୟରେ ଉପକୃତ ହୋଇପାରିବେ। ଫଳରେ ସରକାରଙ୍କ ଏହି ଟଙ୍କା ଠିକଣା ବାଟରେ ବିନିଯୋଗ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ଗରିବ ଯାତ୍ରୀମାନେ ପୁରୀରେ ପକେଟ୍‌କୁ ସୁହାଇଲା ଭଳି ଖର୍ଚ୍ଚରେ ରହି ଭଲ ଅନୁଭୂତି ନେଇ ଫେରିବେ। ଏହା ନିଶ୍ଚିତ ଓଡ଼ିଶା ତଥା ପୁରୀ ପାଇଁ ଏକ ଗର୍ବର ବିଷୟ ହେବ। ଶ୍ରୀ ମିଶ୍ର ରାସ୍ତା ଓ ନିର୍ମାଣ ବିଭାଗର ବିଜ୍ଞପ୍ତି ୦୬/୨୦୨୫-୨୬ର ସୂଚନା ସହିତ ଉଲ୍ଲେଖ କରିଛନ୍ତି ଯେ ଯେହେତୁ ସରକାର ଜନଗଣଙ୍କର ତେଣୁ ସରକାର ଟେଣ୍ଡର କରିବା ପୂର୍ବରୁ ଏଭଳି ଅପବ୍ୟୟ ଉପରେ ଜନଶୁଣାଣି କରିବା ଆବଶ୍ୟକ ହୋଇପଡ଼ିଛି।

ସୂଚନାଥାଉ କି, ପୁରୀ ରଥଯାତ୍ରାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥା'ନ୍ତି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଟ୍ରାଫିକ୍ ସୁପରିଚାଳନା ପାଇଁ ହଜାର ହଜାର ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରୀ ଅଣାଯାଇଥାଏ। ଅଧିକାରୀମାନଙ୍କ ପାଇଁ ବିଭିନ୍ନ ହୋଟେଲରେ ରୁମ୍ ନିଆଯାଏ। କର୍ମଚାରୀମାନେ ପୁଲିସ ବାରାକ୍, ଅବକାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥା'ନ୍ତି। ବିଶେଷକରି ସ୍ନାନ ପୂର୍ଣ୍ଣିମା ଗୋଟିଏ ଦିନ ସରିବା ପରେ ଅଧିକାରୀ ଓ କର୍ମଚାରୀ ପଳାଇ ଯାଆନ୍ତି। ଏହାପରେ ରଥଯାତ୍ରା ଦୁଇ/ତିନିଦିନ ପୂର୍ବରୁ ପୁଣି ଆସି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରୁହନ୍ତି। ଏମିତି ଦେଖିଲେ ମୋଟ୍ ୧୯ ଦିନ ରହିଥା'ନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ତେବେ ସେମାନଙ୍କ ପାଇଁ ସ୍ଥାୟୀ ରହଣିସ୍ଥଳ ହୋଇଗଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ା ବି ବ୍ୟାଘାତ ହୁଅନ୍ତା ନାହିଁ।



# ଶିବଗଙ୍ଗାରେ ବୁଡ଼ିଗଲେ ଚାରି ଛାତ୍ର

**ଜଣେ ମୃତ, ୩ ଉଦ୍ଧାର**

■ ଭଦ୍ରକ/ଆରଡି,୨୫।୫(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ରବିବାର ସକାଳୁ ଭଦ୍ରକ ଜାନୁଗଞ୍ଜରେ ରହୁଥିବା ୪ଜଣ ଛାତ୍ର ସାଙ୍ଗ ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଆସିଥିଲେ। ଦର୍ଶନ ପୂର୍ବରୁ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ୪ଜଣ ସାଙ୍ଗ ମିଳିମିଶି ଗାଧୋଇଥିବା ସମୟରେ ଗୋଡ ଖସିଯିବାରୁ ଅକାତ ପାଣିରେ ପୁଷ୍କରିଣୀ ଭିତରକୁ ଚାଲିଯାଇଥିଲେ। ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସମସ୍ତ ୪ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଆରଡି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଧାମନଗର ସୋହଡା ଅଞ୍ଚଳର ଦେବବ୍ରତ ମିଶ୍ର (୨୪) ଭଦ୍ରକ ସ୍ୱୟଂଶାସିତ କଲେଜରେ +୩ ୨ବର୍ଷର ଛାତ୍ର। ଜାନୁଗଞ୍ଜର ଏକ ମେସରେ ରହି ପାଠ ପଢୁଥିଲେ। ଅନ୍ୟ ୩ଜଣ ଛାତ୍ରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱର ପାହାଚ ନିର୍ମାଣ କାର୍ଯ୍ୟ ଠିକ ଭାବେ ହୋଇନଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏପରିକି ୪ବର୍ଷ ମଧ୍ୟରେ ପୁଷ୍କରିଣୀରେ ୪ଜଣ ବୁଡିଯାଇ ମୃତ୍ୟୁବରଣ କଲେଣି। ନିକଟରେ ୨ମାସ ତଳେ ଜଣେ ଛୋଟ ପିଲା ପୁଷ୍କରିଣୀକୂଳରେ ଖେଳୁଥିବା ବେଳେ। ଗୋଡ ଖସିଯିବାରୁ ମୃତ୍ୟୁ ଘଟିଥିଲା। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଥିବା ସ୍ଥାୟୀ ଆଲୋକ ଅକାମୀ ହୋଇପଡିଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାରମୟ ହୋଇ ପଡୁଛି ପୁଷ୍କରିଣୀ କୂଳ। ପୁଷ୍କରିଣୀ ଘାଟ ଓ ଚତୁଃପାର୍ଶ୍ୱର ଉନ୍ନତିକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଠିକ ଭାବେ କାର୍ଯ୍ୟ ହେଉନଥିବାରୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

■ ସରକାରୀ କର୍ମଚାରୀଙ୍କ ଉପରେ ଲଗାମ୍

## ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିବା ମନା

**ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ**

ଭୁବନେଶ୍ୱର,୨୫।୫(ସମିସ): ଏଣିକି ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିପାରିବେ ନାହିଁ ସରକାରୀ କର୍ମଚାରୀ। ନିଜ ବିଭାଗର କର୍ମଚାରୀଙ୍କ ପାଇଁ ଏଭଳି କିଛି ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କର୍ମଚାରୀମାନେ ୧୦ଟା ବେଳେ ଅଫିସ ଆସିବେ ଓ ୫ଟା ୩୦ ପୂର୍ବରୁ ଅଫିସ୍ ଛାଡ଼ି ପାରିବେ ନାହିଁ। କର୍ମଚାରୀମାନେ ସର୍ବନିମ୍ନ ସାଢେ ୭ ଘଣ୍ଟା ଅଫିସରେ ରହିବାକୁ ବାଧ୍ୟତାମୂଳକ ଭାବେ ଦର୍ଶାଯାଇଛି। ଏହାସହ ବାୟୋ-ମେଟ୍ରିକ୍ ଜରିଆରେ କର୍ମଚାରୀ ଅଫିସ ପ୍ରବେଶ ଓ ପ୍ରସ୍ଥାନ କରିବେ। ଯଦି ବାୟୋମେଟ୍ରିକ ସଠିକ ଭାବେ କାର୍ଯ୍ୟକାରୀ ନ ହୁଏ, ଅର୍ଥାତ୍ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବ୍ୟତିକ୍ରମ ହୁଏ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଥିରେ ଦର୍ଶାଯାଇଛି।

# ଅବଶିଷ୍ଟାଂଶ...

### ଭାଙ୍ଗିବ ଗରିବଙ୍କ...

କେନ୍ଦ୍ରରୁ ୪୩୧୦ କୋଟି ଟଙ୍କା ଅନୁଦାନ ପାଇଥିଲା। ମାତ୍ର ବିଜେପି ସରକାର ଗଠନ ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅନୁଦାନ ୮୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଯାହା କି ପୂର୍ବବର୍ଷର ଅନୁଦାନର ୨୫ ପ୍ରତିଶତରୁ କମ୍ ବୋଲି କୁହାଯାଉଛି। ଏକପକ୍ଷରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ପକ୍କା ଘର ଯୋଜନାକୁ ବନ୍ଦ କରି ଦିଆଯାଇଥିବାବେଳେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ଯୋଗାଇ ଦିଆଯାଇ ପାରୁନାହିଁ। ଫଳରେ ଗ୍ରାମାଞ୍ଚଳର ବହୁ ଗରିବ ଲୋକମାନେ ଏବେ ବି ପକ୍କାଘର ପାଇଁ ସରକାରଙ୍କ ଦୟାକୁ ଚାହିଁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକ ଓ ଫନି ପ୍ରଭାବିତ କ୍ଷତିଗ୍ରସ୍ତମାନେ ମଧ୍ୟ 'ଆବାସ'କୁ ଚାହିଁ ଚାହିଁ ନିରାଶ ହୋଇଛନ୍ତି। କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୁହେଁ, ଏହି ଯୋଜନାରେ ସହରାଞ୍ଚଳର ଗରିବମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ମାତ୍ର ୭୩ ଲକ୍ଷ ଟଙ୍କା ମିଳିଛି । ବିଜେଡି ସରକାରଙ୍କ ଶେଷ ବର୍ଷରେ ଏହି ଯୋଜନାରେ ଓଡ଼ିଶା ୨୯୬ କୋଟି ଟଙ୍କା ଅନୁଦାନ ପାଇଥିଲା, ମାତ୍ର ବିଜେପି ସରକାରଙ୍କ ପ୍ରଥମବର୍ଷରେ ମାତ୍ର ୭୩ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ଡ଼ବଲ ଇଞ୍ଜିନ୍ ସରକାରଙ୍କ ବିକାଶ ଆନ୍ତରିକତାକୁ ସ୍ପଷ୍ଟ କରିଦେଇଛି ।

ସମ୍ପ୍ରତି ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ୩ ବର୍ଷ ମଧ୍ୟରେ ଏହି ଯୋଜନାରେ ୧ ଲକ୍ଷ ଗୃହ ନିର୍ମାଣ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ମଧ୍ୟ ୨୬୦୦ କୋଟି ଟଙ୍କା ବରାଦ କରାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଗୃହକୁ ନେଇ ଗ୍ରାମାଞ୍ଚଳରେ ରାଜନୀତି ଆରମ୍ଭ ହୋଇଛି । ଶାସକ ଦଳର ବିଧାୟକଙ୍କ ସୁପାରିସ ନ ହେଲେ ଏହି ଗୃହ ମିଳିବ ନାହିଁ ବୋଲି ସରକାରୀ ଅଧିକାରୀମାନେ ସଫାସଫା ମନା କରି ଦେଉଛନ୍ତି । ଏକ ପକ୍ଷରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଓ ଅନ୍ୟପକ୍ଷରେ ଶାସକ ଦଳର ଅନ୍ତ୍ୟୋଦୟ ରାଜନୀତି ରାଜ୍ୟର ଗୃହହୀନ ଗରିବ ଲୋକମାନଙ୍କ ପାଇଁ ସମସ୍ୟାରେ ପରିଣତ ହୋଇଛି ।

### ସାତ ଦିନରେ...

ସକାଳେ ପାଇଖାନା ଯିବ କହି ଘରୁ ଯାଇଥିଲା ବେଳେ ଆଉ ଫେରି ନ ଥିଲା। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପାଇନଥିଲେ। ତା ପର ଦିନ ଗାଁ ଠାରୁ ୨୫ କିଲୋମିଟର ଦୂର ଘୋବରଘଟା ସିଟ ଛକଠାରେ ବସିଥିବା ଦେଖି ଗ୍ରାମବାସୀ ତାର ଠିକଣା ଜାଣିବା ପରେ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ବଡ଼ ମା'ଙ୍କୁ ଦୁଷ୍କର୍ମ ସମ୍ପର୍କରେ କହିବା ପରେ ପରିବାର ଲୋକେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାକୁ ଜଣାଇ ଥିଲେ। ସନ୍ଧ୍ୟାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ରାଇବଣିଆ ଅଞ୍ଚଳର ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏହାର ଦୁଇଦିନ ପରେ ଭୋଗରାଇ ଥାନା ଅନ୍ତର୍ଗତ ଲକ୍ଷ୍ମୀ ପାଟଣା ଅଞ୍ଚଳରେ ଜନୈକ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରି ହତ୍ୟା ଅଭିଯୋଗ ହୋଇଛି।

ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସମ୍ପୃକ୍ତା ଛାତ୍ରୀଙ୍କୁ ଗଣ ବଳାତ୍କାର କରି ହତ୍ୟା କରିଥିଲା ବେଳେ ଏହାକୁ ଆତ୍ମହତ୍ୟା ରୂପ ଦେବାପାଇଁ ଶୋଇବା ଘରେ ବେକରେ ରଶି ଲଗାଇ ଟାଙ୍ଗି ଦେଇଥିଲେ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହାପରେ ବ୍ଲକର ତାଳସାରି ଥାନା ଅଧୀନ ଉଦୟପୁର ଅଞ୍ଚଳରେ ଜୈନିକା ଜଣେ ବିବାହିତା ମହିଳାକୁ ଗତ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକ ନିସ୍ତୁକ ମାଡ଼ ମାରି ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଗୁରୁବାର ଦିନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇ ନଥିବା ଜଣାପଡ଼ିଛି। ତମାମ ଅଞ୍ଚଳରେ ଏଭଳି ଜଘନ୍ୟ ଅପରାଧ ଘଟୁଥିଲା ବେଳେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଟ୍ରେନ୍ ଧକ୍କାରେ...

ଠିକା ଶ୍ରମିକ କେବୁଲ୍ ଲାଇନ୍ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଟ୍ରେନ ଆସିଗଲା। ଟ୍ରେନ୍ ଆସିବାରୁ ଅନ୍ୟ ଶ୍ରମିକମାନେ ଦୌଡା ଦୌଡ଼ି ହୋଇ ପଳାଇବା ବେଳେ ଦୁଇ ଜଣଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ରେଲୱେ ପୁଲିସ ଆସି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ।

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**AFFIDAVIT**
I, Alema Parween, W/o- Shaikh Riyazuddin, resident of Chandpur, Po/Ps- Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.- 21/05/2025 that now onwards I shall be known as ALEMA BIBI for all future purposes.

● କୁଲଡିହା ଅଭୟାରଣ୍ୟରେ ବନବିଭାଗର ଚଢ଼ଉ

# ବନ୍ଧୁକ ସହ ୫ ଶିକାରୀ ଗିରଫ



ନୀଳଗିରି, ୨୫।୫ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି କୂଳଡିହା ଅଭୟାରଣ୍ୟ ଚେମଚଟା ବିଟ୍ ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ୫ଜଣ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି କୁଲଡିହା ବନବିଭାଗ। ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ବନ୍ଧୁକ, ବନ୍ଧୁକ ପାଉଡର, ଦୁଇଟି ଧନୁ, ୬ଟି ତୀର, ଗୋଟିଏ କୁଟାରି ଶିଙ୍ଗ, ୩ଟି ତାରରେ ନିର୍ମିତ ଫାଶ ଜବତ କରାଯାଇଛି। ଜଙ୍ଗଲରେ ଜନ୍ତୁଙ୍କ ଗତିବିଧି ଏବଂ ଶିକାରୀଙ୍କ ଗତିବିଧି ଉପରେ ଲକ୍ଷ୍ୟ କରାଯିବା ପାଇଁ ଲଗାଯାଇଥିବା ୧୫ଟି ଟ୍ରାପ କ୍ୟାମେରା ଚୋରୀରେ ସଂପୃକ୍ତି ଥିବା ନେଇ ଅନ୍ୟ ଏକ ଗୁପ୍ତ କ୍ୟାମେରା ସାହାଯ୍ୟରେ ଉତ୍ତୋଳନ କରାଯାଇଥିବା ଫଟୋ ଆଧାରରେ ଚିହ୍ନଟ କରି ସମସ୍ତ ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରାଯାଇଥିବା କୁଲଡିହା ରେଞ୍ଜର ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ଗିରଫ ଶିକାରୀ ହେଲେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ଦରଖୋଳି ନିକଟସ୍ଥ ନରସିଂଶିଳା ଗ୍ରାମର ରମେଶ ମୁଣ୍ଡା (୪୫), ଗଣେଶ୍ୱର ମୁଣ୍ଡା (୨୧), ଗୋପି ହୋ, ମୋଦିଚୁଆ ଗ୍ରାମର ହାଡ଼ିଆ ଭଦ୍ରା(୨୭), ଏବଂ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ବାଗଦଫା ଗୌରଚନ୍ଦ୍ରପୁରର ସେଲାଏ ଗିଲୁଆ। ତେବେ କୁଲଡିହାକୁ ଶିକାରୀମୁକ୍ତ କରିବା ପାଇଁ ଏଭଳି ଅଭିଯାନ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ଏସିଏଫ୍ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ୧୭ ବର୍ଷ ଧରି ବନ୍ଦ ପଡ଼ିଛି ଶ୍ରୀ ଗୋପୀନାଥ ସୂତାକଳ

ବାଲିଆପାଳ, ୨୫।୫ (ସମିସ)





● ସବୁଦିନ ପାଇଁ ବନ୍ଦ କରିବାକୁ ଚକ୍ରାନ୍ତ

● ଜମି ଫେରାଇବାକୁ ସୂତାକଳ ପାଇଁ ଜମି ହରାଇଥିବା ଚାଷୀଙ୍କ ଦାବି

ଦିନେ ହଜାରେରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କ ପରିବାରକୁ ଦାନାପାଣି ଯୋଗାଇଥିବା ବାଲିଆପାଳର ଶ୍ରୀ ଗୋପୀନାଥ ସୂତାକଳ ୧୭ ବର୍ଷ ଧରି ବନ୍ଦ ପଡ଼ିଛି। ଏହାକୁ ସବୁଦିନ ପାଇଁ ବନ୍ଦ କରିଦେବାର ଚକ୍ରାନ୍ତ ହେଉଥିବା ଖବର ପଦାକୁ ଆସିବା ପରେ ବାଲିଆପାଳ ଅଞ୍ଚଳରେ ଆନ୍ଦୋଳନ ଦାନା ବାନ୍ଧୁଛି।

୨୦୧୭ରେ 'ପିକନ ଇଲେକଟ୍ରୋନିକ୍' ନାମକ ବାହାର ରାଜ୍ୟର ଏକ କମ୍ପାନୀ ସୂତାକଳକୁ କିଣି କାର୍ଯ୍ୟକ୍ଷମ କରିବ ବୋଲି ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିଲା। ପୂର୍ବରୁ ମଧ୍ୟ ସମ୍ପୃକ୍ତ କମ୍ପାନୀ ୧୦ ବର୍ଷରୁ ଅଧିକ ସମୟ ସୂତାକଳ ଚଲାଉଥିଲା। କମ୍ପାନୀର ଅଭିଜ୍ଞତା ଦୃଷ୍ଟିରୁ ସୂତାକଳ ପୁଣି କାର୍ଯ୍ୟକ୍ଷମ ହେବ ବୋଲି ବାଲିଆପାଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଥିଲା। ସୂତାକଳ ଚଳାଇବା ତ ଦୂରର କଥା, ଏହା ଭିତରେ ୮ ବର୍ଷ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ସୂତାକଳ ଭିତରେ ଥିବା କୋଟି କୋଟି ଟଙ୍କାର ମୂଲ୍ୟବାନ ଯନ୍ତ୍ରପାତି ରାତିରେ ଟ୍ରକ ଲଗାଇ ବୋହି ନେଇଯାଇଥିବା ସୂଚନା ରହିଛି। ୨୦୦୮ରେ ସୂତାକଳର କିଛି ଯନ୍ତ୍ରପାତି ରହସ୍ୟଜନକ ଭାବେ ପୋଡ଼ିଯିବା ପରେ ସେବେଠାରୁ କଳ ବନ୍ଦ ପଡିଛି। ପୋଡ଼ିଯିବା ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ଥିବାରୁ କେବଳ ରିଙ୍ଗଫ୍ରେମ ବିଭାଗର ଅଳ୍ପ କିଛି ଯନ୍ତ୍ରପାତି ବଦଳାଇ ଦେଇଥିଲେ ସୂତାକଳ ପୁଣି କାର୍ଯ୍ୟକ୍ଷମ ହୋଇପାରିଥାନ୍ତା। କାରଣ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ଏହାକୁ ତୁରନ୍ତ ଆୟତ୍ତ କରାଯାଇଥିବାରୁ ଯନ୍ତ୍ରପାତିଗୁଡିକର କୌଣସି କ୍ଷତି ହୋଇ ନଥିଲା। ବିଦ୍ୟୁତ ସରବରାହ ମଧ୍ୟ ସ୍ୱାଭାବିକ ଥିଲା। ମାତ୍ର ଏ ଦିଗରେ କିଛି ପଦକ୍ଷେପ ନିଆଗଲା ନାହିଁ। ବାଲିଆପାଳର ଏକମାତ୍ର ଶିଳ୍ପାନୁଷ୍ଠାନକୁ ଏଭଳି ଚକ୍ରାନ୍ତ କରି ବନ୍ଦ କରିଦେବା ଘଟଣାକୁ କଳର ଶ୍ରମିକ ସଂଘ, କର୍ମଚାରୀ ସଂଘ ନାପସନ୍ଦ କରିଛନ୍ତି। ସୂଚନା ଥାଉକି, ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍ୟମରେ ୧୯୮୬ ମସିହାରେ ଏହି ସୂତା କଳର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଲିଆପାଳରେ ପ୍ରସ୍ତାବିତ ଜାତୀୟ କ୍ଷେପଣାସ୍ତ୍ର ଘାଟି ଦ୍ୱାରା ଉଚ୍ଛେଦ ହେଉଥିବା ପରିବାରର ଜଣକୁ ଚାକିରି ଦେବା ସହ ବେକାର ଯୁବକଯୁବତୀଙ୍କୁ ମଧ୍ୟ ଏଥିରେ ଚାକିରି ଦେବା ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ସହିତ ଜାତୀୟ ସମବାୟ ଉନ୍ନୟନ ନିଗମ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ୧୯୯୨ରେ ସୂତାକଳ କାର୍ଯ୍ୟକ୍ଷମ ହୋଇଥିଲା। ସ୍ଥାନୀୟ ଅଞ୍ଚଳରୁ ଏକ ହଜାରରୁ ଅଧିକ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ପାଇଥିଲେ। ଏଥିରୁ ଉତ୍ପାଦିତ ସୂତା ରାଜ୍ୟ ଓ ରାଜ୍ୟ ବାହାରେ ବେଶ ନାମ କରିଥିଲା। ୫ ବର୍ଷ ପର୍ଯ୍ୟନ୍ତ କଳ ଲାଭରେ ଚାଲିଥିଲା। ତା' ପରଠାରୁ ତ୍ରୁଟିପୂର୍ଣ୍ଣ ପରିଚାଳନା ଓ ଦୁର୍ନୀତି ଯୋଗୁ ସୂତା କଳର ଦୁରାବସ୍ଥା ଆରମ୍ଭ ହୋଇଥିଲା। ପରେ 'ପିକନ ଇଲେକଟ୍ରୋନିକ୍ସ' ସୂତା କଳକୁ କଞ୍ଚାମାଲ(ତୁଳା) ଯୋଗାଇ ଉତ୍ପାଦିତ ସୂତା ନେଉଥିଲା। ଏଥିପାଇଁ ସେ ସୂତାକଳକୁ ଦେଉଥିବା ଅର୍ଥରେ ଶ୍ରମିକ ଓ କର୍ମଚାରୀଙ୍କ ଦରମା, ଯନ୍ତ୍ରପାତି ମରାମତି, ବିଦ୍ୟୁତ ବିଲ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଭରଣା ହେଉଥିଲା। ମାତ୍ର ୨୦୦୮ ଜାନୁଆରୀ ୨ ରାତିରେ ମିଲରେ ନିଆଁ ଲାଗି କିଛି ଯନ୍ତ୍ରପାତି ଜଳିଯାଇଥିଲା। ଏହି ସୂତାକଳ ନାମରେ ୪୯ ଏକର ମୂଲ୍ୟବାନ ଜାଗା, ୧୬ଟି ପ୍ରତିଷ୍ଠାନର ବାସଭବନ, ପାଣି ଟାଙ୍କି, କାଳୀ ମନ୍ଦିର, ୩୩ କେଭିଏ ବିଦ୍ୟୁତ ସବ୍‌ଷ୍ଟେସନ, ୫୦୦ କେଭିଏର ଦୁଇଟି ମୂଲ୍ୟବାନ ଡିଜି ସେଟ, ଏକ ବଡ଼ ଗୋଦାମ ଗୃହ ସହ କୋଟିକୋଟି ଟଙ୍କାର ଯନ୍ତ୍ରପାତି ରହିଥିଲା। ଏସବୁକୁ "ପିକନ ଇଲେକଟ୍ରୋନିକ୍ସ' ପ୍ରତିଷ୍ଠାନ ମାତ୍ର ୩.୭୫ କୋଟି ଟଙ୍କାରେ କିଣିଥିଲା। ସୂଚନାଯୋଗ୍ୟ ଯେ ସେତେବେଳେ ପ୍ରାୟ ୩ ଶହ ଚାଷୀ ଅଞ୍ଚଳର ବିକାଶ ପାଇଁ ଉର୍ବର ଦୋଫସଲି ଜମିକୁ ଏକର ପିଛା ୫୦ ହଜାର ଟଙ୍କା ମୂଲ୍ୟ ନେଇ ସରକାରଙ୍କୁ ଛାଡ଼ିଦେଇଥିଲେ। ଏବେ ସୂତାକଳ ସ୍ଥାନ ଜମିର ମୂଲ୍ୟ ଏକର ପିଛା ୧୦ କୋଟି ଟଙ୍କାରୁ ଅଧିକ ହୋଇପାରେ। ଏଥିରୁ ବର୍ତ୍ତମାନ ସୂତାକଳ ସ୍ଥାପନ ହୋଇଥିବା ସ୍ଥାନର ଏବଂ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ଆକଳନ କରିବା କଷ୍ଟସାଧ। ତେଣୁ ଆଗାମୀ ଦିନରେ ବାଲିଆପାଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯଥାଶୀଘ୍ର ଏହି କାରଖାନାକୁ ଚାଲୁ କରନ୍ତୁ ଅନ୍ୟଥା ଜମି ହରାଇଥିବା ଜମି ମାଲିକ ମାନଙ୍କୁ ତାଙ୍କ ଜମି ଫେରାଇ ଦିଅନ୍ତୁ ବୋଲି ବହୁ ଚାଷୀ ଦାବି କରିଛନ୍ତି।

# ଭକ୍ତିବୈଭବ ବୈଷ୍ଣବ ମହାରାଜଙ୍କ ଜନ୍ମ ଉତ୍ସବ

ନୀଳଗିରି,୨୫।୫(ସମିସ): ନୀଳଗିରିସ୍ଥିତ ରାଧାଶ୍ୟାମସୁନ୍ଦର ଗୌଡ଼ିୟ ମଠର ମହନ୍ତ ମହାରାଜ ଭକ୍ତିବୈଭବ ବୈଷ୍ଣବ ମହାରାଜଙ୍କ ଜନ୍ମ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଛେନାପୋଡ଼ ତଥା ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନରେ ମହାରାଜଙ୍କୁ ଶ୍ରଦ୍ଧାଳୁମାନେ ଆପ୍ୟାୟିତ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉକ୍ତ ଜନ୍ମଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଥିବା ମଠ ମହାରାଜମାନେ ମଧ୍ୟ ଯୋଗଦେଇ ଥିଲେ। ଉତ୍ସବରେ କିସ୍‌କିଞ୍ଚନ ମହାରାଜ, ବାମନ ମହାରାଜ, ଭିକ୍ଷୁ ମହାରାଜଙ୍କ ସମେତ ବହୁ କୃଷ୍ଣପ୍ରେମୀ ଯୋଗଦେଇ ଥିଲେ।


# ମହାପ୍ରଭୁଙ୍କ ଚନ୍ଦନଲାଗି ପାଇଁ ଚନ୍ଦନକାଠ ଦାନକଲେ ଭକ୍ତ

ନୀଳଗିରି,୨୫।୫(ସମିସ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ



ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ରଥନିର୍ମାଣ ପ୍ରକ୍ରିୟା ଚାଲିଥିବା ବେଳେ ଆଗକୁ ସ୍ନାନପୂର୍ଣ୍ଣିମା ଆସୁଛି। ମହାପ୍ରଭୁଙ୍କୁ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ନୀତି ହେବା ପାଇଁ ଚନ୍ଦନ କାଠର ଆବଶ୍ୟକତାକୁ ଆଖି ଆଗରେ ରଖି ରବିବାର ନୀଳଗିରି ଅଞ୍ଚଳର ଭକ୍ତ ସଂଜୀବ କୁମାର ମହାପାତ୍ର ବାଡ଼ିରେ ଥିବା ଚନ୍ଦନ କାଠ କାଟି ଦାନ କରିଛନ୍ତି। ଠାକୁରମାହାଲ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୋନମ ଦାସ, ପୂଜକ ସରୋଜ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓଜନ କରି ଚନ୍ଦନ କାଠକୁ ଠାକୁରମାହାଲରେ ରଖାଯାଇଛି।

# କୋରିଅର ନେଇ ଯାଉଥିବା କଣ୍ଟେନର ଜଳିଗଲା




ସିମୁଳିଆ,୨୫।୫(ସମିସ): ସିମୁଳିଆ ଥାନାଠାରୁ ଦୁଇ କିଲୋମିଟର ଦୂର ୧୬ ନଂ ଜାତୀୟ ରାଜପଥ ଭଗିଆ ଓଭରବ୍ରିଜ ଠାରେ ସେଫ ଏକ୍ସପ୍ରେସ କୋରିଅର ନେଇଯାଉଥିବା ଏକ କଣ୍ଟେନରରେ ନିଆଁ ଲାଗି ଜଳିଯାଇଛି। ହଠାତ ଗାଡ଼ିରେ ନିଆଁ ଲାଗିବାରୁ ଡ୍ରାଇଭର ଓ ହେଲପର ଦୁଇଜଣ ଗାଡି ଛାଡି ଦେଇ ବାହାରକୁ ବାହାରି ଆସିଥିଲେ। ଦିଲ୍ଲୀରୁ କୋରିଅର ପାର୍ସଲ ବୋଝେଇ କରି ସେଫ ଏକ୍ସପ୍ରେସ କମ୍ପାନୀର ଏହି କଣ୍ଟେନର ଭୁବନେଶ୍ୱର ଆଡ଼କୁ ଯାଉଥିବା ବେଳେ ୧୬ ନଂ ଜାତୀୟ ରାଜପଥ ଭଗିଆ ଓଭରବ୍ରିଜ ନିକଟରେ ହଠାତ ଗାଡ଼ିରୁ ନିଆଁ ବାହାରିଥିଲା। ସ୍ୱଳ୍ପ ସମୟ ଭିତରେ ଗାଡିଟି ସମ୍ପୂର୍ଣ୍ଣ ଜଳିବା ଆରମ୍ଭ କରିଥିଲା। ଡ୍ରାଇଭର ଏବଂ ହେଲପର ସୁରକ୍ଷିତ ଥିବାବେଳେ ଜାତୀୟ ରାଜପଥରେ ଗାଡି ଅଟକି ରହିଛି। ଗାଡ଼ିରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିବାର ଜଣାପଡ଼ିଛି। ଅଡା ଓ ଭଦ୍ରକ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାବାକୁ ଚେଷ୍ଟା ଚଳାଇଥିଲେ।

# ସିଦ୍ଧେଶ୍ୱର ମହାଦେବଙ୍କ ଚଡ଼କ ପର୍ବ



ଭୋଗରାଇ, ୨୫।୫ (ସମିସ) : ଭୋଗରାଇ ବ୍ଲକ୍ ମନ୍ଦାରସାହି ପଞ୍ଚାୟତ ଅନ୍ତର୍ଗତ କାଳାହି ଗ୍ରାମରେ ଥିବା ବାବା ସିଦ୍ଧେଶ୍ୱର ମହାଦେବଙ୍କ ଚଡକ ପର୍ବ ଉଦଘାଟିତ ହୋଇଯାଇଛି। ମନ୍ଦିରର ପୁରୋହିତ ସରୋଜ କୁମାର କର ଓ ପାଟଭକ୍ତା ପରୀତସ ଦାସମହାପାତ୍ର, ଶ୍ରୀବେକିଡି ସୁଶାନ୍ତ ମହାନ୍ତି, ୧୩ ଜଣ ଭକ୍ତ କପାସିଆ ବନ୍ଧ ପାଖରେ ଥିବା ହାକାଣ୍ଡ ପୋଖରୀ ପାଖରେ ବ୍ରତ ଧାରଣ କରିବା ସହିତ ପୋଖରୀରୁ କାମିନା ଘଟ ଉତ୍ତୋଳନ କରାଯାଇ ସମଗ୍ର ଗ୍ରାମ ପରିକ୍ରମଣ କରିବା ସହିତ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଥିଲେ। ଏଠାରେ ଥିବା ବ୍ରାହ୍ମଣ ବ୍ରତଚାରୀମାନଙ୍କୁ ବ୍ରତଧାରଣ କରାଇଥିଲେ। ୫୦ରୁ ଅଧିକ ଭକ୍ତ ବ୍ରତ ଧାରଣ କରିଥିଲେ। ଏହି ପରିକ୍ରମାରେ ଗ୍ରାମବାସୀଙ୍କ ସହ ସହାୟତା ଗୋଷ୍ଠୀର ମହିଳା ବିଭିନ୍ନ ଅଞ୍ଚଳରୁ ଆସିଥିବା ବାଦ୍ୟକାର ଆଦି ଶହ ଶହ ସଂଖ୍ୟାର ଉପସ୍ଥିତ ହୋଇ ଘଟ ଉତ୍ତୋଳନ କରିବା ସହିତ ଧୂପ ଦୀପ ଆଦି ନେଇ ସମଗ୍ର ଗ୍ରାମ ପରିକ୍ରମା କରି ବାବାଙ୍କ ପୀଠରେ ପହଞ୍ଚି ଥିଲେ। ଏଠାରେ ପ୍ରଥମ ଅର୍ଘ୍ୟର ନୀତି କାନ୍ତି ସାରୀ ଭକ୍ତମାନଙ୍କୁ ଅର୍ଘ୍ୟ ପାଣି ଛିଞ୍ଚାଯାଇ ଥିଲେ। ପଞ୍ଚାୟତର ସରପଞ୍ଚ ପ୍ରତିନିଧି ବଂଶୀଧର ସାହୁ ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ , ମନ୍ଦିର ପରିଚାଳନା କମିଟିର ସଭାପତି ଦେବବ୍ରତ ଦାସମହାପାତ୍ର, ସଞ୍ଜିବ ଦାସମହାପାତ୍ର ଉପସ୍ଥିତ ଥିଲେ। ଜୁନ ୨ ସୋମବାର ମହା ନୀଳ ଓ ଜୁନ୍ ୩ ପାଟ ପର୍ବ ଅନୁଷ୍ଠିତ ହେବ। ଏହି ମନ୍ଦିରଟି ପଶ୍ଚିମବଙ୍ଗ ଅନିତ ଦୁରରେ ଥିବାରୁ ବହୁ ପୂର୍ବ ମେଦିନୀପୁର ବହୁସଂଖ୍ୟକ ଭକ୍ତ ବ୍ରତ ଧାରଣ କରିଥାଆନ୍ତି। ଏଥିରେ ପାଟ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ସାହୁ, ସମ୍ପାଦକ ସୁଭାଶିଷ ଦାସମହାପାତ୍ର, ସୁମନ୍ତ ଦାସମହାପାତ୍ର, ସଚିନ ଦାସମହାପାତ୍ର, ସଞ୍ଜିବ ଦାସମହାପାତ୍ର, ଦେବବ୍ରତ ଦାସମହାପାତ୍ର, ରଣଜିତ୍ ଦାସମହାପାତ୍ର, ଗୌତମ ଦାସମହାପାତ୍ର, ବିକାଶ ଦାସ, କୈଶିକ ଦାସମହାପାତ୍ର, ପରମେଶ୍ୱର ମହାନ୍ତି, ଉତ୍ତମ ଜେନା, ରାଜେଶ ସେଠୀ ଓ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଷ୍ଟ୍ରିକ୍ଟ ୟୁନିଟ ଆଗରେ ଏକ ଲାଇଟ ଖୁଣ୍ଟ ଭାଙ୍ଗି ପଡିଛି।

# ପତଞ୍ଜଳି ଯୁବ ଭାରତ ପକ୍ଷରୁ ଯୋଗ ଶିବିର

କାଳିପଦା, ୨୫।୫ (ସମିସ): ପତଞ୍ଜଳି ଯୁବ ଭାରତ ପକ୍ଷରୁ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଦିନିକିଆ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ରୋଗର ନିରାକରଣ ପାଇଁ ଭିନ୍ନ ଭିନ୍ନ ଯୋଗ ଓ ଆସନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। କେଉଁ ରୋଗ ପାଇଁ କେଉଁ ଯୋଗ ଓ ଆସନ କରିବାକୁ ହେବ ସେ ସମ୍ପର୍କରେ ମଧ୍ୟ ପରାମର୍ଶ ଦିଆଯାଇଛି। ପତଞ୍ଜଳି ଯୁବ ଭାରତ ରାଜ୍ୟ ପ୍ରଭାରୀ ଅମୃତାଂଶୁ ପ୍ରଧାନ, ବାଲେଶ୍ୱର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ ପ୍ରମୁଖ ଯୋଗ ଦେଇ ଭିନ୍ନ ଭିନ୍ନ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ବାଲିଆପାଳ ପତଞ୍ଜଳି ଯୋଗ ସମିତିର ଅରବିନ୍ଦ ବେହେରା, ଜଗନ୍ନାଥ ଦେ, ଅଚ୍ୟୁତ କୁମାର ରାଉତ, ମନ୍ମଥ କୁମାର ନାୟକ, କୁନୀ କୁମାରୀ, ମଧୁସ୍ମିତା ରାଉତ, ବାସନ୍ତୀ ନାୟକ, ମନୋରଞ୍ଜନ ବେହେରା, ନିର୍ମଳା ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାଲିଆପାଳ, କାଳିପଦା, ବାସୁଦେବପୁର, ସିଂଲା ଆଦି ସ୍ଥାନରୁ ଦୁଇ ଶହରୁ ଅଧିକ ପୁରୁଷ ଓ ମହିଳା ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ।

# ଆୟୁଷ୍ମାନ କାର୍ଡ ଇକେୱାଇସି ପାଇଁ ହନ୍ତସନ୍ତ ଲୋକେ

ଜଳେଶ୍ୱର ବ୍ଲକ, ୨୫।୫ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ଗ୍ରାମ ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଗ୍ରାମ ପଞ୍ଚାୟତରେ ୯୦ ପ୍ରତିଶ୍ରତ ଲୋକ ଆଦିବାସୀ ସଂପ୍ରଦାୟର ହୋଇ ଥିବାରୁ ଏମାନଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ପ୍ରକୃତରେ ସେମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ପରିବର୍ତ୍ତନ କରି ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କରୁଛନ୍ତି । ଏହି କାର୍ଡକୁ ଗ୍ରାମାଞ୍ଚଳରେ ଆଶା କର୍ମୀ ମାନେ ଘରକୁ ଘର ବୁଲି କାର୍ଡ ଯୋଗାଇ ଦେଇଛନ୍ତି । ସେହି କାର୍ଡ ଗୁଡ଼ିକୁ ମାଗଣାରେ ଇକେୱାଇସି କରିବା ପାଇଁ ଗ୍ରାମ ପଞ୍ଚାୟତର ଜନସେବା କେନ୍ଦ୍ରମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗ୍ରାମ ପଞ୍ଚାୟତ ଜନସେବା କେନ୍ଦ୍ରର ଆଇଡି ପାଇଥିବା ଗଣେଶ ମହାନ୍ତ ନାମକ ବ୍ୟକ୍ତି ଶ୍ୟାମନଗର ଗ୍ରାମ ପଞ୍ଚାୟତରେ ନ କରି କାଳିକ ପର୍ଯ୍ୟନ୍ତ ଦୀର୍ଘ ୧୫ କିଲୋ ମିଟର ଯିବାକୁ ପଡୁଛି ଯାହା ଫଳରେ ଘଡ଼ଘଡା, ଧାନଘେରୀ, କାଲାଯୋଡ଼ି, ପଥରସୋଲର ଗରିବ ଆଦିବାସୀ ଦୌଡ଼ି ଦୌଡ଼ି ହନ୍ତସନ୍ତ ହେଉଛନ୍ତି। ଏ ବାବଦରେ ସରପଞ୍ଚ ଗିରିଜା ଶଙ୍କର ସାମଲଙ୍କୁ ଗ୍ରାମବାସୀ ଜଣାଇବା ପରେ ସରପଞ୍ଚ ସମସ୍ତ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇ ଥିଲେ। ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ବାଲେଶ୍ୱର ପୌରପାଳିକା; ପେଭର୍ ବ୍ଲକ୍ ରାସ୍ତା ଶୋଚନୀୟ

ବାଲେଶ୍ୱର,୨୫।୫ (ସମିସ)



ବାଲେଶ୍ୱର ପୌରପାଳିକା ପକ୍ଷରୁ ସହରରେ ନିର୍ମାଣହେଉଥିବା ରାସ୍ତାଗୁଡ଼ିକ ଏବେ କଂକ୍ରିଟ ଢ଼ଳେଇ ପରିବର୍ତ୍ତେ ପେଭର ବ୍ଲକ ବିଛା ଯାଇ ନିର୍ମାଣ କରାଯାଉଛି। ଯେଉଁ ରାସ୍ତା ଗୁଡ଼ିକ ପେଭର ବ୍ଲକ ଦ୍ୱାରା ନିର୍ମାଣ କରାଯାଇଛି। ସେହି ସବୁ ରାସ୍ତା ବର୍ଷେ ଦୁଇବର୍ଷ ମଧ୍ୟରେ ଦଦରା ହେଇଯାଉ ଥିବା ଯୋଗୁଁ ପେଭର ବ୍ଲକ ରାସ୍ତାର ଆୟୁଷକୁନେଇ ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ଦେଖାଯାଉଛି। ସମ୍ପ୍ରତି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଦଦରା ହୋଇଯାଇ ଥିବା ରାସ୍ତା ଗୁଡ଼ିକୁ ଏବେ ପୌରପାଳିକା ପକ୍ଷରୁ ନୂଆ ନିର୍ମାଣ କରାଯାଉଛି। ହେଲେ ପୂର୍ବରୁ ପୌରପାଳିକା ଯେଉଁ ଭଳି କଂକ୍ରିଟ ରାସ୍ତା ନିର୍ମାଣ କରୁଥିଲା,ଏବେ ସେଭଳି ରାସ୍ତା ନିର୍ମାଣ କରିବା ପରିବର୍ତ୍ତେ ପେଭର ବ୍ଲକ ରାସ୍ତା ନିର୍ମାଣ କରୁଥିବା ଦେଖାଯାଇଛି। ମାତ୍ର ପୂର୍ବରୁ ଯେଉଁ ରାସ୍ତା ଗୁଡ଼ିକ ପେଭର ବ୍ଲକ ଦ୍ୱାରା ନିର୍ମାଣ କରାଯାଇ ଥିଲା, ସଂପୃକ୍ତ ରାସ୍ତା ଗୁଡ଼ିକର ଅବସ୍ଥା ବର୍ଷେ ଦେଢ ବର୍ଷ ମଧ୍ୟରେ ବେହାଲ ହୋଇଯାଇ ଥିବା ଦେଖାଯାଇଛି। ଉଦାହରଣ ସ୍ୱରୂପ ପୌରପାଳିକା ଅନ୍ତର୍ଗତ ୧୭ନମ୍ବର ୱାର୍ଡର ପ୍ରଶାନ୍ତ ଚାନ୍ଦ ଘରଠାରୁ ଭାୟା ଦୁର୍ଗା ମେଡିସିନ ହେଇ ମଡର୍ଣ୍ଣ ପବ୍ଲିକ ସ୍କୁଲ ପର୍ଯ୍ୟନ୍ତ ଶହେ ମିଟର ରାସ୍ତାକୁ ୨୦୨୨-୨୩ ମସିହାରେ ୧୭ଲକ୍ଷରୁ ଉର୍ଦ୍ଧ ଟଙ୍କା ଅଟକଳରେ ପେଭର ବ୍ଲକ ଦ୍ୱାରା ନିର୍ମାଣ କରାଯାଇଥିଲା। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ରାସ୍ତାର ଭିନ୍ନଭିନ୍ନ ସ୍ଥାନରେ ଖାଲଖମା ଦେଖା ଦେବାରୁ ଏହାକୁ ପୁଣି ଥରେ ସରକାରୀ ଅର୍ଥ ଖର୍ଚ୍ଚକରି ପୌରପାଳିକା ଗତ ଏକ ମାସ ତଳେ ନିର୍ମାଣ କରିଛି। ସେହିଭଳି ଏହି ୧୭ ନମ୍ବର ୱାର୍ଡର ହ୍ୱାଇଟ ହାଉସ କ୍ଲିନିକ୍ ଗଳିର ଦୁଇ ଶହ ମିଟର ରାସ୍ତା ଗତ ଦୁଇ ମାସ ତଳେ ପେଭର ବ୍ଲକ ଦ୍ୱାରା ନିର୍ମାଣ କରାଯାଇ ଥିଲା। ବର୍ତ୍ତମାନ ଏହି ରାସ୍ତାର ଭିନ୍ନଭିନ୍ନ ସ୍ଥାନରେ ଖାଲାଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହିଭଳି ପୌରପାଳିକାର ଯେଉଁ ସବୁ ରାସ୍ତା ଗୁଡ଼ିକ ପେଭର ବ୍ଲକ ଦ୍ୱାରା ନିର୍ମାଣ କରାଯାଇଛି, ସେହି ରାସ୍ତା ଗୁଡ଼ିକର ଆୟୁଷ ବର୍ଷେରୁ ଦୁଇ ବର୍ଷ ଯାଇଥିବା ଲକ୍ଷ୍ୟ କରାଯାଇଛି। ତେବେ ପେଭର ବ୍ଲକ ରାସ୍ତାର ଆୟୁଷକୁ ନେଇ ବରିଷ୍ଠ ଠିକାଦାର ଶରତ ଚନ୍ଦ୍ର ମହାରଣା କହିଛନ୍ତି। ପେଭର ବ୍ଲକ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲି ଥିବା ବେଳେ ମିସ୍ତ୍ରୀ ପାଖରେ ଠିକାଦାରଙ୍କ ତରଫରୁ କେହି ଜଣେ ତଦାରଖ କରିବା ପାଇଁ ରହିବା ଆବଶ୍ୟକ। କାରଣ ପ୍ରଥମେ କରାଯାଉଥିବା ବାଲି ଫିଲ୍ଡିଂ ଯଦି ସଠିକ୍ ଭାବେ କରାନଯାଏ, ତା ହେଲେ କିଛି ଦିନ ପରେ ଏହି ରାସ୍ତାର ଭିନ୍ନଭିନ୍ନ ସ୍ଥାନରେ ଖାଲଖମା ଦେଖାଦେବ ନିଶ୍ଚିତ। ତେଣୁ ବାଲି ଓ ଆବଶ୍ୟକ ସ୍ଥଳେ ମୋରମ ଫିଲଡିଂ ସଠିକ୍ ରୂପେ କରାଯାଇ ପେଭର ବ୍ଲକ ବିଛା ଗଲେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରାସ୍ତା ଭଲ ରହିବ ବୋଲି ଠିକାଦାର ମହାରଣା କହିଛନ୍ତି। ଅପରପକ୍ଷରେ ପୌରପାଳିକାର କାର୍ଯ୍ୟରତ ଯନ୍ତ୍ରୀମାନେ ରାସ୍ତା ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ଉପରେ ନ୍ୟସ୍ତକରି କାର୍ଯ୍ୟାଳୟରେ ବସୁଛନ୍ତି। ଠିକାଦାର ମଧ୍ୟ କାର୍ଯ୍ୟାଦେଶ ପାଇଲା ପରେ ନିର୍ମାଣ ମିସ୍ତ୍ରୀ ଉପରେ କାର୍ଯ୍ୟ ଭାର ଦେଇ କାର୍ଯ୍ୟକ୍ଷେତ୍ରକୁ ଆସୁନଥିବା ଅଭିଯୋଗ ହେଉଛି। ଯେଉଁଥି ପାଇଁ ପୌରପାଳିକାରେ ନିର୍ମାଣ ହେଉଥିବା ପେଭର ବ୍ଲକ ରାସ୍ତା ଗୁଡ଼ିକ ନିର୍ମାଣବେଳେ ସଠିକ୍ ରୂପେ ନ ହୋଇ ତ୍ରୁଟି ରହୁଥିବା ଯୋଗୁଁ ବର୍ଷେ ଦେଢ଼ ବର୍ଷ ମଧ୍ୟରେ ରାସ୍ତା ଖରାପ ହୋଇଯାଇଥିବା ଦେଖାଯାଇଛି। ଏ ବାବଦରେ ପୌରାଧକ୍ଷା ସବିତା ସାହୁ କହିଛନ୍ତି, ଏଭଳି ଅଭିଯୋଗ ପୂର୍ବରୁ କେବେ କେହି କରି ନାହାନ୍ତି। ପୌରପାଳିକାର ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।

■ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ

# ଶୀତଳା ଠାକୁରାଣୀ ଟ୍ୟୁଟୋରିଆଲର ଶତପ୍ରତିଶତ ସଫଳତା

ଜଳେଶ୍ୱର ବ୍ଲକ,୨୫।୫(ସମିସ): ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଯୁକ୍ତ ୨ ବିଜ୍ଞାନ ପରୀକ୍ଷାର ଫଳାଫଳ ଇତିମଧ୍ୟରେ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋସ୍ଥିତ ଶୀତଳା ଠାକୁରାଣୀ ଟ୍ୟୁଟୋରିଆଲର ବିଜ୍ଞାନରେ ସର୍ବାଧିକ ୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୨୪ ଜଣ ପ୍ରଥମ ଶ୍ରେଣୀରେ ଓ ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ନାମ୍ପୋ ପରି ଏକ ଗ୍ରାମାଞ୍ଚଳରେ ଗଢିଉଠିଥିବା ଏହି ଶିକ୍ଷାନୁଷ୍ଠାନରେ ବହୁ ଗରିବ ଛାତ୍ରଛାତ୍ରୀ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅଳ୍ପ ଖର୍ଚ୍ଚରେ ଯୁକ୍ତ ୨ ବିଜ୍ଞାନ ପାଠ ପଢି ପ୍ରତ୍ୟକ ବର୍ଷ ଭଲ ଫଳା ଫଳ ଆଣୁ ଥିବାରୁ ଗ୍ରାମବାସୀ ଓ ଅଭିଭାବକ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଉକ୍ତ ସଫଳତା ପାଇଁ ଶୀତଳା ଠାକୁରାଣୀ ମହାବିଦ୍ୟାଳୟର ଅଧକ୍ଷ ଡ. ଅଞ୍ଜନ କୁମାର ପାଳ, ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପଦାର୍ଥ ବିଜ୍ଞାନର ଅଧାପକ ଦୁର୍ଗେଶ କୁମାର ନାୟକ, ନାରାୟଣ ଚନ୍ଦ୍ର ପରିଡା, ସମୀର କୁମାର ପରିଡା, ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ସୁକୁମାର ରଣା, ସାମ୍ବାଦିକା ଆରତୀ ଦାସ, ଡ. ଦୀନକୃଷ୍ଣ ଜେନା, ଡ. ସମ୍ବିତ ପ୍ରକାଶ ପରିଡା, ଅଧାପକ ଯତୀନ କୁମାର ମିଶ୍ର, ଖଗେନ୍ଦ୍ର ନାଥ ପ୍ରାମାଣିକ, ଅକ୍ଷୟ ଜେନା, ଶୁଭେନ୍ଦୁ ପାତ୍ର, ଦେବବ୍ରତ ପ୍ରଧାନ, ଗଣେଶ ଚନ୍ଦ୍ର ସାହୁ, ଚିନ୍ମୟ ଗିରି, ଚନ୍ଦନ କର, ଅଧାପିକା ରାଧାରାଣୀ ମହାନ୍ତି, ବନ୍ଦନା ଦାସ ତଥା ସମାଜସେବୀ ମୃଗାଙ୍କ ବସୁ, ଯାମିନୀ ନାୟକ, ମୋନାଲିସା ଆଚାର୍ଯ୍ୟ, ଅମିତା ପରିଡା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଅସ୍ତିତ୍ୱ ଖୋଜୁଛି ୪୭ ବର୍ଷର ପୁରୁଣା ବେତନଟୀ କଲେଜ




■ ଯୁକ୍ତଦୁଇ ପରୀକ୍ଷା ଫଳ ନୈରାଶ୍ୟଜନକ
■ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଦାୟୀ କଲେ ଅଭିଭାବକ

ବେତନଟୀ,୨୫।୫(ସମିସ):

ଚଳିତବର୍ଷ ୪୭ ବର୍ଷର ଶିକ୍ଷାନୁଷ୍ଠାନ ବେତନଟୀ ମହାବିଦ୍ୟାଳୟର ଯୁକ୍ତଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଛି; ହେଲେ ପରୀକ୍ଷାଫଳ ନୈରାଶ୍ୟଜନକ ଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ହତାଶଭାବ ଦେଖାଦେଇଛି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଦାୟୀ କରିଛନ୍ତି ଅଭିଭାବକ। ଏହି କଲେଜଟି ବେତନଟୀ ଅଞ୍ଚଳରେ ଦିନେ ସର୍ବୋଚ୍ଚ ପାସହାର ପାଇଁ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀ ନାମ ଲେଖାଉଥିଲେ। ମାତ୍ର ଉଚ୍ଚଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ନୀତି ପାଇଁ ଏଭଳି ଅବ୍ୟବସ୍ଥା ଦେଇ ଗତିକରୁଛି ବୋଲି ଅଭିଯୋଗ ହୋଇଛି। ଏପରିକି ବିଭାଗ କଲେଜ ଅଧ୍ୟକ୍ଷ ପଦ ପୂରଣ କରିପାରିନାହିଁ। ଅବସର ଓ ବଦଳି ପରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ପଦବୀଗୁଡ଼ିକ ବର୍ଷବର୍ଷ ଧରି ପୂରଣ ହେଉନାହିଁ। କେବଳ ଦାୟିତ୍ୱରେ ରହୁଥିବା ଅଧ୍ୟକ୍ଷମାନେ ନିଜ ସୁରକ୍ଷା ପାଇଁ କମିଟି ଗଠନ କରୁଛନ୍ତି। ଅଧ୍ୟକ୍ଷ ପଦ ପାଇଁ ବରିଷ୍ଠଙ୍କୁ ନେଇ କ୍ୟାଡର ୨୦୨୫ ମସିହା ସୁଦ୍ଧା ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟକାରୀ କରି ନ ପାରିବା ଯୋଗୁଁ ସବୁ କଲେଜର ବିଶୃଙ୍ଖଳା ଲାଗି ରହିଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନାନାପ୍ରକାର ହେରଫେର ଓ ବେନିୟମ କାର୍ଯ୍ୟ କରାଯାଇ ବେଆଇନ କାମକୁ ପ୍ରଶ୍ରୟ ଦିଆଯିବା ଯୋଗୁଁ ଶିକ୍ଷାଦାନ ବ୍ୟାଘାତ ହେଉଛି। ତେଣୁ ପରୀକ୍ଷାଫଳ ଅତ୍ୟନ୍ତ ନୈରାଶ୍ୟଜନକ ରହୁଛି। ବିଧାୟକମାନେ ଭିଆଇପି ଅତିଥିଭାବେ ମାନ୍ୟତା ପାଇବାପାଇଁ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବାଧ କରୁଥିବାବେଳେ କେବେ ବି ନିଜ ନିର୍ବାଚନମଣ୍ଡଳୀରେ ଥିବା କଲେଜର ସମସ୍ୟା କଥା ବୁଝନ୍ତି ନାହିଁ କି ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତିନି। ବିଶେଷକରି ବେତନଟୀ କଲେଜ ଗତ ୧୦ ବର୍ଷରୁ ଅଧିକ ସମୟ ହେଲା ଅତି ବିଶୃଙ୍ଖଳିତ ଭାବେ ମାସକିଆ, ବର୍ଷକିଆ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇଆସୁଛି। ସେହିପରି ଶିକ୍ଷାବିତଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇ ପରିଚାଳନା କମିଟି ଗଠନ କରାନଯିବା ଯୋଗୁଁ ଏବଂ ରାଜ୍ୟ ସିଲେକସନ ବୋର୍ଡରୁ ଆସିଥିବା ଯୁବ ଅଧ୍ୟକ୍ଷ ଓ ଅଧ୍ୟାପିକାମାନେ ପାଠ ନ ପଢ଼ାଇ କେବଳ ନିଜ ଡ୍ୟୁଟି ସମ୍ପାଦନ କରିବା ଯୋଗୁଁ ୧୫ ବର୍ଷ ମଧ୍ୟରେ ଚଳିତବର୍ଷ ସବୁଠୁ ନୈରାଶ୍ୟଜନକ ପରୀକ୍ଷାଫଳ ହୋଇଛି। ସୂଚନାରୁ ପ୍ରକାଶ ଯେ, ଏଠାରେ ଯୁକ୍ତଦୁଇ ବିଜ୍ଞାନରେ ୧୨୮ ସିଟ ଥିବାବେଳେ ପଢ଼ା ଠିକ୍ ହେଉ ନ ଥିବା ଯୋଗୁଁ ମାତ୍ର ୪୨ ଜଣ ପିଲା ଦ୍ୱିତୀୟବର୍ଷରେ ପରୀକ୍ଷା ଦେଇଥିଲେ। ସେଥିରୁ ୨୫ ଜଣ ପାସ କରିବା ଏବଂ ୧୭ ଜଣ ଫେଲ ହେବା ଏହି ୪୭ ବର୍ଷର ପୁରୁଣା ବେତନଟୀ କଲେଜ ପାଇଁ ଲଜ୍ଜାଜନକ। ସେହିପରି ଯୁକ୍ତଦୁଇ କଳାରେ ୨୬୨ଜଣଙ୍କ ମଧ୍ୟରୁ ୧୯୫ ଜଣ ପାସ କରିଥିବାବେଳେ ୫୮ ଜଣ ଫେଲ ଏବଂ ୯ ଜଣ ଆଦୌ ପରୀକ୍ଷା ଦେଇନଥିଲେ। ସେହିପରି ବାଣିଜ୍ୟରେ ୬୪ଟି ସିଟ୍ ଥିବାବେଳେ ମାତ୍ର ୧୦ ଜଣ ଛାତ୍ରଛାତ୍ରୀ ଥିବାବେଳେ ୫ ଜଣ ପାସ କରିଛନ୍ତି ଏବଂ ୫ ଜଣ ଫେଲ ହୋଇଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଅଭିଭାବକ କହିଛନ୍ତି। ଏହି କଲେଜର ଚରମ ବିଶୃଙ୍ଖଳା ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ୱେଚ୍ଛାଚାରିତା ପାଇଁ ସୁନାମରେ ଆଞ୍ଚ ଆସିଥିବା ସାଧାରଣରେ ଉଚ୍ଚଶିକ୍ଷା ବିଭାଗକୁ ଦାୟୀ କରାଯାଇଛି।

## ପ୍ଲାଟିନମ୍ ଜୁବଲି ଅଫିସ ଗୃହ ଉଦ୍‌ଘାଟିତ



ବିଶୋଇ,୨୫।୫(ସମିସ): ଅତୀତର ବିଶୋଇ ସରକାରୀ ନୋଡ଼ାଲ ଉପ୍ରା ବିଦ୍ୟାଳୟ ତଥା ବର୍ତ୍ତମାନର ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୁରାତନ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କୁ ଯୋଡ଼ିବା ପାଇଁ ବିଦ୍ୟାଳୟର ୭୫ ବର୍ଷର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ପ୍ଲାଟିନମ ଜୟନ୍ତୀ ପାଳନ କରାଯିବ। ଏନେଇ ପୂର୍ବରୁ ସର୍ବସମ୍ମତି କ୍ରମେ ଆୟୋଜକ କମିଟି ଗଠନ ହୋଇଥିବା ବେଳେ ଆଜି ବିଦ୍ୟାଳୟରେ ପରିସରରେ ପ୍ଲାଟିନମ ଜୁବଲି ଅଫିସ ଗୃହ ଉଦଘାଟିତ ହୋଇଯାଇଛି। ପ୍ଲାଟିନମ ଜୁବଲି ଆୟୋଜକ କମିଟିର ସଭାପତି ତଥା ବିଦ୍ୟାଳୟର ପୁରାତନ ଛାତ୍ର ଆଇନଜୀବୀ ସଞ୍ଜୀବ ମହାନ୍ତି ଫିତାକାଟି ଏହି ଅଫିସ ଗୃହକୁ ଶୁଭ ଉଦଘାଟନ କରିଥିଲେ। ତାଙ୍କ ସହିତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି, ଆୟୋଜକ କମିଟିର ଧନେଶ୍ୱର ମହାନ୍ତ, ଜୁରିଲାଲ ମହାନ୍ତ, ଶାନ୍ତନୁ ପାତ୍ର, ଅମିତ କୁମାର ଦାସ, ଶାଶ୍ୱତ ଶର୍ମା, ରଞ୍ଜନ କବାଟ, ଆନନ୍ଦ ରାମ, କରୁଣା ସାଗର ମାର୍ଣ୍ଡି, କାଶୁ ମାଝୀ ସମେତ କମିଟିର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ମାସରେ ୩ଦିନ ଧରି ଏହି ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ସୂଚନା ମିଳିଛି।

## ୨୭ରେ କପ୍ତିପଦା ଉପଖଣ୍ଡ ପାଇଁ ଜନ ଶୁଣାଣି ଶିବିର

ଉଦଳା,୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମଇ ମାସ ପାଇଁ ୨୬ତାରିଖ ଚତୁର୍ଥ ସୋମବାର ସାବିତ୍ରୀ ଅମାବାସ୍ୟ ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଛି। ଏତଦୃଷ୍ଟିରୁ ତାର ପରଦିନ ଅର୍ଥାତ ୨୭ ତାରିଖ ମଙ୍ଗଳବାର କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟ ପୂର୍ବାହ୍ନ ୭ଟାରୁ ଆରମ୍ଭ ହେବ। ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଉତ୍‌ଥାପିତ ଅଭିଯୋଗଗୁଡ଼ିକର ଯଥା ସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନିତୀ, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ଏହି ଜନଶୁଣାଣିରେ ଅଭିଯୋଗ ଉପସ୍ଥାପନ କରିପାରିବେ।

■ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ

## ଓଏସ୍‌ଓୟୁ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମାରୋହ




ରାଇରଙ୍ଗପୁର,୨୫।୫(ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ ଶିକ୍ଷାର୍ଥୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଆୟୋଜିତ କାର୍ଯ୍ୟକ୍ରମକୁ କୋର୍ଡିନେଟର ବିଜୟ କୁମାର ରାମ ସଭାପତିତ୍ୱ କରି ଅତିଥି ପରିଚୟ ଓ ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏଲ କେ କଲେଜ ବାଙ୍ଗିରିପୋଷିର ରିଡର ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ରୁପେ ଉପସ୍ଥିତ ରହି ଓଏସଓୟୁରେ ଶିକ୍ଷା ସପକ୍ଷରେ ବାର୍ତ୍ତା ପ୍ରଦାନ କରିଥିଲେ। କାଉନସିଲର ଇତିହାସର ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପରୀକ୍ଷା, ରାଜନୀତି ବିଜ୍ଞାନ ଅଧ୍ୟାପକ ରାଜେଶ କୁମାର ରାମ ମଞ୍ଚାସୀନ ହୋଇ ଶିକ୍ଷାର୍ଥୀଙ୍କ ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡକ୍ଟର ରାଜେନ୍ଦ୍ର ମଣ୍ଡଳ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ପାଇଁ ଶୃଙ୍ଖଳା ଓ ସଚେତନତାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସପୋର୍ଟ ଷ୍ଟାଫ ଶ୍ୟାମ ସୁନ୍ଦର ମଣ୍ଡଳ ସଭା ପରିଚାଳନା କରିଥିଲେ ଏବଂ ଅମିତ ଗୋପାଳ ସହଯୋଗ କରିଥିଲେ। ପ୍ରାଧ୍ୟାପକ ଜନକ କୁମାର ଗିରି ତାଙ୍କର ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ। କାଉନସିଲର ଡ. ଦିଗମ୍ବର ଗିରି, ପ୍ରାଧ୍ୟାପକ କାନ୍ହୁ ଚରଣ ନାୟକ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାୟା ମାହାଲି, ଶାଲୁ ମୁର୍ମୁ, କୁନୀ ବେହେରା, ସ୍ନେହା ସମସ୍ତେ ସହଯୋଗ କରିଥିଲେ।

## ପ୍ରଶିକ୍ଷଣପ୍ରାପ୍ତ ଦୁଗ୍ଧ ଚାଷୀଙ୍କୁ ଗାଈ ବଣ୍ଟନ

ବାରିପଦା,୨୫।୫(ସମିସ): ଯଶିପୁର ବ୍ଲକ୍ ଅଧୀନ ଚାକିଡି, ବାଉଁଶନାଳୀ ଓ ବେଗୁନିଆ ପଞ୍ଚାୟତର ୨୫ଜଣ ପ୍ରଶିକ୍ଷଣପ୍ରାପ୍ତ ଦୁଗ୍ଧ ଚାଷୀମାନଙ୍କୁ ଗାଈ ବଣ୍ଟନ କରାଯାଇଛି। ରାଷ୍ଟ୍ରୀୟ ଗୋକୁଳ ମିଶନ ଆନୁକୂଲ୍ୟରେ ଉତ୍ପାଦକ ବୃଦ୍ଧି ସେବା ପ୍ରକଳ୍ପ ତରଫରୁ କରଞ୍ଜିଆର କୁରୁଳିଆରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଲୋକସଭା ସାଂସଦ ଅନନ୍ତ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହରିଶଙ୍କର, ଡ. ସତ୍ୟସୁନ୍ଦର ତ୍ରିପାଠୀ, ଡ. ଲିଙ୍ଗରାଜ ମହାନ୍ତ, ଯଶିପୁର ବ୍ଲକ୍ ପ୍ରାଣୀଧନ ଅଧିକାରୀ, ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ, ଜିଲ୍ଲା ସମ୍ପାଦକ ଆଶିଷ ମହାନ୍ତ, ଉପସଭାପତି ବିପିନ୍ ବିହାରୀ ମହାନ୍ତ, ଉତ୍ପାଦକ ବୃଦ୍ଧି ସେବା ପ୍ରକଳ୍ପ ସଂଯୋଜକ ପ୍ରକାଶ ଦେହୁରୀ, କ୍ଷେତ୍ର ସଂଯୋଜକ ଭବାନୀ ମାଝୀ, ସୁପରଭାଇଜର୍ ସନ୍ତୋଷ ନାୟକ, ବୀମା ଅଧିକାରୀ ସନ୍ତୋଷ କୁମାର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରୋଜ ଗୁଇୟା, ଯଶୋଦା ନାଏକ, ଦିବେଶ ନାଏକ, ଗୌରୀ ନାଏକ, ମିଥୁନ ନାଏକ, ଜଗଦୀଶ ମହାନ୍ତ, ବନୋଜ କାଲୁଣ୍ଡିଆ, ପରେଶ ହେମ୍ବ୍ରମ, ଅରୁଣ ମହାନ୍ତ, ଅଶୋକ ମହାନ୍ତ, ଅଭିମନ୍ୟୁ ବେହେରା, ଲକ୍ଷ୍ମୀନାରାୟଣ ନାୟକ, ଭଗବାନ୍ ନାୟକ,



ଗଣପତି ମହାନ୍ତ, ମୋତିଲାଲ ପାତ୍ର, ଲିପଟନ୍ ଦାଶ, ରାଜକୁମାର ମହାନ୍ତ, ନଗେନ୍ଦ୍ର ମହାନ୍ତ, ଶିବ ପୂର୍ତ୍ତି, ବେଶ୍ରା ଗାଗାରାଇ, ରାମଚନ୍ଦ୍ର ହେମ୍ବ୍ରମ, ଗାନ୍ଧୀ କାରୁଆ, ବିଭୀଷଣ ମହାନ୍ତ, ଜିରାମଣି ନାଏକ ଓ ସୁରେନ୍ଦ୍ର ନାଏକ ପ୍ରମୁଖ ପ୍ରଶିକ୍ଷଣପ୍ରାପ୍ତ ଗୋ-ଚାଷୀଙ୍କୁ ଗାଈ ବଣ୍ଟନ କରାଯାଇଛି।

## କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବୈଠକ



ଖିଚିଂ,୨୫।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଶିଳ୍ପୀଗ୍ରାମ କେଶନାସ୍ଥ ଅଲେଖ ମହିମା ଯଜ୍ଞମଣ୍ଡପ ପରିସରରେ କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଓଡ଼ିଶା ଆନୁକୂଲ୍ୟରେ ବନ୍ଧୁ ମିଳନ ଓ ସାଂଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' କିଚକେଶ୍ୱରୀ ମହାବିଦ୍ୟାଳୟ, ଖିଚିଂର ଅବସରପ୍ରାପ୍ତ ଅଧ୍ୟକ୍ଷ ବଳଭଦ୍ର ଘଡ଼ାଇଙ୍କ ଆବାହତ୍ୱରେ ତଥା ବିଶିଷ୍ଟ ସମାଜସେବୀ ନନ୍ଦକିଶୋର ଖଟୁଆଙ୍କ ପୌରହିତ୍ୟରରେ ଅନୁଷ୍ଠିତ ବୈଠକରେ ମହାସଂଘର ପ୍ରତିଷ୍ଠାତା ନିରଞ୍ଜନ ରଣସିଂହ, ସଭାପତି ଦିଲ୍ଲୀପ ପଟିଆର ଓ ପି.ଆର ଟିମ ମୁଖ୍ୟ ଶିବାଶିଷ ରାଉତ, ରାଜ୍ୟ କୋର କମିଟି ସଦସ୍ୟ କିଶୋର ଚନ୍ଦ୍ର ବେହେରା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସ୍ୱାଭିମାନୀ ଖଣ୍ଡାୟତ ଜାତିର ବୀରତ୍ୱପୂର୍ଣ୍ଣ ଇତିହାସ ଓ ଗୌରବମୟ କୀର୍ତ୍ତିରାଜି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଆଗାମୀ ଦିନରେ ରାଜ୍ୟର କୋଣେ ଅନୁକୋଣେ ଏହି ସଂଗଠନକୁ ସୁସଂଗଠିତକରି ଜାତିର ସ୍ୱତନ୍ତ୍ରତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଶାସନିକ ଅଧିକାରୀ ନକୁଳ ଜେନା, ପୂର୍ବତନ ସିଡିପିଓ ଜ୍ୟୋସ୍ନା ବିଶ୍ୱାଳ, ଯାଜ୍ଞସେନୀ ମହାନ୍ତି, ଦିଲ୍ଲୀପ କୁମାର ବେହେରା, ମିତ୍ରଭାନୁ ବେହେରା, ହାଡିବନ୍ଧୁ ରାଉତ, ଧ୍ରୁବଚରଣ ଘଡ଼ାଇ, ପ୍ରତାପ ବେହେରା, ନୀଳାମ୍ବର ଘଡ଼ାଇ, ନାରାୟଣ ଘଡ଼ାଇ, ଭରତ ଚନ୍ଦ୍ର ରାଉତ, ଅଭୟ ମନ୍ତ୍ରୀ, ଶରତ ରାଉତ, ଆର୍ତ୍ତତ୍ରାଣ ବେହେରା, ରଥ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ଯୁବସମ୍ପ୍ରଦାୟ, ବରିଷ୍ଠ ନାଗରିକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ।

## ହାତୀପଲ ଭାଙ୍ଗିଲେ ଏକାଧିକ ଘର



ବେତନଟୀ,୨୫।୫(ସମିସ): ବେତନଟୀ ରେଞ୍ଜ ଅଧୀନ କରମଶୋଳ ଗାଁକୁ ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଏକାଧିକ ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷତି ଘଟାଇଛନ୍ତି। ହେଲେ ଘରେ ଶୋଇଥିବା ପରିବାର ଜୀବନ ବଞ୍ଚାଇ ଦୌଡ଼ି ପଳାଇବାରେ ସକ୍ଷମ ହୋଇଛନ୍ତି। ସୂଚନା ମୁତାବକ, କରମଶୋଳ, ଜାମୁଗଧା, ପଣ୍ଡାଛେଞ୍ଚା ସମେତ ଆଖପାଖ ଅଁଳରେ ଏବ ୧୩ ଟିକିଆ ହାତୀପଲ ବିଚରଣ କରୁଥିଲେ। କୃଷ୍ଣଚନ୍ଦ୍ରପୁର ଅଞ୍ଚଳରେ ମଧ୍ୟ ୬ଟି ହାତୀ ଚଲାବୁଲା କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ୧୩ ଟିକିଆ ହାତୀପଲ ମଧ୍ୟରୁ କିଛିହାତୀ ଖାଦ୍ୟ ଅନ୍ୱେଷଣରେ କରମଶୋଳ ଗାଁକୁ ପଶିଥିଲେ। ଗ୍ରାମର ଅନନ୍ତପ୍ରସାଦ ମହାନ୍ତଙ୍କ ପୁଅ ରଣବୀର ମହାନ୍ତ ଏବଂ ତୁଳସୀରାମ ମହାନ୍ତଙ୍କ ପୁଅ ଗୁରୁଚରଣ ମହାନ୍ତଙ୍କ ଘର ଉପରେ ହାତୀପଲ ବାରମ୍ବାର ଆକ୍ରମଣ କରେ କାନ୍ଥ ଭାଙ୍ଗି ଦେଇଛନ୍ତି। ଘରେ ଥିବା ଧାନ, ଚାଉଳ ଖାଇବା ସହିତ ବ୍ୟାପକ କ୍ଷତି ଘଟାଇ ହାତୀପଲ ଜଙ୍ଗଲକୁ ପଳାଇ ଯାଇଥିଲେ।

## ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ

ରାଇରଙ୍ଗପୁର,୨୫।୫(ସମିସ): ରାଇରଙ୍ଗପୁର ପୌରପରିଷଦ ବସଷ୍ଟାଣ୍ଡସ୍ଥ ଘରୋଇ ବସ୍ ମାଲିକ ସଂଘର କାର୍ଯ୍ୟାଳୟରେ ସଭାପତି ତପନ କୁମାର ପରିଡାଙ୍କ ସଭାପତିତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଦସ୍ୟ ସଦସ୍ୟାମାନଙ୍କ ସୁବିଧା ଅସୁବିଧା ମାନ ଆଲୋଚନା ହୋଇଥିଲା। ବିଭିନ୍ନ ବସର ସମୟସାରଣୀ ସମସ୍ୟା ସହ ତାର ସମାଧାନର ସୂତ୍ରପାତ ମଧ୍ୟ ନିଷ୍କର୍ଷ ହୋଇଥିଲା। ସୂଚନା ଯୋଗ୍ୟ ଯେ, ଅନ୍ୟତମ ସଂଘ ବାମନଘାଟି ବସ ସିଣ୍ଡିକେଟର ୪ଜଣ ଆଗଧାଡିର ମାଲିକ ଏବଂ କର୍ମକର୍ତ୍ତାଙ୍କ ଘର ବାହୁଡା ହୋଇଥିଲା। ତାଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ଅନୁପ କୁମାର ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ବୈଠକରେ ଯୋଗଦେଇଥିଲେ।



● ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍-ଡି ବିଜୟୀ



ବାରିପଦା,୨୫।୫(ସମିସ):ସ୍ଥାନୀୟ ବାରିପଦା ଷ୍ଟାଡିୟମପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ୯ମ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ- ଡି ୯ ୱିକେଟରେ ଟିମ-ଏଫକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ-ଏଫ ୧୬.୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୪୩ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସନ୍ଦୀପ ଶିବ ହାଁସଦା ୪ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଉତ୍ତରରେ ଟିମ-ଡି ୮.୧ ଓଭରରେ ଗୋଟିଏ ୱିକେଟ ହରାଇ ୪୪ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ସଦସ୍ୟ ଯୋଗେଶ୍ୱର ପାଲବାବୁ ଉପସ୍ଥିତ ଥିଲେ। ଦିଲ୍ଲୀପ କୁମାର ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ସୋମବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ଓ ସେଣ୍ଟ ଏନିଜ କନଭେଣ୍ଟ ସ୍କୁଲ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ବାରିପଦା ସହରରେ ବ୍ୟାପୁଛି ଜଣ୍ଡିସ୍



■ ୫ ଦିନ ମଧ୍ୟରେ ୬ଜଣ ଆକ୍ରାନ୍ତ
■ ନିଦାବିଷ୍ଟ ୱାଟ୍‌କୋ

ବାରିପଦା,୨୫।୫(ସମିସ): ବାରିପଦା ସହରରେ ଜଣ୍ଡିସ ବା କାମଳ ରୋଗ ବ୍ୟାପୁଛି। ଗତ ୫ଦିନରେ ୬ଜଣ ଆକ୍ରାନ୍ତ ହେବା ପରେ ଘଟଣା ଚିନ୍ତାଜନକ ସାଜିଛି। ବାରିପଦା ପୌରପାଳିକା ଅଧୀନରେ ଥିବା ୨୮ଟି ୱାର୍ଡରେ ପାଇପ୍ ପାନୀୟ ଜଳ ଯୋଗାଣ ୱାଟକୋ ଦ୍ୱାରା ପରିଚାଳିତ ହେଉଥିବା ବେଳେ ବ୍ୟବସ୍ଥିତ ଢ଼ଙ୍ଗରେ ତାହା ହେଉନାହିଁ। ବାରମ୍ବାର ଜନସାଧାରଣ, କାଉନସିଲର ଓ ପୌରପରିଷଦ ପକ୍ଷରୁ ଅଭିଯୋଗ ପରେ ମଧ୍ୟ ନିଦାବିଷ୍ଟ ସାଜିଛି ୱାଟକୋ। ପାନୀୟ ଜଳ ଯୋଗାଣ ପାଇପ୍ ଅଧିକାଂଶ ସ୍ଥାନରେ ଫାଟି ପାଣି ବୋହୁଥିବା ବେଳେ ବାହାର ପାଣି ମଧ୍ୟ ପାଇପ୍‌ରେ ପଶୁଛି। ସେହିପରି ଅନେକ ସ୍ଥାନରେ ଡ୍ରେନ ମଧ୍ୟ ଦେଇ ଘରକୁ ଘର ପାଇପ ଯୋଗେ ପାନୀୟ ଜଳ ଯୋଗାଣ ସମସ୍ୟାକୁ ଦ୍ୱିଗୁଣିତ କରିଛି। ରକ୍ଷଣାବେକ୍ଷଣ ଓ ମରାମତି ଅଭାବ ସହିତ ପୁରୁଣା ପାଇପ୍ ବଦଳା ନ ଯାଉଥିବାରୁ ଦୂଷିତ ଜଳ ଘରକୁ ଯାଉଛି। ପାନୀୟ ଜଳରେ ସିଧାସଳଖ ମଇଳା ଓ ଅପରିଷ୍କାର ପାଣି ମିଶୁଛି। ଏହି ଦୂଷିତ ପାଣିପିଇ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏବେସ୍ଥିତି ଅଣାୟତ୍ତ ହେଉଥିବା ଦେଖିବାକୁ ମିଳିଛି। ଗତ ୫ଦିନ ମଧ୍ୟରେ ୬ଜଣ ଆକ୍ରାନ୍ତ ହୋଇଥିବା ବେଳେ ୨ଜଣ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଯାଇଥିବା ଜଣାପଡ଼ିଛି। ସେହିପରି ରବିବାର ୪ନଂ ୱାର୍ଡର ଜଣେ ମହିଳା ଓ ଜଣେ ଯୁବକ ଏବଂ ୧୨ନଂ ୱାର୍ଡ ଅଞ୍ଚଳର ୨ଜଣ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ତେବେ ୱାଟକୋ ପକ୍ଷରୁ ଜଳଯୋଗାଣ ପାଇଁ ବିଛା ଯାଇଥିବା ପାଇପ ଦୀର୍ଘଦିନ ଧରି ବଦଳ କରାଯାଉନି ବୋଲି ଆଶିଷ ଦେ କହିଛନ୍ତି। ପ୍ରତି ୪ ବର୍ଷରେ ଥରେ ପାଇପ ବଦଳାଇବାର ନିୟମ ଥିଲେ ମଧ୍ୟ ତାହା ହେଉନାହିଁ। ଫଳରେ ପାଇପ୍ ଫାଟି ପାନୀୟ ଜଳ ଦୂଷିତ ହେଉଛି ବୋଲି ସେ କହିଛନ୍ତି। ସେହିପରି ସହରର ପ୍ରମୁଖ ରାସ୍ତା ଓ ୱାର୍ଡ ଭିତର ରାସ୍ତା ମରାମତି ଓ ସମ୍ପ୍ରସାରଣ ପରେ ପାଇପ୍‌ଗୁଡ଼ିକ ରାସ୍ତା ତଳେ ରହିଛି ଏବଂ ଚେକ୍ ପଏଣ୍ଟଗୁଡ଼ିକ ମୁହଁ ଖୋଲାଥିବାରୁ ରାସ୍ତାର ଦୂଷିତ ପାଣି ମଧ୍ୟ ପାଇପ ଭିତରକୁ ପଶି ଲୋକଙ୍କ ପାଣି ଟ୍ୟାପକୁ ଯାଉଛି। ଏନେଇ ପୌରପାଳିକା, ପିଡବ୍ଲୁଡି ଓ ୱାଟକୋକୁ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସେ କହିଛନ୍ତି। ତେବେ ୱାଟ୍‌କୋର ସାଧାରଣ ପରିଚାଳକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଛନ୍ତି ଯେ, ସହରରେ ଫାଟିଥିବା ପାଇପକୁ ନିୟମିତ ଭାବେ ବଦଳା ଯାଉଛି। ଡ୍ରେନ ଭିତରେ ପାନୀୟ ଜଳ ପାଇପ ଥିବା ଖବର ଦେଲେ ଆମେ ପରିବର୍ତ୍ତନ କରି ଦେବୁ ବୋଲି କହିଛନ୍ତି। ଅପରପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଭାତ କୁମାର ବେହେରାଙ୍କ କହିବାନୁଯାୟୀ ଜଣ୍ଡିସ ରୋଗ ନେଇ ଖବର ପାଇଛୁ। ଖୁବ୍‌ଶୀଘ୍ର ଉକ୍ତ ଅଞ୍ଚଳକୁ ଯାଇ ନମୂନା ସଂଗ୍ରହ କରିବାସହ ଚିକିତ୍ସା ଯୋଗାଇବା ପାଇଁ ଟିମ୍ ଗଠନ କରାଯିବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ମେଷ: ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

ମିଥୁନ: ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କର୍କଟ: ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

ସିଂହ: ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

କନ୍ୟା: ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

ବିଛା: ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

ଧନୁ: କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

ମକର: ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

କୁମ୍ଭ: ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

ମୀନ: ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୨୨- ନରୱେରେ ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୧୬ ଲୋକଙ୍କ ମୃତ୍ୟୁ।
- ୧୯୫୬- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୮ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।
- ୧୯୯୧- ବ୍ୟାଙ୍କକ୍‌ରେ ଏକ ବିମାନ ଦୁର୍ଘଟଣାରେ ୨୨୩ ଜଣଙ୍କ ମୃତ୍ୟୁ।
- ୨୦୧୪- ନରେନ୍ଦ୍ର ମୋଦୀ ଭାରତର ୧୫ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।

## କୁଟ୍ଟିକେୟାର
### ରୋଗୀ ଓ ବୟସ୍କଙ୍କ ମନୋବଳ ବଢ଼ାଉଛନ୍ତି ଛାତ୍ର



କେରଳର ପଠନମତିଟ୍ଟା ଜିଲ୍ଲା ନେଦୁବ୍ରମ୍ ଗ୍ରାମ ପଞ୍ଚାୟତ ପିଲାମାନଙ୍କୁ ନିଶାଦ୍ରବ୍ୟ ତଥା ମୋବାଇଲ ଫୋନ୍ ବ୍ୟବହାରରୁ ଦୂରେଇ ରଖିବା ପାଇଁ ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଏହା କୁଟ୍ଟିକେୟାର ନାମରେ ପରିଚିତ। ପିଲାଙ୍କୁ ସାମାଜିକ ସମ୍ପର୍କ ସହ ପରିଚିତ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ପ୍ରୋଜେକ୍ଟ ଜରିଆରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନେ ଗାଁ ଗାଁ ବୁଲି ବୃଦ୍ଧ ଓ ରୋଗାକ୍ରାନ୍ତ ଲୋକଙ୍କୁ ଭେଟିଥାନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ଶୀଘ୍ର ସୁସ୍ଥ ହେବା ନେଇ ସେମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି। ୪ ଏପ୍ରିଲ, ୨୦୨୪ ମସିହାରେ ଏଭଳି ଏକ ପ୍ରୟାସର ଆରମ୍ଭ ହୋଇଥିଲା। ଛାତ୍ରମାନେ ଗାଁର ବିଭିନ୍ନ ୱାର୍ଡ ବୁଲି ବୃଦ୍ଧ କିମ୍ବା ରୋଗୀ ଥିବା ଲୋକଙ୍କ ପାଖରେ ପହଞ୍ଚିଥାନ୍ତି। ଏହାଦ୍ୱାରା ପିଲାଙ୍କଠାରେ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ହେଉଥିବାର ଲକ୍ଷ୍ୟ କରାଯାଇଛି। ଏମାନେ ରୋଗୀଙ୍କୁ ସାନ୍ତ୍ୱନା ଦେବା ସହ ଜରୁରୀ ସୂଚନା ମଧ୍ୟ ଦେଇଥାନ୍ତି। ସେହିପରି କୁଟ୍ଟିକେୟାରରେ ୧୬ ଜଣ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଲିମ ଦିଆଯାଇଛି। ଆୟୁର୍ବେଦିକ ଡାକ୍ତର ଅଧିନେଶ ଗୋପନ ଏହି ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଅଧିନେଶଙ୍କ କହିବା ଅନୁଯାୟୀ, 'ପିଲାମାନେ ପ୍ରଥମେ ସର୍ଭେ କରି ଗାଁରେ ରୋଗୀମାନଙ୍କ ତଥ୍ୟକୁ ଏକତ୍ର କରନ୍ତି। ପରେ ସେହି ତଥ୍ୟକୁ ବିଶ୍ଳେଷଣ କରନ୍ତି। ଏଥିସହ ଗୋଟିଏ ମାସରେ ଅତି କମ୍‌ରେ ଜଣେ ହେଲେ ରୋଗୀଙ୍କୁ ସେମାନେ ଭେଟିଥାନ୍ତି। ଅବଶ୍ୟ ପିଲାମାନେ ଚାହିଁଲେ ଅଧିକ ରୋଗୀଙ୍କୁ ମଧ୍ୟ ଭେଟି ପାରିବେ। ପ୍ରତିପିଲାଙ୍କୁ ଗୋଟିଏ ଗୋଟିଏ ଡାଏରୀ ଦିଆଯାଇଛି, ଯେଉଁଥିରେ ସେମାନେ ସେମାନଙ୍କ ଅନୁଭୂତି, ଭାବନା ଓ ରୋଗୀଙ୍କ ସହ ଜଡ଼ିତ ତଥ୍ୟ ଲେଖନ୍ତି। ପିଲାଙ୍କ ଡାଏରୀଗୁଡ଼ିକ ଯାଞ୍ଚ ହୁଏ। ଏଥିସହ ସବୁଠୁ ଭଲ ସେବା ପ୍ରଦାନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଏ। ଏନ୍‌ସିସି ଓ ରେଡ୍‌କ୍ରସ୍‌ରେ ଭାଗ ନେଉଥିବା ପିଲାଙ୍କୁ ଗ୍ରେସ୍ ମାର୍କ ମିଳିଥାଏ। ସେହିଭଳି କୁଟ୍ଟିକେୟାରରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ପିଲାଙ୍କୁ ମଧ୍ୟ ଦ୍ୱାଦଶ ପରୀକ୍ଷାରେ ଗ୍ରେସ୍ ମାର୍କ ମିଳିଥାଏ।



## 'ଲଭ୍ ଆଣ୍ଡ ୱାର୍' ଓଜନ କମାଇଲେ ରଣବୀର, ଭିକି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ବହୁତ ଜଲ୍‌ଦି 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ନଜର ଆସିବେ। ତାଙ୍କ ସହ ଭିକି କୌଶଲ ଓ ଆଲିଆ ଭଟ୍ଟ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ତେବେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବା ପୂର୍ବରୁ ଭିକି ଓ ରଣବୀର ସେମାନଙ୍କ ଶରୀରରେ ପରିବର୍ତ୍ତନ ଆଣିଛନ୍ତି। ଉଭୟ ସେମାନଙ୍କ ଚରିତ୍ରକୁ ପରଦା ଉପରେ ସଫଳ ରୂପାୟନ ପାଇଁ ଓଜନ ହ୍ରାସ କରିଛନ୍ତି। ରଣବୀର ପାଖାପାଖି ୧୨ କେଜି ଓଜନ ହ୍ରାସ କରିଥିବାବେଳେ ଭିକି ୧୫ କେଜି କମାଇଛନ୍ତି। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧପୃଷ୍ଠ ଭୂମି ଉପରେ ଗଢ଼ିଉଠିଥିବା ଏକ ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ। ସଞ୍ଜୟ ଲୀଳା ଭଂଶାଲୀ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏହାପୂର୍ବରୁ ରଣବୀର, ସଞ୍ଜୟଙ୍କ ଫିଲ୍ମ 'ସାଁୱରିୟା'ରେ କାମ କରିଥିଲେ। ତେବେ ଭିକି ପ୍ରଥମ ଥର ପାଇଁ ସଞ୍ଜୟଙ୍କ ସହ କାମ କରୁଛନ୍ତି। ଏହା ୨୦୨୬ରେ ପରଦାକୁ ଆସିପାରେ ବୋଲି କୁହାଯାଉଛି।

## ଦୋକାନରେ ନାହାନ୍ତି ଦୋକାନୀ

ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ କିଛି ଦୋକାନ ଏମିତି ଅଛି, ଯେଉଁଠି କୌଣସି ଦୋକାନୀ ନାହାନ୍ତି। ଏଠାରେ ଗ୍ରାହକଙ୍କ ହାତକୁ ଜିନିଷ ଦେବା ପାଇଁ ନା ଦୋକାନୀ ଥାଆନ୍ତି ନା ଦୋକାନକୁ ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ। ଏଠାରେ ଗ୍ରାହକଙ୍କ ଭରସାରେ ହିଁ ଦୋକାନ ଚାଲେ। ଗ୍ରାହକ ଦୋକାନକୁ ଆସନ୍ତି ଏବଂ ଟଙ୍କା ଦେଇ ଆବଶ୍ୟକ ଜିନିଷ କିଣନ୍ତି। ଏ ଲାଗି ସ୍ୱୟଂଚାଳିତ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଗ୍ରାହକ ମେସିନ୍‌ରେ ଟଙ୍କା ପୈଠ କରି ନିଜ ମନ ମୁତାବିକ ଜିନିଷ କିଣନ୍ତି। କେବଳ ଦୋକାନ ନୁହେଁ, ଏଠାରେ ଥିବା କିଛି ବାର୍ ବି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ। ଗ୍ରାହକଙ୍କୁ ପରଷିବା ପାଇଁ ଏଠାରେ ୱେଟର୍‌ଙ୍କ ସ୍ଥାନରେ ରୋବଟ୍ ଅଛନ୍ତି। ଲୋକେ ଦୋକାନରେ ଲାଗିଥିବା ମେସିନ୍‌ରେ ପେମେଣ୍ଟ କରିଥାନ୍ତି। ତେବେ ଦୋକାନରେ ଦୋକାନୀ ନ ରହିବାର ଏକ ନିର୍ଦ୍ଦିଷ୍ଟ କାରଣ ଅଛି। ସିଓଲରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ଏଭଳି ବ୍ୟବସ୍ଥାକୁ ପରିଚିତ କରାଯାଇଛି। ବିଶେଷକରି ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା ଦ୍ରୁତ ଭାବେ କମୁଛି। ଫଳରେ ଦୋକାନ ତଥା ଅନ୍ୟ ସ୍ଥାନରେ କାମ କରିବା ପାଇଁ ଲୋକଙ୍କ ଅଭାବ ପରିଲକ୍ଷିତ ହେଉଛି। ଶ୍ରମିକଙ୍କ ଅଭାବ ଯୋଗୁଁ ମଜୁରି ମଧ୍ୟ ବଢ଼ୁଛି। ଏଭଳି ସ୍ଥିତିରେ କୌଣସି ଦୋକାନୀ ଲୋକଙ୍କୁ ରଖିବା ପରିବର୍ତ୍ତେ ରୋବଟ୍‌କୁ ରଖୁଛନ୍ତି। ଯାହାକି ସେମାନଙ୍କୁ ଶସ୍ତା ଓ ସୁବିଧାଜନକ ହେଉଛି।



## ସାବିତ୍ରୀ ଅମାବାସ୍ୟା

ଆଜି ପବିତ୍ର ସାବିତ୍ରୀ ବ୍ରତ। ଏହାକୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରହନ୍ତି। ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ। ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ। ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା।

ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା' ସାବିତ୍ରୀ। ସ୍ୱାମୀଙ୍କର ନିରାମୟ ଜୀବନ ତଥା ମଙ୍ଗଳ କାମନା କରି ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିବାର ପ୍ରଥା ରହିଛି। ଅନ୍ନ ଜଳ ସ୍ପର୍ଶ ନ କରି ସଧବା ନାରୀମାନେ ଏହି ବ୍ରତ ପାଳନ କରି ସ୍ୱାମୀଙ୍କୁ ପୂଜା କରିବାର ପରମ୍ପରା ରହିଛି। ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ପୂଜା ଶେଷ ପରେ ଫଳାହାର କରନ୍ତି। ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ସୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା। ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ସ୍ୱାମୀଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।



## ସ୍ୱସ୍ତି

ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର କରନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନଅତାପ' କୁହାଯାଏ। ମେ ୨୫ରୁ ଏହା ଆରମ୍ଭ ହୋଇଛି ଏବଂ ଜୁନ୍ ୮ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପମାତ୍ରା ଅଧିକ ରହେ। କୁହାଯାଏ କି, ନୌତପା ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ। ଏହି ସମୟରେ ସୂର୍ଯ୍ୟଙ୍କ ଉପାସନା ମହତ୍ତ୍ୱ ରଖେ। ତେବେ ଜାତକରେ ସୂର୍ଯ୍ୟଙ୍କୁ ମଜଭୁତ କରିବା ପାଇଁ ନୌତପାରେ କିଛି ଉପାୟ ଆପଣାଇବା ଉଚିତ।

- ନୌତପା ସମୟରେ ନିତିଦିନ ସୂର୍ଯ୍ୟଦେବଙ୍କ ଆରାଧନା କରନ୍ତୁ।
- ଭୋର୍‌ରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ।
- ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।
- ନୌତପାରେ ଦହି, ନଡ଼ିଆ, ଜଳ, ଗୁଡ଼, ବସ୍ତ୍ର ଆଦି ଦାନ କରନ୍ତୁ।

### ନୌତପାରେ ସୂର୍ଯ୍ୟ ଉପାସନା



## ଜ୍ୟେଷ୍ଠ ମାସରେ ଜଳ ଦାନ

ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।


**ଜଳର ମହତ୍ତ୍ୱ:** ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

**ବିଷ୍ଣୁଙ୍କ ପ୍ରିୟ ମାସ:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।



## କାଚ ଭାଙ୍ଗିବା ଅଶୁଭ

ଘରେ କାଚ ଭାଙ୍ଗିବାକୁ ଅଶୁଭ ବୋଲି କୁହାଯାଏ। ଏହା ନକାରାତ୍ମକ ଶକ୍ତି, ଦୁର୍ଭାଗ୍ୟର କାରଣ ସାଜିଥାଏ। ତେବେ ବାସ୍ତୁ ଶାସ୍ତ୍ରରେ କାଚ ଭାଙ୍ଗିବା କେଉଁ ସଙ୍କେତ ଦିଏ, ସେ ସମ୍ପର୍କରେ ଜାଣିବା।




- ବାସ୍ତୁ ଶାସ୍ତ୍ର ଅନୁସାରେ, କାଚ ଭାଙ୍ଗିବା ଘରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହା ଦ୍ୱାରା ମାନସିକ ଅଶାନ୍ତି, ପାରିବାରିକ ଝଗଡ଼ା ଏବଂ ଅଶାନ୍ତି ବୃଦ୍ଧି ପାଏ।
- କାଚକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ ଭଙ୍ଗା କାଚ ରଖିବା ଲକ୍ଷ୍ମୀଙ୍କ ପ୍ରତି ଅସମ୍ମାନକୁ ସୂଚାଏ। ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜେ।
- ଭଙ୍ଗା କାଚ ପରିବାର ମଧ୍ୟରେ ଫାଟ ସୃଷ୍ଟି କରେ। ଏହା ପ୍ରେମ ଜୀବନକୁ ପ୍ରଭାବିତ କରିଥାଏ।
- ଶୁଭ କାର୍ଯ୍ୟରେ ବାଧା ସୃଷ୍ଟି କରେ। ଫଳରେ କାର୍ଯ୍ୟରେ ବାରମ୍ବାର ବାଧା ଆସେ।
- ଘର ଦର୍ପଣ କାଚ ଭାଙ୍ଗିବାକୁ ମଧ୍ୟ ଅଶୁଭ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟ ଆଣେ ଓ ଆତ୍ମବିଶ୍ୱାସକୁ ପ୍ରଭାବିତ କରେ।

## ଆଇପିଏଲ୍ ୧୮ : ସନ୍‌ରାଇଜର୍ସ ବନାମ ନାଇଟ୍ ରାଇଡର୍ସ

# କ୍ଲାସେନ, ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

ଦିଲ୍ଲୀ,୨୫।୫ (ଏଜେନ୍ସି)



ହେନ୍‌ରିକ୍ କ୍ଲାସେନ ଓ ଟ୍ରାଭିସ ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ଆଇପିଏଲ୍‌ର ୬୮ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୭୮ ରନ୍ ସଂଗ୍ରହ କରିଛି। ଏହା ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଓ ସର୍ବକାଳୀନ ଆଇପିଏଲ୍‌ରେ ତୃତୀୟ ସର୍ବାଧିକ ସ୍କୋର। ଏହା ପୂର୍ବରୁ ହାଇଦରାବାଦ୍ ଉଭୟ ରେକର୍ଡ କରିଥିଲା। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକୀୟ କ୍ଲାସେନ ୩୭ ବଲ୍‌ରେ ଶତକ ହାସଲ କରିବା ସହ ୩୯ ବଲ୍‌ରେ ୭ ଚୌକା ଓ ୯ ଛକା ସହ ୧୦୫ ରନ୍‌ରେ ଅପରାଜିତ ରହିଛନ୍ତି। ଆଇପିଏଲ୍ ଇତିହାସରେ କ୍ଲାସେନ ତୃତୀୟ ଯୁଗ୍ମ ଦ୍ରୁତତମ ଶତକ ହାସଲ କରିଛନ୍ତି। ତାଙ୍କ ବ୍ୟତୀତ ଟ୍ରାଭିସ ହେଡ୍ ୪୦ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହ ୭୬, ଅଭିଷେକ ଶର୍ମା ୧୬ ବଲ୍‌ରେ ୩୨, ଇଶାନ କିଶାନ ୨୦ ବଲ୍‌ରେ ୨୯ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ୩ଟି ବଡ଼ ପାର୍ଟନରସିପ୍ ହୋଇଛି। ଏହା ମଧ୍ୟରୁ ହେଡ୍ ଓ ଅଭିଷେକ ପ୍ରଥମ ୱିକେଟରେ ୪୧ ବଲ୍‌ରୁ ୯୨, ଦ୍ୱିତୀୟ ୱିକେଟରେ ହେଡ୍ ଓ କ୍ଲାସେନ ୮୩, ଚତୁର୍ଥ ୱିକେଟରେ କ୍ଲାସେନ ଓ କିଶାନ ମଧ୍ୟ ୮୩ ରନ୍ ଉଠାଇଥିଲେ। ଏହି ମୁକାବିଲା ପୂର୍ବରୁ ଉଭୟ ଦଳ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛନ୍ତି।

### ବିଜୟ ସହ କ୍ୟାପିଟାଲ୍ସର ଅଭିଯାନ ଶେଷ

ଜୟପୁର: ଚଳିତ ଆଇପିଏଲ୍‌ରେ ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟ ସହ ଅଭିଯାନ ଶେଷ କରିଛି। ଶନିବାର ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୬୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ମାତ୍ ଦେଇଛି। ଏହି ମ୍ୟାଚରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୨୦୬ ରନ କରିଥିଲା। ଜବାବରେ ଦିଲ୍ଲୀ ୩ଟି ବଲ୍ ବଳକା ଥାଇ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ଏଥିସହ ଦିଲ୍ଲୀ ୧୪ତମ ମ୍ୟାଚରୁ ୭ଟି ବିଜୟ ଓ ୬ ପରାଜୟ ଏବଂ ଗୋଟିଏ ମ୍ୟାଚ୍ ବାତିଲ ସହ ୧୫ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହି ବିଦାୟ ନେଇଛି। ପୂର୍ବରୁ ଦିଲ୍ଲୀ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିଲା। ଅପରପକ୍ଷରେ ପଞ୍ଜାବ ୧୩ତମ ମ୍ୟାଚରୁ ୪ର୍ଥ ପରଜାୟ ଓ ୮ ବିଜୟ ସହ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଗୁଜରାଟ ୧୮ ପଏଣ୍ଟ ସହ ଶୀର୍ଷରେ ରହିଛି। ୨୦୭ ରନର ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ସମସ୍ତ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ଇନିଂସ ସହାୟତାରେ ଶେଷ ଓଭରରେ ୪ ୱିକେଟ୍ ହରାଇ ୩ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଦିଲ୍ଲୀ ପକ୍ଷରୁ ସମୀର ରିଜଭୀ ୨୫ ବଲରେ ଅପରାଜିତ ୫୮ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୪, ଲୋକେଶ ରାହୁଲ ୩୫, ଅଧିନାୟକ ଫାଫ୍ ଡୁ ପ୍ଲେସିସ ୨୩, ପଦାର୍ପଣକାରୀ ସେଦ୍ଦିକୁଲ୍ଲା ଅଟଲ ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୧୮ ରନ କରିଥିଲେ। ବୋଲିଂରେ ପଞ୍ଜାବର ହରପ୍ରୀତ୍ ବ୍ରାରର ୨ଟି ଏବଂ ମାର୍କସ ଜାନସେନ ଓ ପ୍ରବୀଣ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସର କାମଚଳା ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଦ୍ୱିତୀୟ ଓଭରରେ ଓପନର୍ ପ୍ରିୟାଂଶ ଆର୍ଯ୍ୟ (୬ ରନ)ଙ୍କ ୱିକେଟ୍ ହରାଇଥିଲା। ମୁସ୍ତାଫିଜୁର ରେହମାନ ଦିଲ୍ଲୀକୁ ଏହି ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ପାଳି ଯୋଗୁ ପଞ୍ଜାବ ୮ ୱିକେଟ୍‌ରେ ୨୦୬ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟାସ ଆୟର ସର୍ବାଧିକ ୫୩ ରନ କରିଥିଲେ। ୩୪ ବଲ୍‌ର ପାଳିରେ ଆୟର ୫ ଚୌକା ଓ ୨ ଛକା ମାରିଥିଲେ।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +0.୬0୨ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +0.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +0.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +0.0୧୧ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +0.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -0.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪0 |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -0.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.0୩0 |

## ଫ୍ରେଞ୍ଚ ଓପନ୍ ଟେନିସ୍ ଆରମ୍ଭ

# ସାବାଲେଙ୍କା, ଝେଙ୍ଗଙ୍କ ଅଭିଯାନ ଆରମ୍ଭ



ପ୍ୟାରିସ,୨୫।୫(ସମିସ): ଐତିହାସିକ ରୋଲାଣ୍ଡ ଗ୍ୟାରସ୍ ଷ୍ଟାଡିୟମରେ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି। ଉଭୟ ପୁରୁଷ ଓ ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଏକକରେ ବିଜୟର ନ ୧ ଖେଳାଳି ତଥା ଟପ୍ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ୬-୧, ୬-୦ ସିଧା ସେଟ୍‌ରେ ରୁଷିଆର କାମିଲା ରାଖିମୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ୍ ୬-୪, ୬-୩ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ, ୧୩ତମ ସିଡ୍ ଏଲିନା ଭିଟୋଲିନା ତୁର୍କୀର ସେନେପ ସୋନମେଜଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଆମେରିକାର ୨୮ତମ ସିଡ୍ ଖେଳାଳି ପେଟୋନ ଷ୍ଟେର୍ଣ୍ଣସ ୦-୬, ୩-୬ ସେଟ୍‌ରେ ଜର୍ମାନୀର ଇଭା ଲିସ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ଟମି ପଲ୍

ପୁରୁଷ ଏକକରେ ଦ୍ୱାଦଶ ସିଡ୍ ଆମେରିକାର ଟମି ପଲ ପ୍ରଥମ ରାଉଣ୍ଡରେ ବିଜୟ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ପଲ୍ ୬-୭, ୬-୨, ୬-୩, ୬-୧ ମାରାଥନ ସେଟ୍‌ରେ ଡେନମାର୍କର ଏଲମେର ମୋଲୋରଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଫ୍ରାନ୍ସର ୩୧ତମ ସିଡ୍ ଜିଓଭାନି ଏମ୍‌ପେସି ପେରିକାର୍ଡ ୪-୬, ୬-୩, ୭-୬, ୬-୪ ସେଟ୍‌ରେ ବେଲଜିୟମର ଜିଜୋଉ ବେର୍ଗ୍‌ସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ୨୮ତମ ସିଡ୍ ଆମେରିକାର ବ୍ରାଣ୍ଡନ ନାକାସିମା ୬-୭, ୬-୪, ୧-୬, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ପ୍ରଥମ ରାଉଣ୍ଡରେ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ। ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ଆମେରିକାର ରେଇଲି ଓପେଲକା ୧-୬, ୬-୩, ୭-୫, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ପରାସ୍ତେ କରି ଅଗ୍ରଗତି କରିଛନ୍ତି। ସର୍ବିଆର ହମାଦ ମେଡଜେଡୋଭିକ ୬-୩, ୬-୩, ୭-୬ ସେଟ୍‌ରେ କାମିଲ୍ ମାଜଚରଜାକଙ୍କୁହ ହରାଇ ଅଗ୍ରଗତି କରିଛନ୍ତି।

## ମହିଳା ଚାମ୍ପିଅନ୍ସ ଲିଗ୍

# ବାର୍ସିଲୋନାକୁ ହରାଇ ଆର୍ସେନାଲ ଚାମ୍ପିଅନ

ଲିସ୍‌ବନ୍,୨୫।୫(ସମିସ): ମହିଳା ଚାମ୍ପିଅନ୍ସ ଲିଗ୍‌ରେ ଏଥର ଆର୍ସେନାଲ ମହିଳା ଦଳ ବାଜି ମାରିଛି। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଆର୍ସେନାଲ ୧-୦ ଗୋଲରେ ବାର୍ସିଲୋନାକୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ଦୀର୍ଘ ୧୮ ବର୍ଷ ପରେ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ପୂର୍ବରୁ ୨୦୦୭-୦୮ ସିଜିନରେ ଆର୍ସେନାଲା ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ସ୍ଥାନୀୟ ଇଷ୍ଟାଡିଓ ଜୋଶ ଅଲଭାଲଶଡଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାର୍ସିଲୋନ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟଦେବୀ ସହାୟ ହୋଇ ନଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବାର୍ସିଲୋନା ସଟ୍ ଓ ସଟ୍ ଅନ୍ ଟାର୍ଗେଟରେ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ମିଳିଥିବା ଗୋଲ ସୁଯୋଗର ସଦ୍‌ବ୍ୟବହାର କରିପାରି ନଥିଲା। ବଲ୍ ପଜେସନ, ପାସ୍ ଦେବାରେ ବାର୍ସିଲୋନା ଦୁଇଗୁଣ ଆଗରେ ରହିଥିଲା। ସେହିପରି ପାସ୍ ଆକ୍ୟୁରେସିରେ ଆର୍ସେନାଲ ସାମାନ୍ୟ ପଛରେ ରହିଥିଲା। ୟୁନିଅନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏନ (ୟୁଇଏଫ୍‌ଏ) ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ହାଇପ୍ରୋଫାଇଲ ମହିଳା ଲିଗ୍‌ରେ ୮ ଥର ଚାମ୍ପିଅନ ହୋଇ ଲିଅନ ସଫଳତମ ଦଳ ବିବେଚିତ ହେଉଛି।

## ଜର୍ମାନୀ କପ୍ ଫୁଟବଲ

# ୨୮ ବର୍ଷ ପରେ ଷ୍ଟର୍ଟଗାର୍ଟକୁ ପ୍ରଥମ ଟାଇଟଲ

ବର୍ଲିନ୍,୨୫।୫(ସମିସ): ଜର୍ମାନୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭିଏଫ୍‌ବି ଷ୍ଟର୍ଟଗାର୍ଟ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ ଷ୍ଟର୍ଟଗାର୍ଟ ୪-୨ ଗୋଲରେ ଥାର୍ଡ ଟାୟର ଦଳ ଅର୍ମିନିଆ ବିଏଲେଫେଲ୍ଡକୁ ପରାସ୍ତ କରି ଦୀର୍ଘ ୨୮ ବର୍ଷରେ ପ୍ରଥମ ଟାଇଟଲ ହାସଲ କରିଛି। ପୂର୍ବରୁ ୧୯୯୭ରେ ଷ୍ଟର୍ଟଗାର୍ଟ ପ୍ରଥମ ଜର୍ମାନ କପ୍ ଟାଇଟଲ ଜିତିଥିଲା। ସ୍ଥାନୀୟ ଅଲିମ୍ପିଆଷ୍ଟାଡିଅନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷ୍ଟର୍ଟଗାର୍ଟ ତରଫରୁ ଏଞ୍ଜୋ ମିଲୋଟ ୨୨ ଓ ୬୬ତମ ମିନିଟ୍‌ରେ ଦୁଇଟି, ନିକ ଓଲ୍ଟମେଡ୍ ୧୫ ଓ ଡେନିଜ ଉନଦାଭ ୨୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ସେହିପରି ଅର୍ମିନିଆ ତରଫରୁ ୮୨ତମ ମିନିଟ୍‌ରେ ଜୁଲିଆନ କାନିଆ ଗୋଲ ଦେଇଥିଲେ। କିନ୍ତୁ ୮୫ତମ ମିନିଟ୍‌ରେ ଷ୍ଟର୍ଟଗାର୍ଟର ଜୋଶା ଭାଗନୋମାନଙ୍କ ଆତ୍ମଘାତୀ ଗୋଲ ଫଳରେ ଅର୍ମିନିଆ ପରାଜୟ ବ୍ୟବଧାନ କମିଥିଲା।



## ଆସାମ ପ୍ରିମିୟର ଲିଗ୍

# କଳିଙ୍ଗ ୱାରିୟର୍ସ ଚାମ୍ପିଅନ



ଭୁବନେଶ୍ୱର, ୨୫।୫ (ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ଆସାମ ଚେସ୍ ପ୍ରିମିୟର ଲିଗ୍ ରବିବାର ଶେଷ ହୋଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ୱାରିୟର୍ସ ସର୍ବାଧିକ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଫ୍ରାଞ୍ଚାଇଜ୍‌ର ମାଲିକ ଅଲ୍ ଓଡ଼ିଶା ଚେସ ସଂଘ ରହିଛି। ଏହି ସଂଘର ସମ୍ପାଦକ ଦେବବ୍ରତ ଭଟ୍ଟଙ୍କ ନେତୃତ୍ୱରେ କଳିଙ୍ଗ ୱାରିୟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସଫଳତା ପାଇଛି। ଏହି ଦଳରେ ଜିଏମ୍ ଅଙ୍କିତ ରାଜପାରା, ଅମେୟ ଗୁପ୍ତା, ଅମ୍ଲାନ ମହନ୍ତ, ମୃଣ୍ମୟ ରାଜଖୋୱା ପ୍ରମୁଖ ଭାଗ ନେଇଛନ୍ତି। ଓଡ଼ିଆ ଖେଳାଳି ସିଏମ୍ ହର୍ଷିତ ରଞ୍ଜନ ସାହୁ ଓ ଏଫ୍‌ଏମ୍ ରାଜେଶ ନାୟକ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଦଳ ସର୍ବାଧିକ ୫.୫ ପଏଣ୍ଟ ପାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲା। ଅନ୍ୟ ଦଳଗୁଡିକ ହେଲେ ଆକ୍ସମ ରାଇନୋସ ଚେକ୍‌ମେଟ୍ସ, ରାଞ୍ଚି କ୍ୟାପିଟାଲ୍ସ, ସାଭୟ ଚେକ୍‌ମେଟ୍ସ, ନାଇଟ୍ ମୁଭର୍ସ, ଏଜୁ ହବ୍ ଚେକ୍‌ମେଟ୍ସ, ବିଟିଆର୍ ୱାରିୟର୍ସ ଓ ୯୧ ୟାର୍ଡ୍ସ କ୍ଲବ୍।

# ଟ୍ରଏ କୁଲେ ଭାରତ-ଏ ବୋଲିଂ କୋଚ୍

ମୁମ୍ବାଇ,୨୫।୫(ସମିସ): ଅଷ୍ଟ୍ରେଲିଆର ପୂର୍ବତନ ଘରୋଇ କ୍ରିକେଟର ଟ୍ରଏ କୁଲେ ଭାରତ-ଏ ଦଳର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ଆଗାମୀ ଇଂଲଣ୍ଡ ଗସ୍ତରେ ଦାୟିତ୍ୱ ବହନ କରିବେ। ରବିବାର ଭାରତ-ଏ ଦଳ ଇଂଲଣ୍ଡରେ ପହଞ୍ଚିଛି। କୁଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ରେ ବୋଲିଂ କୋଚ୍ ରହିଛନ୍ତି। ସେ ମଧ୍ୟ ଇଂଲଣ୍ଡର ବୋଲିଂ କୋଚ୍ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୨୦୦୫ ଆଶେଶ୍‌ରେ ୨-୧ରେ ସିରିଜ ବିଜୟୀ ହୋଇଥିଲା। ୫୭ ବର୍ଷୀୟ କୁଲେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଦ୍ରୁତ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ୨୦୨୨ ଫେବୃଆରୀରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଭାରତୀୟ ମହିଳା ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ହୃଷିକେଶ କାନିତକର ଭାରତ-ଏ ଦଳର ମୁଖ୍ୟ କୋଚ୍ ରହିଛନ୍ତି।



ଇଂଲଣ୍ଡ ଗସ୍ତରେ ଯାଇ ଲଣ୍ଡନରେ ପହଞ୍ଚିଥିବା ଭାରତ-ଏ କ୍ରିକେଟ ଦଳର ଖେଳାଳିମାନେ।


# ଓସିଏର ଅମ୍ପାୟାର ପଦୋନ୍ନତି ପରୀକ୍ଷା

କଟକ,୨୫।୫(ସମିସ): ଓଡିଶା କ୍ରିକେଟ ଆସୋସିଏସନ(ଓସିଏ)ର ଅମ୍ପାୟାର ପଦୋନ୍ନତି ପରୀକ୍ଷା ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଛି। ଏଥିରେ ଓସିଏର ୨୧ଜଣ ପ୍ୟାନେଲ ଅମ୍ପାୟାର ଅଂଶ ଗ୍ରହଣ କରିଥିଲେ। ବିସିସିଆଇର ବରିଷ୍ଠ ଅମ୍ପାୟାର ଅରୁଣ କୁମାର ବାସା ପରୀକ୍ଷା ପରିଚାଳନା କରିଥିଲେ। ରାଜ୍ୟରେ କ୍ରିକେଟର ବିକାଶ ଦିଗରେ ଓସିଏ ନିରନ୍ତର କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଅମ୍ପାୟାରମାନଙ୍କ କୌଶଳ ବିକାଶ ପାଇଁ ଏଭଳି ପରୀକ୍ଷା ହୋଇଥିବା ନେଇ ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।




## ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ


# ପେଞ୍ଚକ ସିଲାଟ୍‌ରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର,୨୫।୫(ସମିସ)

ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ୮ଟି ପଦକ ହାସଲ କରିଛି। ଏହି ଇଭେଣ୍ଟରେ ୨୦ ଜଣ ଓଡ଼ିଆ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଖେଳାଳିମାନେ ୩ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାର ସୋହିଲ ଗୁରୁଙ୍ଗ୍ ସୋଲୋ ଓ ଟେଣ୍ଡି ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଗାଣ୍ଡା ଓ ଉଭୟ ପୁରୁଷ ଓ ମହିଳା ରେଗୁ ଟିମ୍ କାଂସ୍ୟ ପଦକ ଜିତିଛନ୍ତି। ଅନିନ୍ଦିତା ପାତ୍ର ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ, ରୁଦ୍ର ପ୍ରତାପ ଷଡଙ୍ଗୀ ରତ୍ନ ଗିଲ୍ କାଂସ୍ୟ ପଦକଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଖେଳାଳିମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଦାୟିତ୍ୱର ରେଫ୍ରିସିପ୍ କରିଥିବାରୁ ଇଣ୍ଡିଆ ଫେଡେରେସନ ତରଫରୁ ସମ୍ମାନୀତ ହୋଇଥିଲେ। କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅନୁସଚିବ ବିଜୟ ସ୍ୱାଇଁ, ଓଏସ୍‌ଡି ଧିରଜ ପଟ୍ଟନାୟକଙ୍କ ସମେତ ସମାଜସେମୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧାର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ, ଆସୋସିଏସନ ଓଡ଼ିଶା ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପ-ସଭାପତି ମନୋରଞ୍ଜ ଭଞ୍ଜ, ଅରବିନ୍ଦ ନାୟକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏସୀୟ ଜୁ ଜିତ୍‌ସୁରେ ଅନୁପମାଙ୍କୁ ଦ୍ୱିତୀୟ ପଦକ



ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ ଭାରତ ପକ୍ଷରୁ ନବମ ଏସୀୟ ଜୁ ଜିତ୍‌ସୁରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୋର୍ଡାନ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ମହିଳା ୫୨ କିଲୋଗ୍ରାମ୍ କାଟାଗୋରୀରେ କଣ୍ଟାକ୍ଟରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅନୁପମା ଦ୍ୱିତୀୟ ପଦକ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି।

## ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍

କଟକ,୨୫।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ଗ୍ରୁପ-ବିର ମ୍ୟାଚ୍ ଶେଷ ହୋଇଛି। ଗ୍ରୁପ-ଏରୁ ଝାରସୁଗୁଡା ଏବଂ ଗ୍ରୁପ-ବିରୁ ଖୋର୍ଦ୍ଧା ଉଭୟ ୧୬ ପଏଣ୍ଟ ଲେଖାଏ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ। ଗ୍ରୁପ-ସି ଏବଂ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଦଳ ପ୍ରତିଯୋଗିତାକୁ ଓହ୍ଲାଇବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଗ୍ରାଉଣ୍ଡ ସମେତ ଅଡଶପୁର, ଡ୍ରିମସ, ସନସାଇନ ଏବଂ ବିଡାନାସୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚସୂଚୀ ରହିଛି। ସୋମବାର କଟକ-ଏ ଏବଂ କେନ୍ଦୁଝର, ବାଲେଶ୍ୱର ଓ ଢେଙ୍କାନାଳ, ପୁରୀ ଓ କନ୍ଧମାଳ, ଭୁବନେଶ୍ୱର-ଏ ଓ ରାଉରକେଲା, ଗଞ୍ଜାମ ଓ ବରଗଡ, ନୂଆପଡା ଏବଂ ପୁରୀ ମଧ୍ୟରେ ମୁକାବିଲା ହେବ।

## ୩୮ତମ ଭୁବନେଶ୍ୱର ସ୍କୁଲ ଓପନ ଚେସ୍

# ସତ୍ୟମ ଚାମ୍ପିଅନ, ପ୍ରୀତମ ରନର୍ସ ଅପ୍



ଭୁବନେଶ୍ୱର, ୨୫।୫ (ସମିସ): ସତ୍ୟମ ସ୍ୱରୂପ ସାହୁ ଓ ପ୍ରୀତମ ହୋତା ୩୮ତମ ଭୁବନେଶ୍ୱର ସ୍କୁଲ୍ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ୫ ରାଉଣ୍ଡରୁ ସର୍ବାଧିକ ୪.୫ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପ୍ରୀତମ ୪ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। ଏମାନଙ୍କ ପଛକୁ ୫ମ ସ୍ଥାନ ଯାଏ ଥିବା ପ୍ରତିଯୋଗୀ ମଧ୍ୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିସ ନନ୍ଦ ଗୋସ୍ୱାମୀ, କଟକ ମେଡିକାଲ ଡିଏଭି ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର (ଆଜି) ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍କୁଲ୍‌ର ପ୍ରିନ୍ସିପାଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଟାଟା ଷ୍ଟିଲର ଏରିଆ ମ୍ୟାନେଜର ସୁଶାନ୍ତ ରଥ ମୁଖ୍ୟ ଅତିଥି ଓ ଭୁବନେଶ୍ୱର ଚେସ ସଂଘ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

■ ଚତୁଃରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ

# ଚିଲିକୁ ହରାଇଲା କନିଷ୍ଠ ଭାରତୀୟ ମହିଳା ଦଳ



ରୋସାରିଓ,୨୫।୫(ସମିସ): ଆର୍ଜେଣ୍ଟିନାର ରୋସାରିଓ ଚାଲିଥିବା ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କନିଷ୍ଠ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଭାରତୀୟ ଦଳ ୨-୧ ଗୋଲରେ ଦକ୍ଷିଣ ଆମେରିକୀୟ ଦେଶ ଚିଲିକୁ ପରାସ୍ତ କରିଛି। ଭାରତ ପାଇଁ ଶୁଖବୀର କୌର ୩୯ତମ ଓ କନିକା ସିୱାଚ୍ ୫୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଚିଲି ତରଫରୁ ଜାଭେରିଆ ସାଏଞ୍ଜ ବିଂଶତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଭାରତ ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ଭାରତ ଏବେ ତା'ର ଦ୍ୱିତୀୟ ମୁକାବିଲାରେ ସୋମବାର ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଉରୁଗୁଏକୁ ଭେଟିବ।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ଫାଇନାଲ ହାରି ଶ୍ରୀକାନ୍ତ ରନର୍ସଅପ୍

କ୍ୱାଲାଲମ୍ପୁର,୨୫।୫(ସମିସ): ସ୍ଥାନୀୟ ଅକ୍ସିଆଟା ଏରିନାରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ଉପ- ବିଜେତା ହୋଇ ଅଭିଯାନ ଶେଷ କରିଛନ୍ତି। ରବିବାର ଅନୁଷ୍ଠିତ



ପୁରୁଷ ଏକକ ଫାଇନାଲ ମୁକାବିଲାରେ ଶ୍ରୀକାନ୍ତ ୧୧-୨୧, ୯-୨୧ ସିଧାସଳଖ ଗେମ୍‌ରେ ଚୀନ୍‌ର ଲି ସି ଫେଙ୍ଗଠାରୁ ମାତ୍ର ୩୬ ମିନିଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ୩୨ ବର୍ଷୀୟ ଶ୍ରୀକାନ୍ତ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲ କରିବାରେ ବିଫଳ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ଇଣ୍ଡିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ହୋଇଥିଲେ। ଶନିବାର ସେମିଫାଇନାଲରେ ସେ ଜାପାନର ବିଶ୍ୱର ୨୩ ନଂ ଖେଳାଳି ୟୁସି ତନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଶ୍ରୀକାନ୍ତ ଏବେ ବିଶ୍ୱ ମାନ୍ୟତାର ୪୭ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇ ବିଦାୟ ନେଇସାରିଥିଲେ।

**ଆଇପିଏଲ୍ ୧୮ | ଦମ୍ ଦେଖାଇଲେ ଯୁବ ଖେଳାଳି**

# ଶେଷ ମ୍ୟାଚ୍ ଜିତି ଶେଷରେ ରହିଲା ଚେନ୍ନାଇ

ଅହମ୍ମଦାବାଦ୍, ୨୫।୫ (ଏଜେନ୍ସି):



ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୮୩ ରନ୍‌ର ବୃହତ୍ ବ୍ୟବଧାନରେ ଟେବଲ ଟପ୍ପର ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ ସର୍ବବୃହତ୍ ରନ୍ ବ୍ୟବଧାନରେ ପରାଜୟ ସତ୍ତ୍ୱେ ଗୁଜରାଟ ୧୪ଟି ମ୍ୟାଚ ଖେଳି ୯ ବିଜୟ ଓ ୫ ପରାଜୟ ସହ ଅଭିଯାନ ଶେଷ କରିଛି। ଏହା ଫଳରେ ଦଳ ଏବେ ସୁଦ୍ଧା ୧୮ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପଞ୍ଜାବ କିଙ୍ଗ୍‌ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଶେଷ ମ୍ୟାଚ୍ ଜିତିପାରିଲେ ଟେବଲର ଟପ୍ପର ହେବେ। ଅନ୍ୟ ପକ୍ଷରେ ୫ଥରର ଚାମ୍ପିଅନ ଓ ୫ ଥରର ରନର୍ସ ଅପ୍ ଚେନ୍ନାଇ ୧୪ଟି ମ୍ୟାଚ୍‌ରୁ ୪ଟି ବିଜୟ ସହ ୮ ପଏଣ୍ଟ ପାଇଛି। ରାଜସ୍ଥାନ ମଧ୍ୟ ୮ ପଏଣ୍ଟ ପାଇଛି। କିନ୍ତୁ ଚେନ୍ନାଇ ସୁପର କିଙ୍ଗ୍‌ସର ଖରାପ ନେଟ ରନ୍ ରେଟ୍ ଯୋଗୁଁ ୧୦ଟି ଦଳ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଥିରେ କି ଚେନ୍ନାଇ ପଏଣ୍ଟ ଟେବଲର ଶେଷ ସ୍ଥାନ ସହ ଅଭିଯାନ ଶେଷ କରିଛି। ଏହି ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ମହେନ୍ଦ୍ର ସିଂ ଧୋନି ମଧ୍ୟ ଶାନ୍ତ୍ୱନାମୂଳକ ବିଜୟ ସହ ସିଜନ ଶେଷ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୧୦ଥର ଫାଇନାଲ ଖେଳିଥିଲେ ମଧ୍ୟ ଶେଷରେ ସେ ହାର ମାନି ନକରାତ୍ମକ ରେକର୍ଡ କରି ଚଳିତ ସିଜନ ଶେଷ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ୨୩ଟି ବଲ ଖେଳି ୪ ଚୌକା ଓ ୫ ଛକା ସହ ସର୍ବାଧିକ ୫୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକୀୟ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସମ୍ମାନ ମିଳିଛି।

| ଆଇପିଏଲ୍‌ରେ ଆଜି | |
|---|---|
| ପଞ୍ଜାବ ବନାମ ମୁମ୍ବାଇ | |
| ଜୟପୁର/ ରାତି ୭.୩୦ | ଷ୍ଟାରସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର |

## ନୁର, ଅଂଶୁଲଙ୍କ ଚମତ୍କାର ବୋଲିଂ

ଦୁଇ ବିଦେଶୀ ଖେଳାଳି ଡେଭନ କନୱେ (୫୨) ଓ ଡିୱାଲ୍ଡ ବ୍ରେଭିସ (୫୭)ଙ୍କ ଅର୍ଦ୍ଧଶତକ ବଳରେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୫ ୱିକେଟରେ ୨୩୦ ରନ୍ କରିଥିଲା। ଚଳିତ ସିଜନରେ ଦଳର ଏହା ସର୍ବାଧିକ ଦଳଗତ ସ୍କୋର ହୋଇଥିଲା। ଜବାବରେ ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ପ୍ରତିପକ୍ଷ ନୁର ଅହମ୍ମଦ୍ ଓ ଅଂଶୁଲ କାମ୍ବୋଜଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୯ଟି ବଲ୍ ବାକିଥାଇ ୧୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପ୍ରଥମଥର ଲାଗି ଦଳର ୩ଜଣ ଯାକ ଟପ୍ ଅର୍ଡର ବ୍ୟାଟର ଅଧିନାୟକ ଶୁବମନ ଗିଲ୍ (୧୩), ଜୋଶ ବଟ୍ଲର (୫) ଓ ସାଇ ସୁଦର୍ଶନ (୪୧) ବ୍ୟାଟିଂରେ ଫେଲ ମାରିଥିଲେ। ସୁଦର୍ଶନ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ ମଧ୍ୟ ଦଳକୁ ସେ ନକରାତ୍ମକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟ କୌଣସି ବ୍ୟାଟର ମଧ୍ୟ ଚେନ୍ନାଇ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ଶାହରୁଖ ଖାନ୍ (୧୯), ରାହୁଲ ତେୱାତିଆ (୧୪), ରାଶିଦ୍ ଖାନ୍ (୧୨) ଓ ଅଲରାଉଣ୍ଡର ଜେରାଲ୍ଡ କୋଏଜି (୫) ରନ୍ କରି ବିଫଳ ହୋଇଥିଲେ। ପୂର୍ବରୁ ଏମାନେ କିଛି ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ମିଳିତ ଭାବେ ଫେଲ୍ ମାରିଥିଲେ। ଚେନ୍ନାଇ ପକ୍ଷରୁ ଆଫଗାନ ସ୍ପିନର ଓ ହରିୟାଣାର ପେସ୍ ବୋଲର ଅଂଶୁଲ କାମ୍ବୋଜ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଏହା ଫଳରେ ନୁରଙ୍କ ୱିକେଟ ସଂଖ୍ୟା ଚଳିତ ସିଜନରେ ୨୪ରେ ପହଞ୍ଚିଛି। ଆଇପିଏଲ୍-୨୦୨୫ରେ ମଧ୍ୟ ସେ ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଛନ୍ତି।



## କନ୍‌ୱେ, ବ୍ରେଭିସ୍‌ଙ୍କ ଅର୍ଦ୍ଧଶତକ

ଏଠାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଟିମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚଳିତ ସିଜନରେ ବଦଳ ଖେଳାଳି ରୂପେ ଖେଳିଥିବା ଯୁବ ଓପନର କରିଥିବା ଆୟୁଷ ମହାତ୍ରେ ୧୭ ବଲ୍‌ରେ ୩୪ ରନ୍, ଉର୍ଭିଲ ପଟେଲ ୧୯ ବଲ୍‌ରେ ୧୯ ବଲ୍‌ରେ ୩୭ ଓ ବ୍ରେଭିସ୍ ୨୩ ବଲ୍‌ରେ ୫୭ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ୩ ବରିଷ୍ଠ ଖେଳାଳି ଡେଭନ କନୱେ ୩୫ ବଲ୍‌ରେ ୫୨, ଶିବମ ଦୁବେ ୮ ବଲ୍‌ରୁ ୧୭ ଓ ରବୀନ୍ଦ୍ର ଜାଡେଜା ୧୮ ବଲ୍‌ରୁ ଅପରାଜିତ ୨୧ ରନ୍ କରିବା ଫଳରେ ଦଳ ୮/୨୩୦ ରନ୍‌ର ଏକ ବିଶାଳ ସ୍କୋର କରିଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଚେନ୍ନାଇ ସୁପର କିଙ୍ଗ୍‌ସ : ୨୩୦/୫, ୨୦ ଓଭର** (ଡିୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨)।

**ଗୁଜରାଟ ଟାଇଟନ୍ସ : ୧୪୭/୧୦, ୧୮.୩ ଓଭର** (ସାଇ ସୁଦର୍ଶନ-୪୧, ଅର୍ଶାଦ୍ ଖାନ୍-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମ୍ମଦ୍-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

**ଆମେର୍ସଫୁର୍ଟରୁ ଜେନିଭା ପର୍ଯ୍ୟନ୍ତ**

# ଟାଇଟଲ ହାସଲରେ ବିରଳ ଶତକ



ସର୍ବିଆର ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଖେଳ ଜାରି ରଖିଥିଲେ ମଧ୍ୟ କିଂବଦନ୍ତୀ ଆଖ୍ୟା ଅର୍ଜନ କରିସାରିଛନ୍ତି। ଓପନ୍ ଏରାରେ ସେ ଆଉ ଏକ ବଡ଼ ଉପଲବ୍ଧୀ ହାସଲ କରି ବିଶ୍ୱ ଟେନିସରେ ନିଜର ପ୍ରଭୁତ୍ୱ ଜାହିର କରିଛନ୍ତି। ଜେନିଭା ଓପନ୍ ଏଟିପି ଟୁର ୨୫୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ସେ କ୍ୟାରିଅରର ୧୦୦ତମ ଏଟିପି ଟୁର ଟାଇଟଲ ଜିତିଛନ୍ତି। ଫାଇନାଲ ମୁକାବିଲାରେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ସେ ପୋଲାଣ୍ଡ ହୁବର୍ଟ ହୁରକାଜଙ୍କୁ ୫-୭, ୭-୬, ୭-୬ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଟେନିସରେ ୧୯୬୮ରେ ଓପନ୍ ଏରାର ପ୍ରାରମ୍ଭ ହୋଇଥିଲା। ଏହାପରେ ସବୁ ଖେଳାଳିଙ୍କୁ ଆମେଚର ଓ ପେସାଦାର ଟେନିଟର ୪ଟି ଗ୍ରାଣ୍ଡସ୍ଲାମରେ ଭାଗ ନେବାକୁ ଅନୁମତି ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ଲମ୍ବା ଯାତ୍ରା ନେଦରଲାଣ୍ଡସର ଆମେରର୍ସଫର୍ଟରୁ ଆରମ୍ଭ ହୋଇ ଏବେ ଜେନିଭାରେ ପହଚିଛି। ଅର୍ଥାତ ୨୦୦୬ରେ ଆମେର୍ସଫୁର୍ଟ୍‌ରେ ହିଁ ସେ ନିଜ କ୍ୟାରିଅରର ପ୍ରଥମ ଏଟପି ଟୁର ଟାଇଟଲ ହାସଲ କରିଥିଲେ ଓ ଇତିମଧ୍ୟରେ ୧୯ ବର୍ଷ ବିତି ଯାଇଛି। ଗତ ଗୁରୁବାର ଜୋକୋଭିଚ୍ ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଶେଷରେ ତାଙ୍କର ଏହି ୧୦୦ତମ ଟାଇଟଲ ସ୍ୱପ୍ନ ସାକାର ହୋଇଛି। ଗତ ମାଦ୍ରିଦ୍ ଓପନ୍‌ରେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ନିଜ କୋଚ୍ ବ୍ରିଟେନର ଆଣ୍ଡି ମୁରେଙ୍କଠାରୁ ସମ୍ପର୍କ ଛିନ୍ନ କରିଥିଲେ।

### ୧୦୦ କ୍ଲବରେ ୭ ଖେଳାଳି

ତାଙ୍କ ପୂର୍ବରୁ କେବଳ ସ୍ୱିଜରଲାଣ୍ଡର ରୋଜର ଫେଡରର ୧୦୩ ଓ ଆମେରିକାର ଜିମ୍ମି କର୍ଣ୍ଣର୍ସ ୧୦୯ ଟାଇଟଲ ହାସଲ କରି ଏହି ଏଲିଟ କ୍ଲବରେ ସ୍ଥାନ ପାଇଥିଲେ। ଏକଦା ଫେଡରର ମଧ୍ୟ ଜୋକୋଭିଚ୍‌ଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଅନପଟେ ମହିଳା ବିଭାଗରେ ମାର୍ଟିନ ନାଭ୍ରାତିଲୋଭା ୧୬୭, କ୍ରିସ୍ ଏଭର୍ଟ ୧୫୭ ଓ ଜର୍ମାନୀ ଷ୍ଟେଫି ଗ୍ରାଫ୍ ୧୦୭ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଏହି ୧୦୦ କ୍ଲବରେ ସ୍ଥାନ ପାଇଛନ୍ତି। ଉଭୟ ପୁରୁଷ ଓ ମହିଳା ଟେନିସକୁ ବିଚାର କଲେ ମୋଟ୍ ୭ ଜଣ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଟାଇଟଲ ଜିତି ଏହି ହଣ୍ଡ୍ରେଡ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି।

### ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତିବାରେ ପ୍ରଥମ

ଜୋକୋଭିଚ୍ ବିଶ୍ୱର ଏକମାତ୍ର ଖେଳାଳି ଭାବେ ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏଥିରେ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ବିଶ୍ୱର ପ୍ରାୟ ସବୁ ଟୁର୍ଣ୍ଣାମେନଟ୍‌ରେ ଟାଇଟଲ ଜିତିଛନ୍ତି।

### ଜୋକୋଭିଚ୍‌ଙ୍କ ୧୦୦ଟି ଟାଇଟଲ

| | |
|---|---|
| ଗ୍ରାଣ୍ଡସ୍ଲାମ | ୨୪ |
| ଏଟିପି ଫାଇନାଲ୍ସ | ୭ |
| ଏଟିପି ୧୦୦୦ ମାଷ୍ଟର୍ସ | ୪୦ |
| ଏଟିପି ୫୦୦ | ୧୫ |
| ଏଟିପି ୨୫୦ | ୧୩ |
| ଅଲିମ୍ପିକ୍ସ | ୧ |

### ସର୍ବାଧିକ ଟାଇଟଲ ହାସଲକାରୀ ଖେଳାଳି

| ଖେଳାଳି | ଦେଶ | ସଂଖ୍ୟା |
|---|---|---|
| ଜିମ୍ମି କର୍ଣ୍ଣର | ଆମେରିକା | ୧୦୯ |
| ରୋଜର ଫେଡରର | ସ୍ୱିଜରଲାଣ୍ଡ | ୧୦୩ |
| ନୋଭାକ ଜୋକୋଭିଚ୍ | ସର୍ବିଆ | ୧୦୦* |
| ଇଭାନ ଲେଣ୍ଡଲ | ଚେକ ଗଣରାଜ୍ୟ | ୯୪ |
| ରାଫେଲ ନାଦାଲ | ସ୍ପେନ୍ | ୯୨ |

### ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ

ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ ମଧ୍ୟ ଜୋକୋଭିଚ୍ ଅଲିମ୍ପିକ୍ସରେ ସଫଳତା ପାଇ ନଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଏକକରେ କାଂସ୍ୟ ପଦକ ହାସଲ କରିଥିଲେ ମଧ୍ୟ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ ଓ ଏ ନେଇ ତାଙ୍କର ଏକ ବଡ଼ ଅବଶୋସ ରହିଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ଏକକ ଫାଇନାଲରେ ସ୍ପେନ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

### ୨୫ତମ ଗ୍ରାଣ୍ଡସ୍ଲାମ ପାଇଁ ଫ୍ରେଞ୍ଚ୍ ଓପନ୍

୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ ଆଉ ଗୋଟିଏ ଟାଇଟଲ ହାସଲ କଲେ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ସୃଷ୍ଟି କରିବେ। ସେ ପୁରୁଷ ବିଭାଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତେବେ ଅଷ୍ଟ୍ରେଲିଆ ମହିଳା କିଂବଦନ୍ତୀ ମାର୍ଗାରେଟ୍ କୋର୍ଟ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତେଣୁ ଆଉ ଗୋଟିଏ ଟାଇଟଲ ଜିତିଥିଲେ ସେ କୋର୍ଟଙ୍କୁ ପଛରେ ପକାଇ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିବେ। ସୋମବାର ସେ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଭେଟି ଅଭିଯାନ ଆରମ୍ଭ କରିବେ।

# ରାମଲାଲାଙ୍କୁ ଦର୍ଶନ କଲେ ବୀରୁସ୍କା



ଅଯୋଧ୍ୟା,୨୫।୫(ସମିସ): ଟେଷ୍ଟରୁ କିଛିଦିନ ତଳେ ଅବସର ଘୋଷଣା କରିଥିବା ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଅଯୋଧ୍ୟା ଗସ୍ତ କରି ରାମଲାଲାଙ୍କ ଦର୍ଶନ କରିଛନ୍ତି। ରବିବାର ସକାଳ ୭ଟାରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ। କିନ୍ତୁ ରାମ ମନ୍ଦିରରେ ଦୁହିଁଙ୍କ ଫଟୋ ସାମ୍ନାକୁ ଆସିନାହିଁ। ରାମଲାଲାଙ୍କୁ ଦର୍ଶନ କରିବା ପରେ ଦୁହେଁ ହନୁମାନ ଗଡିରେ ପହଞ୍ଚିଥିଲେ। କୋହଲି ୧ କେଜି ୨୫ ଗ୍ରାମ୍‌ର ଲଡୁ ଓ ଫୁଲ ଚଢ଼ାଇଥିଲେ। ପୂଜାରୀ ତାଙ୍କୁ ଧଳା ରଙ୍ଗର ଫୁଲମାଳା ପିନ୍ଧାଇବା ସହ ଆଶୀର୍ବାଦ ଦେଇଥିଲେ। ସେହିପରି ଅନୁଷ୍କାଙ୍କୁ ପୂଜାରୀ ହଳଦିଆ ରଙ୍ଗର ମାଳା ପିନ୍ଧିବାକୁ ଦେଇଥିଲେ। ଅନୁଷ୍କାଙ୍କ ହାତଧରି କୋହଲି ମନ୍ଦିର ପରିକ୍ରମା କରିଥିଲେ। ଦୁହେଁ ସେଠାରେ ୨୦ ମିନିଟ୍ ରହିଥିଲେ। ହନୁମାନ ଗଡିରେ ମହନ୍ତ ହନୁମାନଙ୍କ ପ୍ରତୀମା ଉପହାର ପ୍ରଦାନ କରିଥିଲେ। ଉଲ୍ଲେଖଥାଉ କି, ଟେଷ୍ଟରୁ ସନ୍ୟାସ ନେବା ପରେ କୋହଲି ଓ ଅନୁଷ୍କା ବୃନ୍ଦାବନରେ ଯାଇ ସେଠାରେ ପ୍ରେମାନନ୍ଦ ଜୀ ମହରାଜଙ୍କୁ ସାକ୍ଷାତ କରିଥିଲେ। ପ୍ରେମାନନ୍ଦ ଜୀଙ୍କ ଆଶ୍ରମରେ ଦୁହେଁ ୨ ଘଣ୍ଟା ୨୦ ମିନିଟ୍ ସମୟ ବିତାଇଥିଲେ। ମେ ୧୨ ତାରିଖରେ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେହିପରି ଟି-୨୦ ବିଶ୍ୱକପ୍ ବିଜୟ ପରେ ସେ ଓ ରୋହିତ ଶର୍ମା କ୍ରିକେଟର ଏହି ଛୋଟ ଫର୍ମାଟ୍‌ରୁ ଅବସର ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS